୬ ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ପାଇଲେ ଶେଫାଳି ବର୍ମା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୩୧୮ ● ୧୬ ଡିସେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-318 ● 16th December 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

# ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ

**ଭୁବନେଶ୍ୱର, ୧୫।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କରିଛନ୍ତି। ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ।



- ପ୍ରଥମ ବର୍ଷ -୩୧ ହଜାରରୁ ୪୮ ହଜାର, ଦ୍ୱିତୀୟ ବର୍ଷ-୩୨ ହଜାରରୁ ୫୨ ହଜାର, ତୃତୀୟ ବର୍ଷ- ୩୩ ହଜାରରୁ ୫୫ ହଜାର
- ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ମଧ୍ୟ ବୃଦ୍ଧି
- ଅଗଷ୍ଟ ପହିଲାରୁ ପିଛିଲା ଭାବେ ଲାଗୁହେବ

ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି। ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି। ଏହି ବୃଦ୍ଧି ୬୭ ପ୍ରତିଶତ। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଜୋର୍ଡାନରେ ପ୍ରଧାନମନ୍ତ୍ରୀ ମୋଦୀ






**ନୂଆଦିଲ୍ଲୀ, ୧୫।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇ ସୋମବାର ଜୋର୍ଡାନରେ ପହଞ୍ଚିଛନ୍ତି। ଜୋର୍ଡାନ ରାଜଧାନୀ ଅମନରେ ପ୍ରଧାନମନ୍ତ୍ରୀ ବିମାନଯୋଗେ ଅବତରଣ କରିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜୋର୍ଡାନ ଗସ୍ତ ପରେ ପ୍ରଧାନମନ୍ତ୍ରୀ ଇଥିଓପିଆ ଏବଂ ଓମାନ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି।

ମୋଦୀ ଅମନରେ ପହଞ୍ଚିବା ପରେ ଜୋର୍ଡାନ ପ୍ରଧାନମନ୍ତ୍ରୀ ଜାଫର ହସନ ବିମାନବନ୍ଦରରେ ମୋଦୀଙ୍କୁ ସ୍ୱାଗତ କରିଥିଲେ। ଭାରତ ଏବଂ ଜୋର୍ଡାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ବର୍ଷ ପୂର୍ତ୍ତି ଅବସରରେ ମୋଦୀଙ୍କ ଏହି ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଲାଗି କିଛି ନୂଆ ଚୁକ୍ତି ହେବାର ସମ୍ଭାବନା ରହିଛି।

ଜୋର୍ଡାନ ରାଜା ଅବଦୁଲ୍ଲା ଇବନ ଅଲ ହୁସେନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଏହି ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ରାଜା ଅବଦୁଲ୍ଲାଙ୍କ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବଂ ଆଞ୍ଚଳିକ ବିକାଶ ଉପରେ ଆଲୋଚନା ହେବ। ଏହା ସହିତ ପ୍ରଧାନମନ୍ତ୍ରୀ ସେଠାରେ ବସବାସ କରୁଥିବା ଭାରତୀୟ ନାଗରିକଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ୧୬ ତାରିଖରେ ସେ ଇଥିଓପିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ରାଷ୍ଟ୍ରପତିଙ୍କୁ ପରିଚୟ ପତ୍ର ଦେଲେ ତିନି ଦେଶର ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ, ୧୫।୧୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋମବାର ଦିନ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ତିନି ଦେଶର ରାଷ୍ଟ୍ରଦୂତମାନେ ସେମାନଙ୍କ ପରିଚୟ ପତ୍ର ପ୍ରଦାନ କରିଛନ୍ତି।

ପରିଚୟ ପତ୍ର ଦେଇଥିବା ଦେଶମାନଙ୍କ ମଧ୍ୟରେ ଇରାନର ରାଷ୍ଟ୍ରଦୂତ ଡା. ମହମ୍ମଦ ଫତହଅଲ୍ଲି, ବ୍ରୁନେଇ ଦାରୁସ୍‌ସଲାମର ଉଚ୍ଚାୟୁକ୍ତ ସିତି ଆର୍ନିଫରିଜା ହାଜୀ ମହଦ୍ ଜାନୀ ତଥା ଫେଡରେଟେଡ ଷ୍ଟେଟ୍ସ ଅଫ୍ ମାଇକ୍ରୋନେସିଆର ରାଷ୍ଟ୍ରଦୂତ ଜନ୍ ଫ୍ରିଟ୍‌ଜ ସାମିଲ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ସମସ୍ତ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ପାଇଁ ଶୁଭକାମନା ଜଣାଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ସ୍ଲୋଗାନକୁ ନେଇ ସଂସଦରେ ହଙ୍ଗାମା

**ନୂଆଦିଲ୍ଲୀ, ୧୫।୧୨**

ରାମଲୀଳା ମଇଦାନରେ ଅନୁଷ୍ଠିତ କଂଗ୍ରେସ ରାଲିକୁ ନେଇ ସଂସଦର ଉଭୟ ସଦନରେ ସୋମବାର କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହି ହଟ୍ଟଗୋଳ ଯୋଗୁଁ ଉଭୟ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡିଥିଲା। ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅପମାନିତ କରିବା ପ୍ରସଙ୍ଗ ଉଠାଇଥିଲେ। ନଡ୍ଡା ସୋନିଆ ଗାନ୍ଧୀଙ୍କଠାରୁ କ୍ଷମା ମାଗିବା ପାଇଁ ମଧ୍ୟ ଦାବି କରିଥିଲେ।ସଦନର ନେତା ଜେ.ପି.ନଡ୍ଡା କହିଛନ୍ତି ଯେ ରବିବାର କଂଗ୍ରେସ ରାଲିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ସମ୍ମାନହାନି ସୂଚକ ସ୍ଲୋଗାନ ଦିଆଯାଇଥିଲା । ସେ କହିଛନ୍ତି ଯେ ଏହା କଂଗ୍ରେସର ଚିନ୍ତାଧାରା ଏବଂ ମାନବିକତାର



ସ୍ତରକୁ ନିମ୍ନଗାମୀ କରିଛି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଏପରି ବୟାନ ଦେବା ଏବଂ ତାଙ୍କ ମୃତ୍ୟୁ ଦାବି କରିବା ଅତ୍ୟନ୍ତ ନିନ୍ଦନୀୟ। ସେ କହିଛନ୍ତି ଯେ କଂଗ୍ରେସ ଏବଂ ସୋନିଆ ଗାନ୍ଧୀ ଦେଶ ନିକଟରେ କ୍ଷମା ମାଗିବା ଉଚିତ। କଂଗ୍ରେସ ଦେଶରେ ରାଜନୀତିର ସ୍ତରକୁ ଅତ୍ୟନ୍ତ ନିମ୍ନଗାମୀ କରିଛି।ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ, ଜଣେ ସଦସ୍ୟ ସଂସଦରେ କିଛି ହୋଇନଥିବା କହି ଚିତ୍କାର କରିଥିଲେ। ଏହି ସମୟରେ ଲୋକସଭାରେ, କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଥିଲେ ଯେ ରବିବାର କଂଗ୍ରେସ ରାଲିରେ ସମଗ୍ର ଦଳର ନେତୃତ୍ୱ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମୟରେ 'ପ୍ରଧାନମନ୍ତ୍ରୀ ମୋଦିଙ୍କ କବର ଖୋଳିଦିଅ' ଭଳି ସ୍ଲୋଗାନ ଦିଆଯାଇଥିଲା। 'ଏହି ଦେଶ ଏହାଠାରୁ ଲଜ୍ଜାଜନକ ଏବଂ ଦୁର୍ଭାଗ୍ୟଜନକ ଘଟଣା ସହିପାରିବ ନାହିଁ।' ରିଜିଜୁ କ୍ଷମା ମାଗିବା ପାଇଁ ଆହ୍ୱାନ ଦେବା ସମୟରେ, ଗୃହରେ ଉପସ୍ଥିତ ଅନ୍ୟ ସାଂସଦ ଏବଂ ମନ୍ତ୍ରୀମାନେ ମଧ୍ୟ ସମର୍ଥନରେ ବକ୍ତବ୍ୟ ରଖିଥିଲେ। ଅର୍ଜୁନ ରାମ ମେଘୱାଲ, କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଏବଂ ଅନ୍ୟ ଅନେକ ବିଜେପି ସାଂସଦ ଏକମତ ଭାବରେ କଂଗ୍ରେସ ଦଳଠାରୁ କ୍ଷମା ମାଗିବାକୁ ଦାବି କରିଥିଲେ।

## ଓଡ଼ିଶା ପୁଲିସର ନୂଆ ୱେବସାଇଟ୍ ଲୋକାର୍ପିତ

**କଟକ, ୧୫।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ଲୋକସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍ କୁ ଲୋକାର୍ପଣ କରିଛନ୍ତି । ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ । ଆଗାମୀ ଦିନରେ ସାଧାରଣ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଏହି ୱେବ ସାଇଟଟି ବହୁ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା




ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି ।

ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା, ବାର୍ତ୍ତା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଚାର୍ଜସିଟ୍ ଦାଖଲ।
- ସରଣ୍ଡା ଜଙ୍ଗଲରେ ଦୁଇ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ଦୁଇ କୋବ୍ରା ଯବାନ ଆହତ।
- ବିଜୁ ଏକ୍ସପ୍ରେସୱେରେ ଭୟାବହ ସଡ଼କ ଦୁର୍ଘଟଣା, ଏକ ଗାଡ଼ି ଧକ୍କାରେ ଦୁଇ ଜଣ ମାମୁଁଭାଇଙ୍କ ମୃତ୍ୟୁ।
- ମୟୂରଭଞ୍ଜ ଜଙ୍ଗଲ ଅଞ୍ଚଳରେ ସନ୍ଦେହଜନକ ବିସ୍ଫୋରଣ ହେତୁ ଗୋଟିଏ ହାତୀ ଗୁରୁତର ଭାବେ ଆହତ।
- ଯୁବତୀଙ୍କ ମୃତଦେହ ସହର ଅଞ୍ଚଳରୁ ଉଦ୍ଧାର, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ।
- ପୋକୁଣ୍ଡା ସେକ୍ସନରେ ଦନ୍ତା ହାତୀର ମୃତ୍ୟୁ, ତଦନ୍ତ କରୁଛି ବନବିଭାଗ।
- ଅବୈଧ ଖଣିଜ ଉତ୍ତୋଳନ ବିରୋଧରେ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ।

## ଭୁବନେଶ୍ୱରରେ ହେବ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର

**ଭୁବନେଶ୍ୱର, ୧୫।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ, ଯାହା ପାଇଁ ଓଡିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ।

ସୂଚନାଯୋଗ୍ୟ ଯେ, ଆନ୍ତର୍ଜାତିକ ଭିସା ପାଇବା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା।




ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବୀ ରହିଆସୁଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

# ଲାଲ୍ କରିଡରରୁ ନକ୍ସଲମୁକ୍ତ ଭାରତ

**ନୂଆଦିଲ୍ଲୀ, ୧୫।୧୨**

ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବାମପନ୍ଥୀ ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ପ୍ରତିରକ୍ଷା ରଣନୀତି ଆପଣାଇଛନ୍ତି। ଯୋଜନାବଦ୍ଧ ହସ୍ତକ୍ଷେପ ଏବଂ ସୁରକ୍ଷାବାହିନୀଙ୍କର ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଯୋଗୁ ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୨୦୧୪ରେ ୧୨୬ରୁ ୨୦୨୫ରେ ୧୧କୁ ଖସି ଆସିଛି।

ସେହିପରି ସବୁଠୁ ପ୍ରଭାବିତ ଜିଲ୍ଲାଗୁଡ଼ିକର ସଂଖ୍ୟା ୩୬ରୁ ୩କୁ ହ୍ରାସ ପାଇଛି। ପୂର୍ବରୁ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କେରଳ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର କିଛି ଭାଗକୁ ଲାଲ୍ କରିଡର କୁହାଯାଉଥିଲା। ବର୍ତ୍ତମାନ ଏହାର ପ୍ରଭାବ



ଅତ୍ୟନ୍ତ ସୀମିତ ହୋଇଯାଇଛି।

ମାଓ ହିଂସା ଘଟଣା ୨୦୦୪-୧୪ ମଧ୍ୟରେ ୧୬,୪୬୩ ଥିବା ବେଳେ ୨୦୧୪-୨୦୨୪ ଅବଧିରେ ୫୩% ହ୍ରାସ ପାଇ ୭,୭୪୪ରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ସଂଖ୍ୟା ୧,୮୫୧ରୁ ୭୩% ହ୍ରାସ ପାଇ ୫୦୯ରେ ପହଞ୍ଚିଛି । ସେହିପରି ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୭୦% ହ୍ରାସ ପାଇ ୪,୭୬୬ରୁ ୧,୪୯୫ରେ ପହଞ୍ଚିଛି।

୨୦୨୫ରେ ୩୧୭ ନକ୍ସଲ ନିହତ ହୋଇଥିବା ବେଳେ ୮୬୨ ଜଣ ଗିରଫ ଏବଂ ୧,୯୭୩ ଜଣ ଆତ୍ମସମର୍ପଣ କରିଛନ୍ତି। ୨୦୨୪ରେ ୨୯୦ ଜଣ ନିହତ, ୧,୦୯୦ଜଣ ଗିରଫ ଏବଂ ୮୮୧ ଜଣ ଆତ୍ମସମର୍ପଣ କରିଥିଲେ। ମୋଟ୍ ୨୮ଜଣ ଶୀର୍ଷ ମାଓନେତା ନିହତ ହୋଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ୬ ଜଣ *(ପୃଷ୍ଠା ୭ରେ)*

## ବିଜେପିର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କଲେ ନୀତିନ ନବୀନ

**ନୂଆଦିଲ୍ଲୀ, ୧୫।୧୨**

ଭାରତୀୟ ଜନତା ପାର୍ଟିର ନବନିଯୁକ୍ତ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ସୋମବାର ଦିନ ଦଳୀୟ ମୁଖ୍ୟାଳୟରେ ତାଙ୍କର ସରକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦଳର ଜାତୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ଅବସରରେ ଉପସ୍ଥିତ ଥିଲେ। ସେମାନେ ନବନିଯୁକ୍ତ କାର୍ଯ୍ୟକାରୀ ସଭାପତିଙ୍କୁ ସ୍ୱାଗତ କରିଥିଲେ ।

ବିଜେପିର ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ପରେ ବିଜେପି ମୁଖ୍ୟାଳୟରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନୀତିନ ନବୀନ ଅପରାହ୍ନ ୪ଟାରେ ମୁଖ୍ୟାଳୟରେ ପହଞ୍ଚିଥିଲେ, ଯେଉଁଠାରେ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଭିତରେ ଗଡବଡ ଏଇଠି ଭାଇନା
ଉପର ବି ଦୁରୁବଳ
ଉପର ସିଡିଟା ଭାଙ୍ଗି ଖୋତରିଛି
ଚାଲେ ଗୋଡଟଣା ଖେଳ
କୂଟକପଟ ଛଳର ଦଳ
କର୍ପୂର ଉଡିଛି କନା ଖଣ୍ଡକରୁ
କାଗଜର ମହାବଳ।

# ପରବର୍ତ୍ତୀ ମୁଖ୍ୟ ସଚିବ କିଏ : ଖୁବ୍‌ଶୀଘ୍ର ନିଷ୍ପତ୍ତି




**ଭୁବନେଶ୍ୱର, ୧୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଜାନୁଆରୀ ପହିଲାରୁ କିଏ ଧରିବେ ରାଜ୍ୟ ପ୍ରଶାସନର ମଙ୍ଗ ? ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ହେବ ନା ନୂଆ କାହାକୁ ଏହି ପଦବୀରେ ବସାଯିବ ? ମୁଖ୍ୟ ଶାସନ ସଚିବ ବାଛିଲା ବେଳେ ଓଡ଼ିଆ-ଅଣଓଡ଼ିଆ ପ୍ରସଙ୍ଗ ପୁଣି ସାମନାକୁ ଆସିବ କି ?

ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ପଦବୀ ପାଇଁ ଏମିତି ପ୍ରଶ୍ନବାଚୀ ଏବେ କ୍ଷମତା କରିଡରରେ ଚର୍ଚ୍ଚା ଧରିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ ତାରିଖରେ ଶେଷ ହେଉଛି। ତେଣୁ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବଙ୍କୁ ନେଇ ଚର୍ଚ୍ଚା, ଲବି ଆରମ୍ଭ ହୋଇଗଲାଣି।

ରାଜ୍ୟରେ ବିଜେପି ସରକାର ଆସିଲା ପରେ ଗତ ବର୍ଷ ଜୁଲାଇ ୧ରେ ଶ୍ରୀ ଆହୁଜା ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଥିଲେ। ସେତେବେଳେ ସେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିଲେ। ମୁଖ୍ୟ ଶାସନ ସଚିବ ପଦବୀ ପାଇଁ ଯେଉଁ ନାମ ସବୁ ଚର୍ଚ୍ଚା ହେଉଥିଲା, ସେଥିରେ ଶ୍ରୀ ଆହୁଜା ଆଦୌ ନଥିଲେ। କିନ୍ତୁ ତାଙ୍କୁ ଡେପୁଟେସନରୁ ଫେରାଇ ଆଣି ହଠାତ୍ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦିଆଗଲା। ବହୁ ବର୍ଷ ବ୍ୟବଧାନ ପରେ ଜଣେ ଅଣଓଡ଼ିଆ ଆଇଏଏସ୍ ଅଧିକାରୀ ମୁଖ୍ୟ ଶାସନ ସଚିବ ହେଲେ। 'ଓଡ଼ିଆ ଅସ୍ମିତା'ର *(ପୃଷ୍ଠା ୭ରେ)*

## ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ

**ମାଲକାନଗିରି, ୧୫।୧୨**
**ନ୍ୟୁଜ୍ ବ୍ୟୁରୋ**

ଗତ ୯ ଦିନ ଧରି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିଲା। ସୋମବାର ଦିନ ୧୨ଟାରେ ଇଣ୍ଟରନେଟ୍ ଆସିବା ପରେ ଲୋକଙ୍କ ଖୁସି କହିଲେ ନସରେ। ପ୍ରକାଶ ଥାଉକି କୋରକୋଣ୍ଡା ଥାନା ଅନ୍ତର୍ଗତ ରାଖଲଗୁଡା ଗ୍ରାମର ଲାକେ ପୋଡ଼ିଆମିଙ୍କୁ ହତ୍ୟା ପରେ ଆଦିବାସୀ ଗର୍ଜି ଥିଲେ। ନିକଟସ୍ଥ ଏମଭି-୨୬ ନମ୍ବର ଗାଁରେ ପୋଡ଼ାଜଳା ସହ ଭଙ୍ଗାରୁଜା କରିଥିଲେ। ଯାହାଫଳରେ ଉତ୍ତେଜନା ତୀବ୍ର ହୋଇଥିଲା। ଯାହାକୁ ନେଇ ପ୍ରଶାସନ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦେଇଥିଲେ। ସୋମବାର ଇଣ୍ଟରନେଟ୍ ଆସିବା ପରେ ଲୋକେ ଆଶ୍ୱସ୍ତି ଲାଭ କରିଥିଲେ।

ମାଲକାନଗିରିଜିଲ୍ଲା ପ୍ରଶାସନ ଜିଲ୍ଲାରେ ସୋସିଆଲ ମିଡିଆ ଦ୍ୱାରା ହିଂସା ବ୍ୟାପିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଷଷ୍ଠ ଥର ଲାଗି ଇଣ୍ଟରନେଟ୍ ବ୍ୟାନକୁ ପୁଣି ୩୬ ଘଣ୍ଟା ପାଇଁ ବୃଦ୍ଧି କରିଥିଲେ। ଯାହା ଦ୍ୱାରା ଡିସେମ୍ବର ୧୫ ତାରିଖ ଦିନ ୧୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିଥିଲା।

ଇଣ୍ଟରନେଟ୍ ସେବା ବନ୍ଦ ସମୟସୀମା ବୃଦ୍ଧି। ଡିସେମ୍ବର ୮ ତାରିଖରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ *(ପୃଷ୍ଠା ୭ରେ)*





# ରେଡକ୍ରସ ତାଲିମକୁ ଜୀବନରେ ଉପଯୋଗ କରି ଆଗକୁ ବଢିବାକୁ ପରାମର୍ଶ




ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୁବର୍ଣ୍ଣପୁର ଜିଲ୍ଲାର ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ଠାରେ ତିନି ଦିନ ଧରି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ରାଜ୍ୟ ଜୁନିଅର ରେଡକ୍ରସ ଅଫିସର ଧର୍ମସିଂ ମିଶ୍ର ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜୁନିଅର ରେଡକ୍ରସର ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ଅଧକ୍ଷତା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲାର ଜେଆରସି ସମ୍ପାଦକ ତଥା ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ରେଡକ୍ରସ ଉପ ସଭାପତି ଗତିକୃଷ୍ଣ ମିଶ୍ର ଶିବିରାର୍ଥୀ ମାନଙ୍କୁ ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତାକୁ ପାଥେୟ କରି ପାଇଥିବା ତାଲିମକୁ ଜୀବନରେ ଉପଯୋଗ ପୂର୍ବକ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡା, ସୋନପୁର ତଥା ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ସୋନପୁର ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ଅଧାପକ ଉଦ୍ଧବ ପ୍ରଧାନ, ରାଜ୍ୟ ପୁରସ୍କାର ପ୍ରାପ୍ତ ଫାଷ୍ଟ ଏଡର ରାମ ନାରାୟଣ ଦାଶ, ଦୁର୍ଯ୍ୟୋଧନ ପଶାୟତ, ବରଗଡ ଜେଆରସିଓ ହେମନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ହୋଇଥିବା ରକ୍ତଦାନ ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହିତ ହୋଇଥିଲା । ଏହି ଶିବିରରେ ୪୨୫ ଜଣ ଜୁନିଅର ଏବଂ ୧୪୩ ଜଣ ପରାମର୍ଶ ଦାତା ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିବିର ପରିଚାଳନାରେ ବିସିସି ଗୋପେଶ ପଣ୍ଡା, ବିଶ୍ୱନାଥ ପାଣିଗ୍ରାହୀ, ପବିତ୍ର ବାରିକ, ନିମେଇଁ ଚରଣ ମଲ୍ଲିକ, ବିଜୟ ପଣ୍ଡା, ବୈକୁଣ୍ଠନାଥ ନାୟକ, ସାଧନ କର୍ମୀ ଚନ୍ଦ୍ର ଶେଖର ମହାପାତ୍ର, ହୃଷିକେଶ ଡାଙ୍ଗ, ତପସ୍ୱିନୀ ଦାଶ, ଶେଷଦେବ ଛତର, ଆଶିଷ ନାଏକ, ହୃଷିକେଶ ଚାନ୍ଦ, ଜଗଦୀଶ ଦାଶ, ବାସୁଦେବ ବିଶି, ବନବାସ ମେହେର, ସୁବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶିବିରକୁ ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣୀ ବାଘ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ମଞ୍ଚକଳାକୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଗୁରୁତ୍ୱ



ବ୍ୟାସନଗର,ନ୍ୟୁଜ ବ୍ୟୁରୋ : ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ପୀଠ ଠାରେ ହିଙ୍ଗୁଳା ନାଟ୍ୟ ପରିଷଦ – ଶଙ୍ଖଚିଲା ତରଫରୁ ଗ୍ରାମାଞ୍ଚଳରେ ଦିନକୁ ଦିନ ହଜି ଯାଉଥିବା ମଞ୍ଚ କଳାର ପ୍ରୋତ୍ସାହନ ନିମନ୍ତେ ଅଞ୍ଚଳର କଳାକାରମାନଙ୍କୁ ନେଇ ପୁନର୍ବାର ଦୀର୍ଘ ୨୫ ବର୍ଷ ପରେ ପୁଣି ସଙ୍ଗଠିତ ହୋଇ ଆସନ୍ତା ଶଙ୍ଖଚିଲା ମହୋତ୍ସବରେ ଚାରି ଦିନିଆ ମଞ୍ଚ ନାଟ୍ୟକଳା ପ୍ରଦର୍ଶନ ପାଇଁ ପ୍ରଥମ ନାଟକ ଜନମ ନେଇଛି କାନ୍ଦିବା ପାଇଁ ଶୁଭ ମହୁରତ ଅବସରରେ ମା ହିଙ୍ଗୁଳାଙ୍କ ପାଖେ ବହି ପୂଜନ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆଶୁତୋଷ ବାରିକ୍ ଓ ମାନସ ଭୂୟାଁ, ଉପଦେଷ୍ଟା ଅକ୍ଷୟ କୁମାର ଜେନା, ପଦ୍ମନାଭ ମହଲା, କାହ୍ନୁ ଚରଣ ବେହେରା, ସଭାପତି ପ୍ରମୋଦ କୁମାର ନାୟକ, ଉପସଭାପତି ଦେବାଂସୁ ମଲିକ, ସମ୍ପାଦକ ସୋମ୍ୟବ୍ରତ ସାହୁ , ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସାହୁ, ସହ ସମ୍ପାଦକ ସୁରଜ୍ କୁମାର ନାୟକ, କୋଷାଧକ୍ଷ ମାନସ କୁମାର ସାହୁ (ବାପି), ନିମାଇଁ ଚରଣ ସାହୁ ସହ କୋଷାଧକ୍ଷଙ୍କ ଉପସ୍ଥିତିରେ ନଡିଆ ବାଡେଇ ଶୁଭାରମ୍ଭ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଅବିନାଶ ସାହୁ, ଶିଶିର ସାହୁ, କୁଶ ଗୁରୁ, ପ୍ରଭାକର ନାୟକ, ପ୍ରଦୀପ ସାହୁ, ରମେଶ ମଲିକ, ଆଲୋକ ପୃଷ୍ଟି, ରବୀନ୍ଦ୍ର ସାହୁ, ବିଜୟ ସାହୁ, ଅଜୟ ପଥାଳ, ଚିନ୍ମୟ ସାହୁ, ବିଶ୍ୱନାଥ ସାହୁ, ଭଗବାନ ସାହୁ, ବିଶ୍ୱକେଶନ ସାହୁ, ଭୃଗୁ ରାମ ସାହୁ, ହରିହର ବେହେରା, ଦିଲିପ୍ ସାହୁ, ଦିବ୍ୟ ଜୀବନ ସାହୁ, ଦୀପକ ସାହୁ, ଦୀପକ ଗୁରୁ,ପିତାମ୍ବର ବେହେରା, ସନ୍ତୋଷ ଜେନା, ନଟବର ସାହୁ, ଦୁର୍ଗା ଶଙ୍କର ପାଢୀ, ଆଲୋକ ସାହୁ, ପ୍ରଣୟ ପଥାଳ, ସହଦେବ ସାହୁ, ସୁଧାଂଶୁ ସାହୁ, ନୀଳମଣି ପୃଷ୍ଟି ପ୍ରମୁଖ ଭାଗନେଇ ଥିଲେ। ଶେଷରେ ସମସ୍ତ ନୂତନ କର୍ମକର୍ତ୍ତା ମଣ୍ଡଳୀ ଓ ବରିଷ୍ଠ କଳାକାର ଏବଂ ଦୁଇ ନିର୍ଦ୍ଦେଶକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବୌଦ୍ଧ ଜିଲ୍ଲା ଟ୍ରକ ମାଲିକ ସଂଘରେ ବିବାଦ
# ସଂଘ କାର୍ଯ୍ୟାଳୟରେ ତାଲା ପକାଇଲେ ସଦସ୍ୟ



ବୌଦ୍ଧ,ନ୍ୟୁଜ ବ୍ୟୁରୋ : ବୌଦ୍ଧ ଜିଲ୍ଲା ଟ୍ରକ ମାଲିକ ସଂଘରେ ବିଭିନ୍ନ ଅବ୍ୟବସ୍ଥା ଓ କମର୍କର୍ତ୍ତାଙ୍କ ମନମୁଖି କାର୍ଯ୍ୟକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କିଛି ସଦସ୍ୟ ସଂଘର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରି ଷ୍ଟେଟ୍ ବ୍ୟାଙ୍କ ନିକଟରେ ଏକ ଗୋଷ୍ଠୀ କେନ୍ଦ୍ରରେ ଚାଲିଥିବା କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି । ଶୁକ୍ରବାର ମଧ ପ୍ରତିବାଦ ଜାରି ରଖି ସେମିତି ତାଲା ପଡି ରହିଥିବା ଦେଖିବାକୁ ମିଳିଛି । ମାଲ ପରିବହନ ଓ ଭଡା ଆବଣ୍ଟନରେ ପାତର ଅନ୍ତର କରାଯାଉଥିବା, ସଂଘର ବିଭିନ୍ନ ଘଟଣାରେ ସଦସ୍ୟ ମାନଙ୍କୁ ଅନ୍ଧାରରେ ରଖା ଯାଉଥିବା, ପ୍ରକୃତରେ ଏହି ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ଏକ ଗୋଷ୍ଠୀ କେନ୍ଦ୍ର ଏବଂ ଏଠାରେ ଅନେକ ବିଧାୟକ ଏବଂ ସାଂସଦ ପାଣ୍ଠି ବିନିଯୋଗ ହୋଇଛି ବୋଲି ବରିଷ୍ଠ ସଦସ୍ୟ ଅଜୟ କୁମାର ପଣ୍ଡା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଟ୍ରକ ମାଲିକ ସଂଘ ଏକ ପଞ୍ଜିକୃତ ଅନୁଷ୍ଠାନ ହୋଇଥିବା ହେତୁ ଏ ସମସ୍ୟା ସଂପର୍କରେ ପଞ୍ଜିକରଣ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ସଂଘର ସଦସ୍ୟମାନେ ଦାବି କରିଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତ : ୮୫୬ ମାମଲାରୁ ୫୪ ଲକ୍ଷ ୧୭ ହଜାର ଟଙ୍କା ଜରିମାନା ଆଦାୟ




ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ଚତୁର୍ଥ ଜାତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରାଧିକରଣର ସଭାପତି ତଥା ଜିଲ୍ଲା ଓ ଦୌରା ଜଜ ଧନୁର୍ଦ୍ଧର ସେନାପତିଙ୍କ ପ୍ରତାକ୍ଷ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୫୬ ଟି ବିଭିନ୍ନ ମାମଲା ର ଫଇସଲା କରାଯାଇ ମୋଟ ୫୪ ହଜାର ୧୭ ଲକ୍ଷ ୬୩୪ ଟଙ୍କା ଜରିମାନ ଆଦାୟ କରାଯାଇଥିଲା । ଏଥିରେ ଫ୍ୟାମିଲି କୋର୍ଟ ଜଜ ପ୍ରଶାନ୍ତ କୁମାର ମିଶ୍ର, ଏଡିଜେ ଦିଲ୍ଲୀପ କୁମାର ବିଶ୍ୱାଳ, ସିଜେଏମ ବିଶ୍ୱ ବିଶ୍ରୁତା କର, ରେଜିଷ୍ଟ୍ରାର ପ୍ରଜ୍ଞା ପ୍ରମିତା ପ୍ରତିହାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସେକ୍ରେଟାରୀ ଦେବାଶିଷ ଦାଶ, ସବ ଜଜ ଗଗନ ସାହୁ, ସବ ଜଜ(ମହିଳା) ବବିତା ପାତ୍ର, ଏସଡିଜେଏମ ସୁଦେଷ୍ଣା ପଟ୍ଟନାୟକ, ଜେଏମଏଫସି ପ୍ରଣତି ରଥ ପ୍ରମୁଖ ଯୋଗ ଦେଇ ସମସ୍ତ ମାମଲା ର ବିଚାର କରିଥିଲେ । ଜିପି ବ୍ୟୋମକେଶ ଦାଶ, ଆଇନଜୀବୀ ଅଜିତ ନାରାୟଣ ହୋତା, ଶ୍ରୀନିବାସ ଦାଶ, ବଜେନ୍ଦ୍ର ବିଶି, ପ୍ରବୋଧ ଦାଶ, ପ୍ରଣତି କୁମ୍ଭାର, ଅବନୀ ପୁଜାହାରୀ, ମଧୁସୁଦନ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରୀଶଙ୍କର ପାଣିଗ୍ରାହୀ, ଜୋତ୍ସାରାଣୀ ବେହେରା, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, କାହ୍ନୁ ଚରଣ ରଥ, ଅମନ ସାହୁ, ବେଣୁଧର ମଲ୍ଲିକ, ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ମର୍ଜାକୁଦ ଚୁଡାଖାଇ ଯାତ୍ରାର ଆଠମଙ୍ଗଳା ପର୍ବ ଅନୁଷ୍ଠିତ



ବୌଦ୍ଧ,ନ୍ୟୁଜ ବ୍ୟୁରୋ : ବୌଦ୍ଧ ସହର ମର୍ଜାକୁଦର ଦେବୀ ପିତାବଳୀଙ୍କ ପୀଠରେ ଚୁଡାଖାଇ ଯାତ୍ରାର ଆଠ ମଙ୍ଗଳା ପର୍ବ ଅନୁଷ୍ଠିତ ହୋଇଯାଇଛି ।ଗୁରୁବାର ସନ୍ଧ୍ୟାରେ ଗ୍ରାମ ମଧ୍ୟେର ଥିବା ଦେବୀ ପିତାବଳୀଙ୍କ ପୀଠ ନିକଟେର ଦେବୀଙ୍କ ପାରମ୍ପରିକ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପେର ଦେବୀଙ୍କ ଛତ୍ରକୁ ଧରି ଶୋଭାଯାତ୍ରାରେ ଆବାଳ ବୃଦ୍ଧ ବନିତା ଗ୍ରାମର ଉତ୍ତର ଦିଗେର ମହାନଦୀ କୂଳେର ଥିବା ଦେବୀ ପିତାବଳୀଙ୍କ ପୀଠ ନିକଟକୁ ଆସିଥିଲେ । ସେଠାରେ ଦେବୀଙ୍କ ପୂଜାର୍ଚ୍ଚନା ଦେହୁରୀ କରିଥିଲେ । ଦେବୀଙ୍କ ନିକଟେର ପ୍ରଥେମ ସାତ୍ତ୍ୱିକ ପୂଜା ଅନୁଷ୍ଠିତ ହୋଇଥିଲା । ପେର ମାନସିକଧାରୀ ଶ୍ରଦ୍ଧାଳୁ ମାେନ ଦେବୀ ପିତାବଳୀଙ୍କ ନିକଟେର ବଳୀ ଅପର୍ଣ କରିଥିଲେ । ପ୍ରତିବର୍ଷ ପରମ୍ପରା ଅନୁଯାୟୀ ମାଗଶୀର ମାସର ପୁର୍ଣ୍ଣିମା ଦିନ ମର୍ଜାକୁଦ୍ ଠାରେ ଦେବୀ ସତୀକନ୍ୟାଙ୍କ ପୂଜା ଅର୍ଚ୍ଚନା କରାଯାଇ ନୂଆଧାନର ଚୁଡା ଭୋଗ ଅପର୍ଣ କରାଯାଏ। ଯାହାକୁ ଚୁଡାଖାଇ ଯାତ୍ରା କହିଥାନ୍ତି । ଚୁଡା ଖାଇ ଯାତ୍ରାର ଠିକ ଅଷ୍ଟମ ଦିନେର ଦେବୀ ପିତାବଳୀଙ୍କ ପୀଠ ନିକଟେର ଆଠମଙ୍ଗଳା ଯାତ୍ରା ଅନୁଷ୍ଠିତ ହେବାର ପ୍ରାଚୀନ ପରମ୍ପରା ରହିଛି । ଗ୍ରାମବାସୀ ଉଭୟ ଯାତ୍ରାକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାଆନ୍ତି । ଆଠ ମଙ୍ଗଳା ଯାତ୍ରା ଅବସରେର ଆଜି ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# ପୌରାଞ୍ଚଳରେ ଜବରଦଖଲରେ ଥିବା ସରକାରୀ ଜମି ସଂପର୍କରେ ଜିଲ୍ଲାପାଳଙ୍କ ଅନୁଧ୍ୟାନ



କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡା ପୌରାଞ୍ଚଳର ବହୁ ମୂଲ୍ୟବାନ ଜାଗା ଜବର ଦଖଲେର ଥିବା ଓ ଖାଲି ପଡିଥିବା ସ୍ଥାନ ଗୁଡିକୁ ଜିଲ୍ଲାପାଳ ରଘୁରାମ ଆର ଆୟାର ବୁଲି ଦେଖିବା ସହ ଖାଲି ପଡିଥିବା ସ୍ଥାନ ଗୁଡିକୁ ସୁବିନିଯୋଗ କରିବା ଓ ଜବର ଦଖଲ ଉଚ୍ଛେଦ ସଂପର୍କରେ ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସହ ପୌର ଅଧକ୍ଷା ସରିତା ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସାଂସଦଙ୍କ ପ୍ରତିନିଧି ସଲିମ ଖାନ ପ୍ରମୁଖ ଉପସ୍ଥିତ ରହି ସହରର ବ୍ୟବସାୟ ପେଣ୍ଠସ୍ଥଳୀ ତିନିମୁହାଣୀ ମାର୍କେଟ କମ୍ପ୍ଲେକ୍ସ ପଛ ପଟରେ ଥିବା ପୂର୍ତ୍ତ ବିଭାଗର ଖାଲି ପଡିଥିବା ପ୍ରାୟ ଏକର ଜାଗାକୁ ଦେଖି ସେଠାରେ ଏକ ବଡ ମଲ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ସେହିପରି କାକଟ ଲକ ଠାରୁ ସାନ୍ତସାହି ପୋଲ ପର୍ଯ୍ୟନ୍ତ ଜଳ ସମ୍ପଦ ବିଭାଗର ଫକିରାବାଦ ଗ୍ରାମ ଦେଇ ଯାଇଥିବା କେନାଲ ରାସ୍ତା ପ୍ରାୟ ୧୨୦ କଡି ଚଉଡା ଥିବାବେଳେ ଏହାକୁ ମାତ୍ର ୨୦ କଡିରେ ସୀମିତ ଥିବାବେଳେ ୧୦୦ କଡିକୁ ଜବର ଦଖଲରେ ରଖିଥିବାରୁ ବ୍ୟକ୍ତିମାନଙ୍କ ଠାରୁ ଉଚ୍ଛେଦ କରି ସେଠାରେ ରାସ୍ତା କରିବା ଏବଂ ଅଧା ପନ୍ତରିଆ ପଡିଥିବା ଗୋବରୀ କେନାଲକୁ ସଂପୂର୍ଣ୍ଣ କରିବା ଏବଂ ସହରର ବହୁ ସ୍ଥାନରେ ଅଳିଆ, ଆବର୍ଜନା ପଡିଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହିତ ଆବର୍ଜନା ପକାଉଥିବା ଲୋକଙ୍କ ଠାରୁ ଜରିମାନା ଆଦାୟ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେସ ଦେଇଛନ୍ତି । ଖାଲି ପଡିଥିବା ଜାଗା ଓ ଜବରଦଖଲ ହଟାଇ ସହରକୁ ସୌନ୍ଦର୍ଯ୍ୟକରଣ କରିବା ସହିତ ଜାଗା ଗୁଡିକୁ ସୁବିନିଯୋଗ କରି ଜନ ସାଧାରଣ କାମରେ ଲଗାଇବା ପାଇଁ ପୌରଧକ୍ଷା ଶ୍ରୀମତୀ ସାହୁଙ୍କ ସହିତ ଆଲୋଚନା କରିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସହିତ ଏହି ପରିଦର୍ଶନ ସମୟରେ ସମାଜସେବୀ ରଂଜିତ କୁମାର ସାହୁ, କାଉନସିଲର ସୁଭାଶିଷ ପଣ୍ଡା, ଉମେଶ ନାୟକ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ

ଧର୍ମଶାଳା,ନ୍ୟୁଜ ବ୍ୟୁରୋ : ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତ ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ରବିବାର ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ଶ୍ରୀ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସଭାପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍ୟୋକ୍ତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କୋତପୁରର ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, କଂଟିଗଡିଆ ସମିତି ସଭ୍ୟ ଅରୂପାନନ୍ଦ ଜେନା, ଆଇନଜୀବୀ ଶ୍ୟାମସୁନ୍ଦର ଦାଶ, ସାମ୍ବାଦିକ ଅଭିମନ୍ୟୁ ଧଳ, ବିବେକାନନ୍ଦ ଦାସ, ରମେଶ ଗନ୍ତାୟତ, ଅଜୟ ପ୍ରଧାନ,ଜୟନ୍ତ ଜେନା, ରସାନନ୍ଦ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର ତଥା ଶୃଙ୍ଖଳିତ କରିବା ନେଇ ମତ ଦେବା ସହିତ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଏହି ଉତ୍ସବରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ଆସନ୍ତା ଜାନୁୟାରୀ ୨୩ ତାରିଖରୁ ୨୬ ତାରିଖ ଚାରିଦିନ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ପଟୁଣିଆ ପଂଚାୟତ ସମେତ ନିକଟବ[illegible]ୀ ଛଅଗୋଟି ପଂଚାୟତର ମୁରବି ମାନଙ୍କୁ ନେଇ କମିଟି ଗଠନ କରିବାକୁ ବୈଠକରେ ସ୍ଥିର କରାଗଲା । ସର୍ବଶ୍ରୀ ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ବିଷ୍ଣୁ ପ୍ରସାଦ ପତି, ସନ୍ଦିପ ଗନ୍ତାୟତ, ତ୍ରିଲୋଚନ ଦାଶ, ବିଶ୍ୱନାଥ ଜେନା, ମଦନ ମୋହନ ବଳ, ଶଶିକାନ୍ତ ଜେନା, କପିଳ ଗନ୍ତାୟତ, ଗୁଣମଣି ଦାସ ସମେତ ଛଅ ଗୋଟି ପଂଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଓ ଯୁବ ସଂଗଠକ ବିବେକାନନ୍ଦ ଦାସ ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିଲେ । ଶେଷରେ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକ ସୁରେଶ କର ସମ୍ମାନିତ



ବ୍ୟାସନଗର,ନ୍ୟୁଜ ବ୍ୟୁରୋ : ଯାଜପୁର ଜିଲ୍ଲାର ବରୀ ଲୋକକଳା ମହୋତ୍ସବ ଚତୁର୍ଥ ଦିବସ ମଞ୍ଚକୁ ଜାତୀୟ କବି ବାଞ୍ଛାନିଧି ଦାଶଙ୍କ ନାମରେ ନାମିତ କରାଯିବା ସହ ବରୀର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ କବି ମାନଙ୍କୁ ନେଇ ସାମ୍ବାଦିକ ସମାବେଶ ଅନୁଷ୍ଠାନ ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ସାମ୍ବାଦିକ ମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ସହଯୋଗ ଲୋଡ଼ିଛି ଅନୁଷ୍ଠାନ,ଏହି ମର୍ମରେ ଲୋକକଳାକୁ ଜାତୀୟ ସ୍ତରରେ ପ୍ରସାର ପ୍ରଚାର କରିବା ଦିଗରେ ଜିଲ୍ଲାର ଇଂରାଜୀ ସାମ୍ବାଦିକ ସୁରେଶ କରଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଥମ



ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ସୁବର୍ଣ୍ଣପୁର ସ୍ଥିତ ରୟାଲ ପଡିଆ ଠାରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା – ୨୦୨୫ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବିଧାୟକ, ବୀରମହାରାଜପୁର, ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୂର୍ଗାଦତ୍ତ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ସୁବର୍ଣ୍ଣପୁର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭା ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ସୁବର୍ଣ୍ଣପୁର, ବିଜୟ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଆଜି ସଭାରେ ଅନିବାର୍ଯ୍ୟ କାରଣରୁ ଯୋଗଦେଇ ପାରିନଥିବା ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଓ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା, ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ପ୍ରେରିତ ଭିଡିଓ ଶୁଭେଚ୍ଛା ବାର୍ତ୍ତା ଓ ଅଭିଭାଷଣକୁ ଜନସାଧାରଣ ଅବଗତି ନିମନ୍ତେ ଏଲ୍.ଇ.ଡି ସ୍କ୍ରିନ ମାଧ୍ୟମରେ ପରିବେଷଣ କରାଯାଇଥିଲା । ଏହି ମେଳାରେ ଅତିଥି ମାନେ ପ୍ରକାଶ କରିଥିଲେ ଯେ ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ତେଣୁ, ଏହି ବିକାଶ ଧାରାକୁ ଜାରି ଓ ବଜାୟ ରଖିବା ପାଇଁ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ପାଳନ କରୁଥିବା ଚାଷି ମାନଙ୍କୁ ପରାମର୍ଶ ଦେଇ ପ୍ରୋତ୍ସାହିତ କରିଥିଲେ। ଏହି ମେଳାରେ ସର୍ବମୋଟ ୩୦ଗୋଟି ଷ୍ଟଲ ନିର୍ମାଣ କରାଯାଇଛି। ତନ୍ମଧ୍ୟରୁ ୦୮ ଗୋଟି ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ଯନ୍ତ୍ରପାତି ଓବିଭିନ୍ନ ପ୍ରକାରର ଗାଈ, ମହିଶୀ, କୁକୁଡ଼ା,ଅନ୍ୟ ପ୍ରାଣୀସମ୍ପଦ ପ୍ରଦର୍ଶନ କରାଯାଇଥିବାବେଳେ ମତ୍ସ୍ୟ ବିଭାଗ ଦ୍ୱାରା ୦୬ ଷ୍ଟଲ ଗୁଡ଼ିକ ତାଙ୍କ ବିଭାଗର ବିଭିନ୍ନ କାର୍ଯ୍ୟ କଳାପ ଉପରେ ପ୍ରଦର୍ଶନି ପାଇଁ ବ୍ୟବହୃତ ହୋଇଛି । ଅବଶିଷ୍ଟ ଷ୍ଟଲ ଗୁଡ଼ିକ ବିଭିନ୍ନ ବିଭାଗ ଦ୍ୱାରା ସଂପୃକ୍ତ ବିଭାଗର ଯୋଜନା ଓ କାର୍ଯ୍ୟକଳାପର ପ୍ରଦର୍ଶନ ନିମନ୍ତେ ବ୍ୟବହାର କରାଯାଇଛି । ଏହି ମେଳା ଆରମ୍ଭ ପୂର୍ବରୁ ଅତିଥିମାନେ ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ସଫଳ ଚାଷୀ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଗୋପାଳନ ଯୋଜନାରେ – ମୁକେଶ ପ୍ରଧାନ ବୀରମହାରାଜପୁର, ଘୁଷୁରୀ ପାଳନ ପାଇଁ ଗୀତାଞ୍ଜଳି ପାଣିଗ୍ରାହୀ ବିନିକାଙ୍କୁ ଏବଂ ମତ୍ସ୍ୟ ବିଭାଗର ମତ୍ସ୍ୟ ପୋଖରୀ ଯୋଜନା ପାଇଁ ତରଭାର ବିଲେଇ ନନ୍ଦ ଓ ସୋନପୁର ବ୍ଲକର ମା ଜଗତ ଜନନୀ ମହିଳା ସ୍ୱୟଂ ସହାୟକ ଦଳକୁ ପଞ୍ଚାୟତ ପୋଖରୀରେ ମତ୍ସ୍ୟ ଚାଷ ପାଇଁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ସଭାକାର୍ଯ୍ୟ ଶେଷ ହେବାପରେ ବିନିକା ବ୍ଲକର ମା ମାହେଶ୍ୱରୀ ସାଂସ୍କୃତିକ ସାଂସଦ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିପିଲିପାଲି ଓ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଜିଲ୍ଲା ୦୬ ଗୋଟି ପଞ୍ଚାୟତ ସମିତିରୁ ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଓ ପ୍ରାଣୀସମ୍ପଦ ଚାଷୀମାନଙ୍କ ସହିତ ଜନସାଧାରଣ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ, ସୋନପୁର ସୁଶ୍ରୀ ପ୍ରୀତି ସୁନାଙ୍କ ସହିତ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି ମେଳା ଆୟୋଜନ ଓ ଅନୁଷ୍ଠିତ କରିବା ପାଇଁ ଉଭୟ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ, କାର୍ଯ୍ୟାଳୟ ଓ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଯାଜପୁରରେ ସାଂସଦ ଖେଳ ମହୋତ୍ସବ



ଯାଜପୁର,ନ୍ୟୁଜ ବ୍ୟୁରୋ : ଯାଜପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସାଂସଦ ଖେଳ ମହୋତ୍ସବ–୨୦୨୫ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ବିଶିଷ୍ଟ ଅତିଥି ଭାବେ ଯାଜପୁର ମାଟିର ଝିଅ ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ ଭାରତର ଅଲମ୍ପିକ୍ସ ଧାବିକା ଦୂତି ଚାନ୍ଦ ଯୋଗ ଦେଇଥିଲେ । ସାଂସଦ ଶ୍ରୀ ବେହେରା କହିଛନ୍ତି ଯେ ଭାରତର ସମୃଦ୍ଧ ଜ୍ଞାନ ପରମ୍ପରାକୁ ପାଥେୟ କରି ଏକ ବିକଶିତ ଭାରତ ନିର୍ମାଣ କରିବା ଦିଗରେ ଆମେ ପ୍ରତିବଦ୍ଧ । ଏଦିଗରେ ଭାରତର ଯୁବଶକ୍ତିଙ୍କ ପ୍ରମୁଖ ଭୂମିକା ରହିଛି । ତେଣୁ ଯୁବପିଢିଙ୍କ ପ୍ରତିଭାକୁ ବିକଶିତ କରିବା ହେଉଛି ଏହି ସାଂସଦ ଖେଳ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ଏହାସହ ସାଂସଦ ଶ୍ରୀ ବେହେରା ଦୂତି ଚାନ୍ଦଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା ଓ ସଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଯାଜପୁର ଜିଲ୍ଲାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଅଲମ୍ପିକ୍ସ ଆଥଲେଟ ଦୂତି ଚାନ୍ଦ ନିଜ ବକ୍ତବ୍ୟରେ ଭବିଷ୍ୟତରେ ଏକ କ୍ରୀଡା ଏକାଡେମୀ କରିବେ ବୋଲି କହିଥିଲେ, ଯେଉଁଠି ଯାଜପୁର ଜିଲ୍ଲାର ପ୍ରତିଭାବାନ ଖେଳାଳିଙ୍କୁ ତାଲିମ ଦିଆଯିବ । ଯେମିତି ପାଠପଢା ପାଇଁ ବିଭିନ୍ନ ସ୍କୁଲ କଲେଜ୍ ରହିଛି, ସେହିଭଳି କ୍ରୀଡା ପାଇଁ ମଧ ଏକାଡେମୀ ନିର୍ମାଣର ଆବଶ୍ୟକତା ଉପରେ ଦୂତି ଚାନ୍ଦ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ କର କହିଥିଲେ ଯେ ଜୀବନ ଚର୍ଯ୍ୟାରେ କୁସ୍ତି କସରତ ଦୌଡ଼ ସାମିଲ କରିବା ଦ୍ୱାରା ସତେଜ ଏବଂ ଫୁର୍ତ୍ତିଲା ଅନୁଭବ ହୁଏ । ତେଣୁ ସୁସ୍ଥ ଶରୀର ପାଇଁ କ୍ରୀଡ଼ା ଜରୁରୀ ବୋଲି ଶ୍ରୀ କର ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଅନୁଷ୍ଠିତ ୮ଟି ବିଭାଗର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଆର୍ଥିକ ପୁରସ୍କାର ରାଶି ପୂର୍ବକ ମାନପତ୍ର ସହ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ପରିଚାଳନା କରିଥିଲେ । ଏହି ଉତ୍ସବରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବବିତା ମଲ୍ଲିକ, ବରିର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, କ୍ରୀଡାବିତ୍, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।





# କଳିଙ୍ଗ ଭାରତୀ ଓ ପଦ୍ମଶ୍ରୀ ରଜତ କୁମାର କରଙ୍କ ସାହିତ୍ୟ ଭଣ୍ଡାରରେ ଜମୁଛି ପାଠକଙ୍କ ଭିଡ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ରେ ଅନୁଷ୍ଠିତ ହେଉଥିବା ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଓ କଳିଙ୍ଗ ଭାରତୀର ମିଳିତ ଷ୍ଟଲ ପରିସରରେ ପ୍ରଦର୍ଶିତ ପୁସ୍ତକ ଭଣ୍ଡାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଅନ୍ୟ ରୀତି ଯୁଗୀୟ କବିମାନଙ୍କ କବିତା ସଂକଳନ ଓ ଆଲୋଚନା ପୁସ୍ତକମାନଙ୍କ ସହ ପଦ୍ମଶ୍ରୀ ରଜତ କୁମାର କରଙ୍କ ଅନନ୍ୟ ଲେଖନୀରୁ ରଚିତ ଅନେକ ପୁସ୍ତକ ପ୍ରଦର୍ଶିତ ହେଉଛି। ପଦ୍ମଶ୍ରୀ ରଜତ କୁମାର କରଙ୍କ 'ସ୍ମୃତିର ଅତଳ ଗର୍ଭରୁ ଓଡ଼ିଶାର ସାଂସ୍କୃତିକ ଇତିହାସ' ଓ 'ଅନନ୍ୟ ଜଗନ୍ନାଥ ଅନୁଭୁତିରେ' ଓ 'ଭଞ୍ଜ ରାମାୟଣ' 'ଭାରତ ଦୀପ୍ତି' ଓ 'ଅଳ୍ପ ଦିନର ଗଳ୍ପ' ପୁସ୍ତକ ପାଠକମାନଙ୍କୁ ବେଶ ଆକୃଷ୍ଟ କରୁଥିବା ବେଳେ କଳିଙ୍ଗ ଭାରତୀର ବିଭିନ୍ନ ଆଲୋଚନା ପୁସ୍ତକ ସବୁକୁ ସାହିତ୍ୟ ଅନୁରାଗୀମାନେ କ୍ରୟ କରୁଛନ୍ତି। ଏହି ପୁସ୍ତକ ଭଣ୍ଡାର ପ୍ରଥମ ଥର ଲାଗି ବୁଗୁଡ଼ା ଭଞ୍ଜନଗରରୁ ପ୍ରକାଶିତ 'ଭଞ୍ଜ ମାଟି'ର ଭଞ୍ଜ ସାହିତ୍ୟର ବୃହତ ଆଲୋଚନା ପତ୍ରିକା ସବୁ ଉପଲବ୍ଧ ଥିବା ବେଳେ ଡ଼. ତପସ୍ୱିନୀ କର, ଡାକ୍ତର ଅଂଶୁମାନ କର, ଏକାଦଶୀ ପ୍ରଧାନ ଆଦିଙ୍କ ଉପନ୍ୟାସ, ଆଲୋଚନା ଓ ଇତିହାସ ପୁସ୍ତକ ମଧ ଉପଲବ୍ଧ ଥିଲା। ୧୭ ଡ଼ିସେମ୍ବର ପର୍ଯ୍ୟନ୍ତ ପାଠକମାନେ ଏହି ଅମୁଲ୍ୟ ପୁସ୍ତକ ସବୁ ପ୍ରାପ୍ତ କରି ପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଡାକ୍ତର ଅଂଶୁମାନ କର ସୂଚନା ଦେଇଛନ୍ତି। ଉପସଭାପତି ରଣଜିତ କର, ଅଶୋକ ରାଉତ ଓ ଜ୍ଞାନରଞ୍ଜନ ନନ୍ଦ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଗଣ ଏହି ମଞ୍ଚ ପରିଚାଳନା କରୁଛନ୍ତି।

## ୨୫ ବର୍ଷ ପରେ ମିଳିଲା ନ୍ୟାୟ

# ସଫଳ ଆଖୁ ଚାଷୀଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ, ନ୍ୟୁଜ ବ୍ୟୁରୋ**
ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ ଏହି ପୁରସ୍କାର ତାଙ୍କୁ ମିଳିନଥିଲା। ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା। ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସସ୍ମିତା ଦାସଙ୍କ ଉପନ୍ୟାସ 'ଗହନ ରାତିର ଆୟୁଷ' ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଲୋକାର୍ପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜଣାଶୁଣା ଲେଖିକା ସସ୍ମିତା ଦାସଙ୍କ ତୃତୀୟ ଉପନ୍ୟାସ ଗହନ ରାତିର ଆୟୁଷ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଉନ୍ମୋଚିତ ହୋଇଯାଇଅଛି। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀମୟ କର, ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ, ବିଶିଷ୍ଟ କଥାକାର ଡ ଅଜୟ ସ୍ୱାଇଁ, ବିଶିଷ୍ଟ ସଙ୍ଗୀତକାର ଡ ରଜନୀ ରଞ୍ଜନ, ଲେଖିକା ତଥା ଗୀତିକାର ଆଦ୍ୟାଶା ଦାସ, ଲେଖିକା ଲକ୍ଷ୍ମୀ ଚାନ୍ଦ ପ୍ରମୁଖ ସମ୍ମାନନୀୟ ଅତିଥିଙ୍କ କରକମଳରେ ପୁସ୍ତକଟିର ଲୋକାର୍ପଣ କରାଯାଇଥିଲା। ପୁସ୍ତକ ମେଳା ପରିସରରେ ପଡ଼ିଥିବା ନୀଳକଇଁ ପ୍ରକାଶନ ଷ୍ଟଲରେ ଏହି ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗହନ ରାତିର ଆୟୁଷ ଉପନ୍ୟାସଟିରେ ମାଟିର ଚରିତ୍ର ସବୁ ଏକାଠି ହୋଇ ଏକ ପରିସୀମା ଭିତରେ କିଭଳି ଜୀବନ ଡଙ୍ଗାକୁ ବୋହି ନେଉଛନ୍ତି ସେକଥା ଅତି ସୁନ୍ଦର ଭାବରେ ବର୍ଣ୍ଣନା ହୋଇଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକ ଉପରେ ଲେଖିକା ସସ୍ମିତା ଦାସ କହିଥିଲେ କି, ପ୍ରେମ ପ୍ରଣୟ ସହ ତ୍ୟାଗ ଓ ନିର୍ବାଣକୁ ଏକାଠି କରି ପାଠକଙ୍କୁ ପରସିବାର ସାହସ କରିଛି ଯାହା ଆପଣମାନଙ୍କ ପାଠକୀୟ ଶ୍ରଦ୍ଧା ଆଶା କରୁଛି। ଏହି ଅବସରରେ ମେଳା ପରିସରରେ ଥିବା ବହୁ ପାଠକ, କବି, ଲେଖକ ଲେଖିକା ତଥା ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି : ଛାତ୍ରଙ୍କଠୁ ମାଫିଆ ସମସ୍ତଙ୍କ ହାତରେ ବନ୍ଧୁକ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗିରି ଥାନା ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ଠାରୁ ବନ୍ଧୁକ ଜବତ ହୋଇଛି। ଯାହା ସମଗ୍ର ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପୂର୍ବରୁ ବଡ଼ ଅପରାଧ କିମ୍ବା ମାଓବାଦୀ ବେଆଇନ୍ ବନ୍ଧୁକ ବ୍ୟବହାର କରୁଥିଲେ। ସବୁ କିଛି ଲୁଚାଚୋରାରେ ହେଉଥିଲା। କେନ୍ଦ୍ରାପଡା ଘଟଣାରୁ ସ୍ପଷ୍ଟ ହେଉଛି ଲୋକେ ଏବେ ଘରେ ଘରେ ବନ୍ଧୁକ ରଖିଲେଣି। ସାମାନ୍ୟ ବଚସା ପାଇଁ ବି ବନ୍ଧୁକ ବାହାର କରିଦେଉଛନ୍ତି। ନିୟମିତ ଭାବେ ବନ୍ଧୁକରୁ ବାହାରୁଥିବା ଗୁଳି ଲୋକଙ୍କୁ ଆତଙ୍କିତ କରୁଛି। ରାଜ୍ୟ ବାହାରର ବନ୍ଧୁକ ମାଫିଆ ସକ୍ରିୟ ହୋଇ ରାଜ୍ୟକୁ ବନ୍ଧୁକର ବନ୍ୟା କରିବାରେ ଲାଗିଛନ୍ତି। ଓଡ଼ିଶାରେ ବିହାର ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ସେପଟେ ପୁଲିସ କେବଳ ଛୋଟମୋଟ ବନ୍ଧୁକ ବେପାରୀଙ୍କୁ ଧରି ନିଜ ପିଠି ନିଜେ ଆପୁଡାଇବାରେ ଲାଗିଛି।
ରାଜ୍ୟରେ ବେଆଇନ୍ ବନ୍ଧୁକ ଏବେ ବଜାରରେ ୮ରୁ ୧୦ହଜାର ଟଙ୍କା ମଧ୍ୟରେ ସହଜରେ ଉପଲବ୍ଧ ହୋଇଯାଉଛି। ଯିଏ ପାରୁଛି ସିଏ କିଣି ଆଣୁଛି। ବେଆଇନ୍ ବନ୍ଧୁକ କିଣାବିକାରେ କୌଣସି ପ୍ରକାର ରୋକ୍‌ଟୋକ୍ ନାହିଁ। ଯାହାଫଳରେ ବନ୍ଧୁକ ଅପରାଧ ମଇଦାନରୁ ଆସି ସ୍କୁଲ୍ ଭିତରେ ପହଞ୍ଚିଲାଣି। ପିଲା କିମ୍ବା ଶିକ୍ଷକଙ୍କୁ ଧମକାଇବାକୁ ବି ପିଲାମାନେ ବନ୍ଧୁକ ଧରି ସ୍କୁଲକୁ ଚାଲି ଆସୁଛନ୍ତି। ଚଳିତ ବିଧାନସଭାରେ ରାଜ୍ୟରେ ବେଆଇନ୍ ବନ୍ଧୁକ କାରବାରକୁ ନେଇ ଉଦ୍‌ବେଗ ପ୍ରକାଶ କରି ଦୁଇ ବର୍ଷରେ କେତେ ବେଆଇନ୍ ବନ୍ଧୁକ ଜବତ ହୋଇଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ୭୧୬ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୪ ମସିହାରେ ୫୭୨ଟି ବନ୍ଧୁକ ଜବତ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୪ ମସିହାରେ ଟୁଇନ୍‌ସିଟିରୁ ୭୧ଟି ବନ୍ଧୁକ ମିଳିଥିଲା ବେଳେ ୨୦୨୫ ମସିହାରେ ଟୁଇନ୍ ସିଟିରେ ୧୦୦ରୁ ଉର୍ଦ୍ଧ୍ୱ ବନ୍ଧୁକ ମିଳିଲାଣି।
ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଭିତରେ ଦେଶୀ ବନ୍ଧୁକ ପ୍ରସ୍ତୁତ କରୁଥିଲେ। ହେଲେ ଏବେ ଉପକୂଳ ଜିଲ୍ଲା ଗୁଡ଼ିକରେ ଦେଶୀ ନୁହେଁ ବିଦେଶୀ ବନ୍ଧୁକ ତିଆରି କାରଖାନା ଚାଲୁଛି। ବର୍ଷ ବର୍ଷ ଧରି ଏହି ବନ୍ଧୁକ କାରଖାନା ଚାଲୁଥିଲେ ମଧ ସ୍ଥାନୀୟ ପୁଲିସକୁ ସାମାନ୍ୟତମ ସୁରକ୍ ମିଳୁନି। କଟକ ଜିଲା ୪୨ ମୌଜା ଅଞ୍ଚଳରେ ଏକ ବନ୍ଧୁକ କାରଖାନା ୧ବର୍ଷ ଧରି ଚାଲୁଥିଲା। ହେଲେ ପୁଲିସକୁ ଖବର ବି ନଥିଲା। ଏସ୍‌ଟିଏଫ୍ ଚଢଉ କଲାପରେ ବିପୁଳ ପରିମାଣରେ ବନ୍ଧୁକ ଜବତ କଲା। ଗତକିଛି ଦିନ ଧରି କମିଶନରେଟ୍ ପୁଲିସ ନିୟମିତ ଭାବେ ୫ରୁ ଅଧିକ ବନ୍ଧୁକ ଜବତ କରୁଛି। ଏହା ମଧ୍ୟରେ ମାରାତ୍ମକ କାରବାଇନ୍ ବନ୍ଧୁକ ରହୁଛି। ଯାହାକୁ ଦେଖିଲେ ଲାଗୁଛି ଯେକେହିବି କିଣିବ ସେ ଯେପରି ଯୁଦ୍ଧ ଘୋଷଣା କରିବାକୁ ଯାଉଛି।

# ବାର୍‌ରେ ଚଢ଼ଉ ପୂର୍ବରୁ ଲିକ୍ ହେଉଛି ଖବର : ଖାଲି ହାତରେ ଫେରୁଛି ଅବକାରୀ ଟିମ୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ଥିବା ସବୁ ବାର୍ ଓ ପବ୍ ନିୟମ ଭାଙ୍ଗି ଭୋର ୪ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରନ୍ତି। ହେଲେ ଏବେ ଅବକାରୀ ବିଭାଗ ଚଢ଼ଉ କରିବା ପୂର୍ବରୁ ଖବର ଲିକ୍ ହୋଇଯାଉଛି। ଖାଲି ହାତରେ ଫେରୁଛି ଅବକାରୀ ବିଭାଗ। ଏମିତିକି କାହାକୁ ଜରିମାନାଟିଏ ବି କରିପାରିନଥିଲେ। ଢୋଲ ଭିତରେ ମୂଷା କିଏ? କିଏ ଖବର ଲିକ୍ କରୁଛି? ତାକୁ ନେଇ ଏବେ ବିଭାଗରେ ତନାଘନା ଆରମ୍ଭ ହୋଇଛି।
ଗୁରୁବାର ଓ ସୋମବାରକୁ ଛାଡିଲେ ସବୁଦିନ ଭୋର ୪ ଟା ପର୍ଯ୍ୟନ୍ତ ବାର୍ ଓ ପବ୍‌ରେ ଜମେ ମଦର ଆସର। କିଛି ବାର୍ ମାଲିକ ବେଆଇନ ଭାବେ ଅଶ୍ଳୀଳ ନୃତ୍ୟ ବି କରାନ୍ତି ବାରରେ। ଖାଲି ସେତିକି ନୁହେଁ ଜଳିଯାଇଥିବା 'ନୋ ଲିମିଟ୍ ଏୟାର' ଭଳି ଅନ୍ୟ କିଛି ରେସ୍ତୋରାଁ ଏବେ ବି ବେଆଇନ ଭାବେ ମଦ ବିକ୍ରି କରୁଛନ୍ତି। ଏ ବିଷୟରେ ପୁଲିସ୍ ଓ ଅବକାରୀ ବିଭାଗର ସବୁ ଜାଣିଥିଲେ। ହେଲେ କେହି କିଛି କାର୍ଯ୍ୟାନୁଷ୍ଠାନ ନେଉ ନଥିଲେ। ନୋ ଲିମିଟ୍‌ରେ ଲାଗିଥିବା ନିଆଁ ଲିଭାଇବା ସମୟରେ ସେଠାରୁ ଏକ ଡାଏରୀ ମିଳିଥିଲା। ସେଥିରେ ପୁଲିସ୍, ଅବକାରୀ ଓ ବିଏମ୍‌ସିର ଚରିତ୍ର ପଞ୍ଜିକା ଲିପିବଦ୍ଧ ଥିଲା। କିଏ କେତେ ମାସିକିଆ ବଟି ନିଅନ୍ତି, ତାର ହିସାବ ସଂପୃକ୍ତ ବିଭାଗ ଗୁଡ଼ିକର ମୁଖା ଖୋଲି ଦେଇଥିଲା। ବିଳମ୍ବିତ ରାତି ବା ରାତିସାରା ବାର ବା ପବ ଖୋଲା ରହିବା ପଛର କାରଣ ଏଥିରୁ ସ୍ପଷ୍ଟ ହୋଇଥିଲା।
ଶନିବାର ରାତିରେ ସହରରେ ଥିବା ସବୁ ବାର୍ ଓ ପବ୍‌ରେ ଦୁଇ ଗୁଣା ଭିଡ ହୁଏ। ରବିବାର ମଧ ସବୁ ବାର ଓ ପବ୍‌ରେ ଖଚାଖଚ ଭିଡ଼ ଥିଲା। ଅବକାରୀ ଅଧିକାରୀମାନେ ଯୋଜନା କରିଥିଲେ ଚଢ଼ଉ କରି ମୋଟା ଅଙ୍କର ଫାଇନ୍ ଆଦାୟ କରିବା ପାଇଁ। ଏଥିପାଇଁ ୭ଟି ଟିମ ଗଠନ କରାଯାଇଥିଲା। ପ୍ରାୟ ୩୦ଟି ଜାଗାରେ ପଞ୍ଚା ମାରିଥିଲା ଅବକାରୀ ବିଭାଗର ଏହି ୭ ଟିମ୍। ହେଲେ ବିଭାଗର ଯୋଜନା ଫସର ଫାଟି ଯାଇଥିଲା। ସବୁ ଜାଗାରୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ସେଦିନ ସୁନାପିଲା ଭଳି ଅବକାରୀ ବିଭାଗର ସବୁ ଗାଇଡ୍‌ଲାଇନ୍‌କୁ ମାନିଥିଲେ ବାର୍ ଓ ପବ୍ ମାଲିକମାନେ। କିଛି ମାଲିକ ତ ସମୟ ପୂର୍ବରୁ ଦୋକାନ ବନ୍ଦ କରି ଦେଇଥିଲେ।
ବିଭିନ୍ନ ବାର ଓ ପବରୁ ଖାଲି ହାତରେ ଫେରିବା ପରେ କିଛି ବରିଷ୍ଠ ଅଧିକାରୀ ଔଷଧ ବିକଳରେ ତାଟିଆ କାମୁଡ଼ିଥିଲେ। ଚନ୍ଦ୍ରଶେଖରପୁରର ଏକ ବାରରୁ ମଦ ପିଇ ଘରକୁ ଯାଉଥିବା କିଛି ନିଶାଡିଙ୍କୁ ତାଗିଦ୍ କରିବା ଆରମ୍ଭ କରିଥିଲେ। ୪ ଜଣ ନିଶାଡି ସାଦା ପୋଷାକରେ ଥିବା ଅବକାରୀ ଅଧିକାରୀଙ୍କୁ ଜାଣି ନପାରି ମାଡ଼ ମାରିଥିଲେ। ଏନେଇ ଥାନାରେ ଏତଲା ଦେଇଥିଲେ ଅବକାରୀ ଏସ୍‌ଆଇ ପ୍ରଫୁଲ୍ଲ କୁମାର ଗୁରୁ। ପୁଲିସ୍ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିଲା। କିଛି ଦିନ ତଳେ ସତ୍ୟବିହାର ଠାରେ 'ନୋ ଲିମିଟ ଏୟାର'ରେ ଘଟିଥିଲା ଭୟାବହ ଅଗ୍ନିକାଣ୍ଡ। ବିନା ଲାଇସେନ୍ସରେ ସେଠାରେ ମଦ ବିକ୍ରି ହେଉଥିବା ଜଣାପଡ଼ିଥିଲେ ହେଁ, 'ଅନୁମତି ଦିଆଯାଇ ନଥିଲା' ବୋଲି ଅବକାରୀ ବିଭାଗ ସଫେଇ ଦେଇଥିଲା। ଏବେ ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ହେଲେ 'ନୋ ଲିମିଟ ଏୟାର' ବିରୋଧରେ କେହି ଥାନାରେ ଅଭିଯୋଗ କରି ନାହାନ୍ତି କି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କେହି ଅଣ୍ଟା ଭିଡ଼ି ନାହାନ୍ତି। ଆଗକୁ ନୂଆ ବର୍ଷ ଆସୁଛି। କେବଳ ବାର କିମ୍ବା ପବ୍ ନୁହେଁ, ବସ୍ତିରେ ଚୋରାମଦ, ଢ଼ାବା ଗୁଡ଼ିକରେ ମଧ ନିଶା ସିଣ୍ଡିକେଟ ଧୁମ୍ ଚାଲିବ। ଏବେ ଠାରୁ ପୁଲିସ୍ ଓ ଅବକାରୀ ବିଭାଗର ଯଦି କିଛି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ନ କରନ୍ତି ତା'ହେଲେ ସ୍ଥିତି ଅଣାୟତ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

# କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପୁଣି ଆସାମ ବିଜେପି ନିର୍ବାଚନ ପ୍ରଭାରୀ ଦାୟିତ୍ୱ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗତ ୨୦୨୧ରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ଆସାମ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ମିଳିଥିଲା। ଏହି ଦାୟିତ୍ୱକୁ ସେ ସୁଚାରୁରୂପେ ତୁଲାଇଥିଲେ ଯାହା ଫଳରେ ଆସାମରେ ବିଜେପି ସରକାର ଗଢ଼ିଥିଲା। ଏବେ ପୁଣି ୨୦୨୫ରେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ଆସାମ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ମିଳିଛି। ତାଙ୍କୁ ଦଳର ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀରେ ଏବେ ବିଜେପି ଶାସନ କ୍ଷମତାରେ ଅଛି। ଦିଲ୍ଲୀକୁ ନିଜ ନିୟନ୍ତ୍ରଣରେ ଆଣିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଯୋଜନା ପ୍ରସ୍ତୁତ କରିଥିଲା। ୨୦୨୪ରେ ବିଜେପି ଏଥି ପାଇଁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ବଡ଼ ଦାୟିତ୍ୱ ଦେଇଥିଲା। ଶ୍ରୀ ପଣ୍ଡାଙ୍କୁ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଥିଲା। ସାଂସଦ ଅତୁଲ ଗର୍ଗଙ୍କୁ ସହକାରୀ ସହପ୍ରଭାରୀ ଭାବେ ମଧ ନିଯୁକ୍ତି ମିଳିଥିଲା। ଉଭୟଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ନିଯୁକ୍ତି ଦେଇଥିଲେ। ବିଜୟ ଆଶାରେ ବିଜେପି ଦୁଇ ପାୱାରଫୁଲ୍ ସାଂସଦ ବୈଜୟନ୍ତ ପଣ୍ଡା ଓ ଅତୁଲ ଗର୍ଗଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ଦେଇଥିଲା। ଗତ ବର୍ଷ ବି ବୈଜୟନ୍ତ ପଣ୍ଡା ନିଜର ଦକ୍ଷତା ପ୍ରତିପାଦନ କରିଥିଲେ ଏବଂ ନୂଆଦିଲ୍ଲୀରେ ବିଜେପିକୁ ଦୀର୍ଘ ବର୍ଷ ପରେ ପୁଣି କ୍ଷମତାର ସ୍ୱାଦ ଚଖାଇଥିଲେ। ଏବେ ଦ୍ୱିତୀୟ ଥର ଆସାମ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ମିଳିବା ପରେ ବୈଜୟନ୍ତ ପଣ୍ଡାଙ୍କ ଲାଗି ପୁଣି ଏକ ବଡ଼ ଆହ୍ୱାନ ସୃଷ୍ଟି ହୋଇଛି। ସେ ଯଦି ପୁଣି ଥରେ ଆସାମରେ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ବିଜେପିକୁ କ୍ଷମତାସୀନ କରିବାରେ ସଫଳ ହେବେ, ତେବେ ବିଜେପିରେ ତାଙ୍କର ଉଚ୍ଚତା ଆହୁରି ବଢ଼ିବ ବୋଲି କୁହାଯାଇପାରେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୬।୧୨।୨୦୨୫, ପୌଷ ଦି୧ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ୬।୧୪।୧୦ ଚନ୍ଦ୍ରୋଦୟ- ରାଘ୫।୧୦।୧୨**
**ଦ୍ୱାଦଶୀ-** ରାଘ୧୧।୫୮ପର୍ଯ୍ୟନ୍ତ । **ସ୍ୱାତୀନକ୍ଷତ୍ର-** ଦିଘ ୨।୧୦ ପର୍ଯ୍ୟନ୍ତ **ତୁଳାଚନ୍ଦ୍ର-** । **ଚନ୍ଦ୍ରଶୁଦ୍ଧି-** ମେଷ,ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ୧୧।୫୮ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୭।୦୧ ମଧ୍ୟେ । ଦିଘ ୯।୦୧ ଗତେ ଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-** ଧନୁ ସଂକ୍ରାନ୍ତି,ଲକ୍ଷ୍ମୀନାରାୟଣ ପୂଜା,ବୈଷ୍ଣବ ସମ୍ମତ ପକ୍ଷ ବର୍ଦ୍ଧିନୀ ଏକାଦଶୀ।


**ମେଷ:** କର୍ମକ୍ଷେତ୍ରରେ ଆଶା ଅନୁସାରେ ଫଳ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଶରୀର ସୁସ୍ଥ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀହେବେ।


**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ବ୍ୟବସାୟ କ୍ଷତିରେ ଚାଲିବ। ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା।


**ମିଥୁନ:** ଆର୍ଥିକ ସ୍ଥିତି ଭଲ ରହିବ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ବ୍ୟୟର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବାର ସମ୍ଭାବନା।


**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରୋପକାରୀ ହେବାର ସୂଚନା।


**ସିଂହ:** ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ବ୍ୟୟର ପରିମାଣ ବଢିବ। ଘରେ ଦ୍ୱନ୍ଦ ଦେଖାଦେବାର ସୂଚନା।


**କନ୍ୟା:** ଆଜି ଆପଣଙ୍କ ଦିନଟି ଆନନ୍ଦମୟ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ପିଲାମାନେ ପଢାପଢିରେ ଆଗେଇବାର ସୂଚନା।


**ତୁଳା:** ଆର୍ଥିକ ସ୍ଥିତି ଭଲ ରହିବ। ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ।


**ବିଛା:** ବ୍ୟୟର ପରିମାଣ ଅଧିକ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ବୃଦ୍ଧି ହେବ। ଦେବ ଦର୍ଶନ ସହ ଭ୍ରମଣ ଯୋଗ ମଧ ରହିଛି। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ସୁଖ ଶାନ୍ତି ଅବ୍ୟାହତ ରହିବ।


**ଧନୁ:** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ। ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ତରତର ଭାବରେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ।


**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମାନସିକ ଶାନ୍ତି ଅବ୍ୟାହତ ରହିବ। ସରକାରୀ ସ୍ତରରୁ ଲାଭବାନ ହୋଇ ପାରନ୍ତି। ମହିଳାମାନେ ସୁଖୀ ହେବେ।


**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ। ଦେହ ଭଲ ରହିବ। ବନ୍ଧୁ ଦର୍ଶନ ସହ ସହଯୋଗ ମଧ ଲାଭ କରିବେ। ମହିଳାମାନେ ସୁଖୀ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ।


**ମୀନ:** ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ। ବ୍ୟବସାୟରେ ସଫଳତା ଦେଖାଦେବ। ମନରେ ପ୍ରସନ୍ନତା ରହିବ। ପିଲାମାନେ ସୁଖୀ ହେବେ। ସାଂସାରିକ ଜୀବନ ସୁଖମୟ ହେବ। ଆୟ ଭଲ ହେବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୭।୧୨।୨୦୨୫, ପୌଷ ଦି୨ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ୬।୧୪।୪୪ ଚନ୍ଦ୍ରୋଦୟ-ନିଘ୪।୩୯।୫୨**
**ତ୍ରୟୋଦଶୀ-** ରାଘ୨/୩୨ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର-** ସଂଘ ୫/୧୧ ପର୍ଯ୍ୟନ୍ତ। **ତୁଳାଚନ୍ଦ୍ର-** ଦିଘ ୧୦/୨୬ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, କର୍କଟ, ସିଂହ, ତୁଳ, ବିଛା, ଧନୁ ଓ ମକର ଦିଘ ୧୦/୦୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୨/୩୨ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୮/୨୮ ମଧ୍ୟେ । ଦିଘ ୧/୩୧ ଗତେ ଘ ୩/୪୦ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମେଣ୍ଟରେ ଫାଟ

ମୁହୂର୍ତ୍ତକରେ ସବୁ କିଛି ବଦଳିଯାଉଛି। ମହାରାଷ୍ଟ୍ର ରାଜନୀତି କଥା ଦେଖନ୍ତୁ। ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି ଯେ ବିଜେପି ଏବଂ ସିନ୍ଦେ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଥିବା ଗୁଜବ ଭିତରେ ପୋଲିସ ଶିବସେନା ବିଧାୟକ ସନ୍ତୋଷ ବାଙ୍ଗରଙ୍କ ବାସଭବନରେ ଚଢାଉ କରିଛି। ସିନ୍ଦେ ଗୋଷ୍ଠୀର ଏହି ବିଧାୟକ ବିଜେପିକୁ ଟାର୍ଗେଟ କରି ଏହାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ହିଙ୍ଗୋଲି ପୌର ପରିଷଦ ଏବଂ ନଗର ନିଗମ ପାଇଁ ନିର୍ବାଚନ ଋତୁ ମଧ୍ୟରେ ଏହି ଚଢାଉ ହୋଇଛି । ଏହାକୁ ଆକଳନ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ।

ଶିବସେନା ଦାବି କରିଛି ଯେ, ପ୍ରାୟ ୧୦୦ ପୋଲିସ କର୍ମଚାରୀ କଲାମନୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ସନ୍ତୋଷ ବାଙ୍ଗରଙ୍କ ଘରେ ଛାପା ମାରିଛନ୍ତି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବିଧାୟକ ହେମନ୍ତ ପାଟିଲ ଦାବି କରିଛନ୍ତି ଯେ ବାଙ୍ଗରଙ୍କ ଘରେ ଏହି ପୋଲିସ ଚଢାଉ ବିଜେପି ବିଧାୟକଙ୍କ ଚାପ ଯୋଗୁଁ ହୋଇଛି। ସେ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି ଘଟଣାର ତଦନ୍ତ କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କ ସହ ଆଲୋଚନା କରିବେ।

ବାସ୍ତବରେ, ହିଙ୍ଗୋଲି ନଗର ନିଗମ ନିର୍ବାଚନକୁ ନେଇ ସିନ୍ଦେ ଗୋଷ୍ଠୀର ବିଧାୟକ ବାଙ୍ଗର ଏବଂ ବିଜେପି ବିଧାୟକ ତାନାଜୀ ମୁଟକୁଲେ ମୁହାଁମୁହିଁ ହୋଇଛନ୍ତି । ହେମନ୍ତ ପାଟିଲ କହିଛନ୍ତି ଯେ ହିଙ୍ଗୋଲି ଜିଲ୍ଲାରେ ଶିବସେନାର ସ୍ଥିତି ଏବେ ଭଲ। ଏହା ନିଶ୍ଚିତ ଭାବରେ ଭୁଲ ଯେ ୧୦୦ ଜଣ ପୋଲିସ ସକାଳ ୫ଟାରେ ବାଙ୍ଗରଙ୍କ ଘରେ ଚଢାଉ କରିଥିଲେ ଏବଂ ତାଙ୍କ ୭୫ ବର୍ଷୀୟା ଅସୁସ୍ଥ ମାଆଙ୍କୁ ହଇରାଣ କରାଯାଇଥିଲା।

ହେମନ୍ତ ପାଟିଲ ଏହା ମଧ୍ୟ କହିଛନ୍ତି ଯେ ବିଧାୟକଙ୍କ ଘରେ ଚଢାଉ କରିବା ପୂର୍ବରୁ ବିଧାନସଭା ବାଚସ୍ପତିଙ୍କ ଅନୁମତି ଆବଶ୍ୟକ। ତଥାପି, ଏପରି କୌଣସି ନିର୍ଦ୍ଦେଶ କିମ୍ବା ଇମେଲ୍ ମିଳିନାହିଁ। ସେ ପ୍ରଶ୍ନ କରିଛନ୍ତି କି, 'ଏହି ଚଢାଉ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ? ଏହା କ'ଣ ବିଜେପି ବିଧାୟକ ମୁଟକୁଲେଙ୍କ ଚାପରେ କରାଯାଇଥିଲା ? ଏ ନେଇ ଏବେ ଚର୍ଚ୍ଚା ସରଗରମ ହୋଇ ଉଠିଛି ଏବଂ ପରସ୍ପର ପରସ୍ପର ଉପରୁ ବିଶ୍ୱାସ ତୁଟିବାକୁ ଲାଗିଛି। କହିବାକୁ ଗଲେ ମେଣ୍ଟରେ ଫାଟ ସୃଷ୍ଟି ହେବାକୁ ଲାଗିଛି। କେତେବେଳେ ଏହା ବିରାଟ ଆକାର ନେବ କେହି କହିପାରିବନି।

# ଧନୁ ସଂକ୍ରାନ୍ତି ଓ ଧନୁ ମୁଆଁ: ପବିତ୍ର ପରମ୍ପରା, ଭକ୍ତି ଓ ଓଡ଼ିଆ ଐତିହ୍ୟର ସୁନ୍ଦର ସମନ୍ୱୟ



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ଧନୁ ସଂକ୍ରାନ୍ତି ହିନ୍ଦୁ ପଞ୍ଜିକାରେ ଏକ ଗଭୀର ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରୁଥିବା ଦିନ ଅଟେ। ଏହି ଦିନ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରନ୍ତି, ଯାହା ସହିତ ପ୍ରକୃତି, ଋତୁ ଓ ମାନବ ଜୀବନର ଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଏ। ଏହା କେବଳ ଏକ ଜ୍ୟୋତିଷୀୟ ଘଟଣା ନୁହେଁ, ବରଂ ଆତ୍ମସଂଯମ, ଧ୍ୟାନ ଓ ଆତ୍ମପରିଶୋଧନର ଏକ ପବିତ୍ର ସମୟର ଆରମ୍ଭକୁ ସୂଚିତ କରେ। ଧନୁ ସଂକ୍ରାନ୍ତି ସହିତ ଖରା ମାସର ଆରମ୍ଭ ହୁଏ, ଯାହାକୁ ହିନ୍ଦୁ ପରମ୍ପରାରେ ବିଶେଷ ମାନ୍ୟତା ଦିଆଯାଏ। ଏହି ସମୟରେ ବିବାହ, ଗୃହ ପ୍ରବେଶ, ନୂତନ କାର୍ଯ୍ୟ ଆରମ୍ଭ ପରି ଶୁଭ କାର୍ଯ୍ୟରୁ ଦୂରେଇ ରହିବାର ପରମ୍ପରା ରହିଛି। ଏହାର ଅର୍ଥ ଏହି ସମୟ ଅଶୁଭ ନୁହେଁ, ବରଂ ଏହା ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଅତ୍ୟନ୍ତ ଉପଯୁକ୍ତ। ଏହି ଦିନଗୁଡ଼ିକ ମନୁଷ୍ୟକୁ ବାହ୍ୟ ଆଡମ୍ବର ଠାରୁ ଦୂରେ ରହି ନିଜ ମନ ଓ ଆତ୍ମା ସହ ସଂଯୋଗ ସ୍ଥାପନ କରିବାକୁ ପ୍ରେରଣା ଦିଏ। ଧନୁ ସଂକ୍ରାନ୍ତି ସମୟରେ ଧାର୍ମିକ ଆଚରଣରେ ସରଳତା ଓ ଭକ୍ତିର ପ୍ରାଧାନ୍ୟ ଥାଏ। ଭକ୍ତମାନେ ପ୍ରାତଃକାଳେ ଉଠି ସ୍ନାନ କରି ଦେବଦେବୀଙ୍କ ପୂଜା, ମନ୍ତ୍ର ଜପ ଓ ଧ୍ୟାନରେ ଲୀନ ହୁଅନ୍ତି। ଭଗବାନ ବିଷ୍ଣୁଙ୍କ ପ୍ରତି ଏହି ସମୟରେ ବିଶେଷ ଭକ୍ତି ଦେଖାଯାଏ। ଏହି ଅବଧିରେ ଶାସ୍ତ୍ର ପାଠ, ନାମ ସ୍ମରଣ ଓ ସାଧନା ମାଧ୍ୟମରେ ଆତ୍ମଶୁଦ୍ଧିରେ ଗୁରୁତ୍ୱ ଦିଆଯାଏ। ଭାରତର ବିଭିନ୍ନ ଅଞ୍ଚଳରେ ଧନୁ ସଂକ୍ରାନ୍ତିର ନିଜସ୍ୱ ସାଂସ୍କୃତିକ ରୂପ ରହିଛି। ଓଡ଼ିଶାରେ ଧନୁ ମାସ ଭାବେ ପରିଚିତ ଏହି ସମୟକୁ ଅତ୍ୟନ୍ତ ପବିତ୍ର ମନାଯାଏ। ଶ୍ରୀଜଗନ୍ନାଥ ମନ୍ଦିର ସହ ଅନ୍ୟାନ୍ୟ ମନ୍ଦିରରେ ପ୍ରଭାତ ଧୂପ, ଭଜନ ଓ କୀର୍ତ୍ତନ ମାଧ୍ୟମରେ ପରିବେଶ ଆଧ୍ୟାତ୍ମିକତାରେ ପୂର୍ଣ୍ଣ ହୋଇଯାଏ। ଦକ୍ଷିଣ ଭାରତରେ ମଧ୍ୟ ଏହି ସମୟ ପ୍ରକୃତି ଓ କୃଷି ଚକ୍ର ସହ ଗଭୀର ଭାବେ ଜଡିତ ଥାଏ, ଯାହା ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ସମନ୍ୱୟକୁ ପ୍ରତିବିମ୍ବିତ କରେ।

ଦାନ ଓ ପୁଣ୍ୟ ଧନୁ ସଂକ୍ରାନ୍ତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱ। ଏହି ସମୟରେ ଖାଦ୍ୟ, ବସ୍ତ୍ର, ଧାନ୍ୟ ଓ ଧନ ଦାନ କରିବାକୁ ଅତ୍ୟନ୍ତ ଶୁଭ ମନାଯାଏ। ଏହା ହିନ୍ଦୁ ଧର୍ମର ସାମାଜିକ ଦାୟିତ୍ୱବୋଧକୁ ପ୍ରକାଶ କରେ, ଯେଉଁଠାରେ ନିଜର ଆଧ୍ୟାତ୍ମିକ ଉନ୍ନତି ସହ ସମାଜର କଲ୍ୟାଣ ଅତୁଟ ଭାବେ ଜଡିତ। ଦୟା, ସହାନୁଭୂତି ଓ ସେବା ମାଧ୍ୟମରେ ମନୁଷ୍ୟ ନିଜ ଧର୍ମକୁ ପୂରଣ କରେ। ଆଧୁନିକ ଜୀବନ ପରିପ୍ରେକ୍ଷିରେ ଧନୁ ସଂକ୍ରାନ୍ତି ଏକ ଗଭୀର ସନ୍ଦେଶ ଦେଇଥାଏ। ଆଜିର ଦ୍ରୁତଗତି ଓ ଭୌତିକ ଆକାଂକ୍ଷାପୂର୍ଣ୍ଣ ଜୀବନରେ ଏହା ମନୁଷ୍ୟକୁ କିଛିକ୍ଷଣ ରହି ଆତ୍ମମନନ କରିବାକୁ ପ୍ରେରଣା ଦିଏ। ସଂଯମ, ଧୈର୍ଯ୍ୟ ଓ ସଚେତନ ଜୀବନ ଧାରାକୁ ଅନୁସରଣ କରିବାର ଶିକ୍ଷା ଏହି ପର୍ବ ଦେଇଥାଏ। ଯେଉଁମାନେ ପାରମ୍ପରିକ ରୀତିନୀତିକୁ ପୂର୍ଣ୍ଣ ଭାବେ ପାଳନ କରିପାରନ୍ତି ନାହିଁ, ସେମାନେ ମଧ୍ୟ ଏହାର ଦାର୍ଶନିକ ଅର୍ଥକୁ ନିଜ ଜୀବନରେ ଅନୁପ୍ରୟୋଗ କରିପାରନ୍ତି।

ଧନୁ ମୁଆଁ ଧନୁ ସଂକ୍ରାନ୍ତି ସହ ଜଡିତ ଏକ ଅତ୍ୟନ୍ତ ଅନନ୍ୟ ଓ ସାଂସ୍କୃତିକ ଭାବେ ସମୃଦ୍ଧ ପରମ୍ପରା, ବିଶେଷକରି ଓଡ଼ିଶାରେ ଏହାର ବିଶେଷ ମହତ୍ତ୍ୱ ରହିଛି। ଏହା ନୂଆ ଧାନରୁ ପ୍ରସ୍ତୁତ ଚାଉଳ, ଗୁଡ଼, ନଡ଼ିଆ , ଗୋଲମରିଚ, ଅଦା, ତେଜପତ୍ର ଓ ଘିଅ ମିଶାଇ ପ୍ରସ୍ତୁତ କରାଯାଉଥିବା ଏକ ପବିତ୍ର ଭୋଗ। ଅନ୍ୟାନ୍ୟ ପର୍ବର ମିଷ୍ଟାନ୍ନ ଭଳି ଏହା କେବଳ ଖାଦ୍ୟ ନୁହେଁ, ବରଂ ଧନୁ ମାସର ପ୍ରଭାତ କାଳରେ ସଂଯମ ଓ ପବିତ୍ରତା ସହ ପ୍ରସ୍ତୁତ କରାଯାଉଥିବା ଏକ ଧାର୍ମିକ ଅର୍ପଣ। ଏହା ପ୍ରଧାନତଃ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ଅର୍ପିତ କରାଯାଏ, ଯାହା କୃଷି ଉତ୍ପାଦନ ପ୍ରତି କୃତଜ୍ଞତା ଓ ଈଶ୍ୱର ପ୍ରତି ଭକ୍ତିର ପ୍ରତୀକ। ସୂର୍ଯ୍ୟୋଦୟ ପୂର୍ବରୁ ପୂଜା ଓ ନିଷ୍ଠା ସହ ଏହାର ପ୍ରସ୍ତୁତିକୁ ଏକ ଆଧ୍ୟାତ୍ମିକ କାର୍ଯ୍ୟ ଭାବେ ଦେଖାଯାଏ, ଯାହା ଖାଦ୍ୟ, ଆସ୍ଥା ଓ କୃଷି ପରମ୍ପରାର ଗଭୀର ସମ୍ପର୍କକୁ ପ୍ରକାଶ କରେ। ଧନୁ ମୁଆଁର ମହତ୍ତ୍ୱ କେବଳ ରୁଚି କିମ୍ବା ପରମ୍ପରାରେ ସୀମିତ ନୁହେଁ, ଏହା ସଂଯମ, ନମ୍ରତା ଓ ସାମୂହିକ ଭକ୍ତିର ଏକ ସଜୀବ ପ୍ରତୀକ। ଏହା ଆଡମ୍ବର ପାଇଁ ନୁହେଁ, ବରଂ ସରଳତା ଓ ନିୟମିତତା ସହ ଭଗବାନଙ୍କୁ ଅର୍ପଣ କରାଯାଉଥିବା ଏକ ପବିତ୍ର ପଦାର୍ଥ, ଯାହା ଧନୁ ସଂକ୍ରାନ୍ତିର ଆଧ୍ୟାତ୍ମିକ ଭାବନା ସହ ସମ୍ପୂର୍ଣ୍ଣ ମେଳ ଖାଏ। ଧନୁ ମୁଆଁ କୃଷକ ଓ ପୃଥିବୀର ଅବଦାନକୁ ସ୍ମରଣ କରାଇ, ଧାନ୍ୟ ପ୍ରତି ସମ୍ମାନ ଓ କୃତଜ୍ଞତାର ଶିକ୍ଷା ଦେଇଥାଏ। ପିଢ଼ି ଧରି ଚାଲିଆସୁଥିବା ଏହି ପରମ୍ପରା ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ସହ ଧୈର୍ଯ୍ୟ, କୃତଜ୍ଞତା ଓ ଖାଦ୍ୟ ପ୍ରତି ସମ୍ମାନର ମୂଲ୍ୟବୋଧକୁ ପରବର୍ତ୍ତୀ ପିଢ଼ିକୁ ସ୍ଥାନାନ୍ତର କରିଆସୁଛି। ଆଧୁନିକ ସମୟରେ ମଧ୍ୟ ଧନୁ ମୁଆଁ ଆଧ୍ୟାତ୍ମିକ ସମତୁଳନ ଓ ସାଂସ୍କୃତିକ ଅବିରତତାର ଏକ ଶକ୍ତିଶାଳୀ ପ୍ରତୀକ ଭାବେ ରହିଛି, ଯାହା ଏହି ସନ୍ଦେଶ ଦେଇଥାଏ ଯେ ସତ୍ୟ ଉତ୍ସବ ଆଡମ୍ବରରେ ନୁହେଁ, ବରଂ ଭକ୍ତି, କୃତଜ୍ଞତା ଓ ଆତ୍ମଶୁଦ୍ଧିରୁ ଆରମ୍ଭ ହୁଏ।
ଶେଷରେ, ଧନୁ ସଂକ୍ରାନ୍ତି ସୂର୍ଯ୍ୟର ଗତି ସହ ମନୁଷ୍ୟର ଚେତନାର ଏକ ନୂତନ ମୋଡ଼କୁ ସୂଚିତ କରେ। ଏହା ଶିଖାଏ ଯେ ଜୀବନରେ କାର୍ଯ୍ୟ ଓ ସଂଯମ, ଉତ୍ସବ ଓ ଧ୍ୟାନ ମଧ୍ୟରେ ସମତୁଳନ ଅତ୍ୟାବଶ୍ୟକ। ଭୌତିକ ଆକାଂକ୍ଷାରୁ କିଛିଦିନ ଦୂରେ ରହି ଆଧ୍ୟାତ୍ମିକ ମୂଲ୍ୟବୋଧ ସହ ଜୀବନକୁ ଜଢ଼େଇ ଧରିବାର ଆହ୍ୱାନଦେଇ, ଧନୁ ସଂକ୍ରାନ୍ତି ସତ୍ୟ ସୁଖ ଓ ଶାନ୍ତିର ପଥକୁ ଉଜାଗର କରେ। ଦେଇ, ଧନୁ ସଂକ୍ରାନ୍ତି ସତ୍ୟ ସୁଖ ଓ ଶାନ୍ତିର ପଥକୁ ଉଜାଗର କରେ।

# ବନ୍ଦେମାତରମ୍ - ୨



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଆନନ୍ଦମଠ ପ୍ରକାଶିତ ହେବାପରେ ବନ୍ଦେମାତରମ୍ ଧିରେ ଧିରେ ଲୋକପ୍ରିୟତା ଅର୍ଜନ କଲା । ସ୍ୱାଧୀନତା ଆନ୍ଦୋଳନ ପରିପ୍ରେକ୍ଷୀରେ ଭାରତୀୟ ଜାତୀୟ କଂଗ୍ରେସ ଏହି ଗୀତକୁ ଗ୍ରହଣ କରିଥିଲେ । ୧୮୮୬ମସିହା ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ପ୍ରଥମଥର ପାଇଁ ଏହି ଗୀତ ଗାନ କରାଯାଇଥିଲା । ଏହି ସମୟରେ କଂଗ୍ରେସର ଅଧ୍ୟକ୍ଷ ଥିଲେ ରହିମ୍ ତୁଲ୍ଲା ଖାଁ । ଏହି ଗୀତକୁ ଗାନ କରିଥିଲେ ବିଶ୍ୱଗୁର ତଥା କବିଗୁରୁ ରବିନ୍ଦ୍ରନାଥ ଟାଗୋର । ୧୯୦୫ମସିହାରେ ଗୁରୁଦେବ ରବିନ୍ଦ୍ରନାଥଟାଗୋର ଏହି ଗୀତର ଧୁନ୍ ପ୍ରସ୍ତୁତ କଲେ । ୧୯୦୬ମସିହାରେ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଏହି ଗୀତକୁ ଅଧିକାରୀକ ରୂପେ ସ୍ୱୀକୃତି ମିଳିଲା । ସ୍ୱାଧୀନତା ସଂଗ୍ରାମ ଅବସରରେ ଇଂଗ୍ରେଜ ଶକ୍ତି ବିରୁଦ୍ଧରେ ଆୟୋଜିତ ବିଭିନ୍ନ ଧର୍ମଘଟ, ଶୋଭାଯାତ୍ରା, ହରତାଲ୍, ବିକ୍ଷୋଭ, ଧାରଣା ପ୍ରଭୃତିରେ ଭାରତୀୟ ଜାତୀୟ କଂଗ୍ରେସ ଏହି ଗୀତକୁ ଗାନ କରୁଥିଲେ ଏବଂ ଏହାର ପଦକୁ ନାରା ଭାବେ ବ୍ୟବହାର କରାଯାଇଥିଲା । ୧୯୧୧ମସିହାରେ ଇଂଲଣ୍ଡ ସମ୍ରାଟ ପଂଚମ ଜର୍ଜ ଭାରତ ଆଗମନ ଅବସରରେ ଏକଦରବାର ଆୟୋଜିତ ହୋଇଥିଲା । ଦରବାର ବାହାରେ ଦେଶପ୍ରେମୀ, ରାଷ୍ଟ୍ରଭକ୍ତ, ଶ୍ରଦ୍ଧାଳୁ, ସଂଗ୍ରାମୀମାନେ ଗର୍ବର ସହିତ ବନ୍ଦେମାତରମ୍ ନାରା ଲଗାଇଥିଲେ । ବନ୍ଦେମାତରମ୍ ଗୀତ ଓ ନାରା ପ୍ରତି ପ୍ରବଳ ଜନସମର୍ଥନ ଦେଖି ଅବିବେକି ତଥା ହୃଦୟହୀନ ଇଂଗ୍ରେଜ ସରକାର ବ୍ୟତିବ୍ୟସ୍ତ ହୋଇପଡିଲେ । ୧୯୧୫ମସିହାରେ ଇଂଗ୍ରେଜ ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ବନ୍ଦେମାତରମ୍‌କୁ ଗାନ କରିବାରେ ପ୍ରତିବନ୍ଧକ ଲଗାଇଥିଲେ । ୧୯୦୭ମସିହାରେ ସ୍ୱାମୀ ବିବେକାନନ୍ଦ ଭାଇ ଭୂପେନ୍ଦ୍ରନାଥ ଦତ୍ତ ଅଲିପୁର ଜେଲରେ କଏଦୀ ଥିବାବେଳେ ବନ୍ଦେମାତରମ୍ ନାରା ଲଗାଇଥିବାର ତାଙ୍କୁ କଠୋର ନିର୍ଯାତନା ଦିଆଯାଇଥିଲା । ଜେଲ୍ କର୍ତ୍ତୃପକ୍ଷ କଏଦୀମାନଙ୍କୁ ଇଂଲଣ୍ଡ ସମ୍ରାଟଙ୍କ ସମ୍ମାନାର୍ଥେ ଗଡସେ ଇନ୍ କିଙ୍ଗ୍ ଗୀତ ଗାଇବାକୁ ବାଧ୍ୟ କରିଥିଲେ । ଉପେନ୍ଦ୍ରନାଥ ଦତ୍ତ ଜେଲ୍ ଅଧିକାରୀଙ୍କୁ ଅମାନ୍ୟ କରି ବନ୍ଦେମାତରମ୍ ଗାଇଥିବାରୁ ତାଙ୍କ ପିଠିରେ ଅମାନୁଷିକ ଭାବେ ୪୦ ପାହାର କୋରଡାମାଡ ବସିଥିଲା । ୧୯୦୫ମସିହାରେ ବଙ୍ଗଭଙ୍ଗ ବିରୋଧରେ ଯେଉଁ ତୀବ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲା ତାର ସଂଗ୍ରାମୀମାନଙ୍କ ମନରେ ପ୍ରେରଣାର ଉତ୍ସ ଥିଲା । ବନ୍ଦେମାତରମ୍ ନାରା ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱଦେଶୀ ଆନ୍ଦୋଳନର ପ୍ରମୁଖ ନାରା ଥିଲା । ବନ୍ଦେମାତରମ୍ ମହାତ୍ମାଗାନ୍ଧୀଙ୍କ ଅତିପ୍ରିୟ ଗୀତ ଥିଲା। ବନ୍ଦେମାତରମ୍, ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ଏହି ଗୀତ ଗାନ କରାଯାଏ । ୧୯୩୭ପୂର୍ବରୁ ଏହି ଗୀତକୁ ରାଷ୍ଟ୍ରୀୟ ମାନ୍ୟତା ଦେବା ନିମନ୍ତେ ଭାରତୀୟ କଂଗ୍ରେସ ଏକ କମିଟି ଗଠନ କରିଥିଲା । ଏହି କମିଟିରେ ସଦସ୍ୟ ଥିଲେ ମୌଲାନା ଆଜାଦ, ଜବାହରଲାଲ୍ ନେହେରୁ, ସୁଭାଷଚନ୍ଦ୍ର ବୋଷ, ଆଚାର୍ଯ୍ୟ ନରେନ୍ଦ୍ର, ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର । ୧୯୩୭ ମସିହାରେ ଜାତୀୟ କଂଗ୍ରସେର ଅଧିବେଶନରେ ଏହି ଗୀତକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନ କରାଗଲା । ୧୯୩୭ ମସିହା ସମୟରେ ପ୍ରାଦେଶିକ ସ୍ତରରେ ଅଧିକାଂଶ ରାଜ୍ୟରେ କଂଗ୍ରେସ ସରକାର ଗଠିତ ହୋଇଥିଲା । ରାଜ୍ୟ ସରକାର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବନ୍ଦେମାତରମ୍ ଗାନ କରିବାକୁ ବାଧ୍ୟତାମୂଳକ କରିଥିଲେ । ଦେଶ ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ୨୧ ମେ ୧୯୪୮ରେ କ୍ୟାବିନେଟ୍‌କୁ ଏକ ନୋଟ୍ ପ୍ରେରଣ କରିଥିଲେ । ବନ୍ଦେମାତରମ୍ ପ୍ରସଙ୍ଗରେ ୨୬ ଅକ୍ଟୋବର୧୯୩୭ ମସିହାରେ ରବୀନ୍ଦ୍ରନାଥ ଟାଗୋର ବନ୍ଦେମାତରମ୍ ପ୍ରସଙ୍ଗରେ ଏକ ଚିଠି ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ପାଖକୁ ପଠାଇଥିଲେ । ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର ଲେଖିଥିବା ପତ୍ରରୁ ପ୍ରମାଣ ମିଳେ ସବ୍ୟସାଚୀ ଭଟ୍ଟାଚାର୍ଯ୍ୟଙ୍କ ପୁସ୍ତକ ବନ୍ଦେମାତରମ ଦି ବାଇଓଗ୍ରାଫି ଅଫ୍ ଏ ସଙ୍ଗ ବଙ୍ଗଳାର ବୁଢୀ ଗାନ୍ଧୀ ନାମରେ ପରିଚିତ ଥିଲେ ମାତଙ୍ଗିନୀ ହାଜରା । ସ୍ୱତନ୍ତ୍ର ସେନାନୀ ମାତଙ୍ଗିନୀ ହାଜରା ଏକ ଇଂଗ୍ରେଜ ବିରୋଧୀ ପ୍ରଦର୍ଶନରେ ଗୁଳିମାଡରେ ନିହତ ହେଲେ । ମୃତ୍ୟୁର ଅନ୍ତିମ ମୁହୂର୍ତ୍ତରେ ସେ ବନ୍ଦେମାତରମ୍ ନାରା ଲଗାଇଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଯୁଦ୍ଧ ଘୋଷ ଥିଲା ବନ୍ଦେମାତରମ୍ । ୧୯୨୮ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ସାଇମନ୍ କମିଶନକୁ ବିରୋଧ କରିଥିଲେ। ଏହି କ୍ରମରେ ସାଇମନ୍ କମିଶନ ବିରୋଧ କରୁଥିବା ସମୟରେ ଇଂଗ୍ରେଜ ପୋଲିସ୍ ଲାଠିମାଡରେ ପଞ୍ଜାବ କେଶରୀ ଲାଲା ଲାଜପତ୍ ରାୟ ଗୁରୁତର ଆଘାତ ପାଇଥିଲେ । ସେ ତାଙ୍କ ସହୋଯୋଗୀମାନଙ୍କୁ କହିଥିଲେ ତାଙ୍କ ଅନ୍ତିମ ଯାତ୍ରାରେ ବନ୍ଦେମାତରମ୍ ଗାଇବା ପାଇଁ। ଲାଲା ଲାଜପତରାୟଙ୍କ ଶେଷ ଇଚ୍ଛା ସ୍ୱରୁପ ତାଙ୍କ ଅନ୍ତିମ ଯାତ୍ରାରେ ସତୀର୍ଥ ସଂଗ୍ରାମୀ ଓ ସାଧାରଣଜନତା ବନ୍ଦେମାତରମ୍ ଗାନ କରିଥିଲେ ଓ ନାରା ଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ବ୍ରିଟିଶ୍ ପୋଲିସ୍ ଲାଠି ଓ ଗୁଳି ଚାଳନା କରିଥିଲେ । ଆଜାଦ୍ ହିନ୍ଦ୍ ଫୌଜ ଆଣ୍ଡାମାନ ଦ୍ୱୀପକୁ ଇଂଗ୍ରେଜମାନଙ୍କଠାରୁ ମୁକ୍ତି କଲାବେଳେ ତ୍ରିରଙ୍ଗା ପତାକା ଉତ୍ତୋଳନ ଅବସରରେ ବନ୍ଦେମାତରମ୍ ଗାନ କରାଯାଇଥିଲା। ଆଜାଦ୍ ହିନ୍ଦ୍ ଫୌଜର ବୀରଙ୍ଗନା ଲକ୍ଷ୍ମୀ ସେହେଗଲ ଯେତେବେଳେ ବନ୍ଦେମାତରମ୍ ଗାନ କରୁଥିଲେ ଜାପାନୀ ସୈନିକମାନେ ତୁଟିଫୁଟି ସ୍ୱରରେ ବନ୍ଦେମାତରମ୍ ଗାଉଥିଲେ । ୧୯୩୯ ଜୁଲାଇ ପହିଲାରେ ବନ୍ଦେମାତରମ୍ ପ୍ରସଙ୍ଗରେ ଗାନ୍ଧୀଜୀ ଏକ ଆଲେଖ୍ୟ ହରିଜନ ପତ୍ରିକାରେ ପ୍ରକାଶ କରିଥିଲେ । ଗାନ୍ଧୀଜୀଙ୍କ ପ୍ରେରିତ ଚିଠିର ଶେଷରେ ପ୍ରାୟ ବନ୍ଦେମାତରମ୍ ଲେଖାଯାଇଥାଏ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ନାରା ଜୟହିନ୍ଦ୍ ଓ ବନ୍ଦେମାତରମ୍‌କୁ ଗାନ୍ଧୀଜୀ ଗ୍ରହଣ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତା, ଜନତା ଓ ସଂଗ୍ରାମୀ ପରସ୍ପରକୁ ବନ୍ଦେମାତରମ୍ କହି ସମ୍ବୋଧନ କରୁଥିଲେ । ଜାତୀୟ ପତାକା ସହିତ ବନ୍ଦେମାତରମ୍ ଗୀତ ଗଢିତ । ୧୯୦୫ମସିହାରେ ଭଗିନୀ ନିବେଦିତା ପ୍ରସ୍ତୁତ କରିଥିବା ପତାକାରେ ରଖିଥିଲେ ବନ୍ଦେମାତରମ୍ । ୧୯୦୭ମସିହାରେ ମ୍ୟାଡାମ୍ ଭିକାଜୀ ରୁସ୍ତମକାମା ଜର୍ମାନୀର ଷ୍ଟାଟଗାର୍ଟ ସହରରେ ଯେଉଁ ପତାକା ଉଡାଇଥିଲେ ସେଥିର ମଧ୍ୟଭାଗରେ ବନ୍ଦେମାତରମ୍ ଲେଖାଯାଇଥିଲା । ସେ ମଧ୍ୟ ବନ୍ଦେମାତରମ୍ ଗାନ କରିଥିଲେ । ୧୪ଅଗଷ୍ଟ ୧୯୪୭ମଧ୍ୟରାତ୍ରରେ ସ୍ୱାଧୀନତା ପ୍ରାପ୍ତିର ଅବସରରେ ସଂସଦ କକ୍ଷରେ ବନ୍ଦେମାତରମ୍ ଗାନ କରାଯାଇଥିଲା । ୧୫ ଅଗଷ୍ଟ ୧୯୪୭ ପ୍ରଭାତରେ ଆକାଶବାଣୀର ପ୍ରଥମ ଗୀତ ବନ୍ଦେମାତରମ୍ ପ୍ରସାରଣ କରାଯାଇଥିଲା। ଏହାକୁ ଗାନ କରିଥିଲେ ଓଁକାରନାଥଠାକୁର। ବନ୍ଦେମାତରମ୍ ଗୀତ ରଚନାର ୧୫୦ବର୍ଷ ପୂର୍ଣ୍ଣ ଉପଲକ୍ଷେ ରଚୟତା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ଗାଇ ଅକଥନୀୟ ନିର୍ଯାତନା ସହିଥିବା ସମସ୍ତ ସଂଗ୍ରାମୀମାନଙ୍କୁ କୃତଜ୍ଞ ଜାତିର ଗଭୀର ଶ୍ରଦ୍ଧାଞ୍ଜଳୀ ।

# ଧନୁ ମାସର ମହତ୍ତ୍ୱ ଓ ଶ୍ରୀମନ୍ଦିରରେ ପହିଲି ଭୋଗର ବିଧାନ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ଭାରତୀୟ ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ ଦୁଇବିଧ କାଳ ଗଣନା ରହିଛି। ଗୋଟିଏ ହେଉଛି ସୌର ଗଣନା ଏବଂ ଅପରଟି ହେଲା ଚନ୍ଦ୍ର ଗଣନା। ସୌର ମାସର ପ୍ରଥମ ଦିନକୁ ସଂକ୍ରାନ୍ତି ଓ ଚନ୍ଦ୍ର ମାସର ଅନ୍ତିମ ଦିନକୁ ପୂର୍ଣ୍ଣିମା କୁହାଯାଏ। ଉଭୟ ଗ୍ରହ ଯେଉଁ ଯେଉଁ ରାଶିକୁ ଗମନ କରନ୍ତି ତାହାକୁ ନେଇ ମାସ ଓ ଋତୁ ନିର୍ଣ୍ଣୟ କରାଯାଏ। ଯେପରି ଗ୍ରହରାଜ ସୂର୍ଯ୍ୟ ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ରାଶିକୁ ଚଳନ କଲେ ଏକ ଏକ ସଂକ୍ରାନ୍ତି ଏବଂ ମାସ ହିସାବରେ ବୈଶାଖ ଠାରୁ ଚୈତ୍ର ମାସ ହୋଇଥାଏ। ସେପରି ଚନ୍ଦ୍ର ଗଣନା ବି ରହିଛି। ଏହି ଗଣନା ଦ୍ୱାରା ଆମର ଧାର୍ମିକ ପର୍ବପର୍ବାଣୀ ଓ ତିଥିକୁ ନିର୍ଦ୍ଧାରଣ କରିଥାଏ ଏବଂ ସୌର ଗଣନା ବିଶେଷତଃ ଋତୁ ଆଦି ବାସ୍ତବ ବର୍ଷକୁ ସ୍ଥିର ରଖିଥାଏ । ଉକ୍ତ ବାରଗୋଟି ସଂକ୍ରାନ୍ତିର ବିଶେଷତା ଆମ ଜଗନ୍ନାଥ ସଂସ୍କୃତିରେ ଦେଖିବାକୁ ମିଳେ। ସେଥିମଧ୍ୟରୁ ଧନୁ ସଂକ୍ରାନ୍ତିର ମହତ୍ତ୍ୱ ଓ ରୀତି-ନୀତିମାନ ଶ୍ରୀମନ୍ଦିରରେ ପରିଲକ୍ଷିତ ହୁଏ। ଏହି ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ବୃଷ୍ଚିକ ରାଶିରୁ ଧନୁ ରାଶିକୁ ଆଗମନ କରିଥାନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀ ସୁଦର୍ଶନଙ୍କ ନିକଟରେ ମୁଖ୍ୟତଃ ଦୁଇବିଧ ନୀତି ଅନୁଷ୍ଠିତ ହେଇଥାଏ । ଗୋଟିଏ ଦୈନିକ ନୀତି, ଯାହା ଠାକୁର ମାନଙ୍କ ମଙ୍ଗଳ ଆଳତୀ ଠାରୁ ଆରମ୍ଭ ହୋଇ ପହୁଡ଼ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟଟି ହେଉଛି ବିଶେଷ ନୀତି, ଯାହା ବର୍ଷର ବିଭିନ୍ନ ପର୍ବପର୍ବାଣୀ ସମୟରେ ଦେଖିବାକୁ ମିଳିଥାଏ। ସେଥି ମଧ୍ୟରୁ ଧନୁ ସଂକ୍ରାନ୍ତିରେ ବିଶେଷ ନୀତି ଅନୁଷ୍ଠିତ ହୁଏ। ଏହି ସଂକ୍ରାନ୍ତି ନିମନ୍ତେ ଶ୍ରୀମନ୍ଦିରର ଦୈନନ୍ଦିନ ନୀତିରେ କିଛି ପରିବର୍ତ୍ତନ କରାଯାଇଥାଏ। ସାଧାରଣତଃ ଦ୍ୱାର ଫିଟା ନୀତି ଭୋର ଦୁଇଟାରୁ ତିନିଟା ମଧ୍ୟରେ ଏବଂ ମଙ୍ଗଳ ଆଳତୀ, ମଇଲମ, ତଡ଼ପଲାଗି ଆଦି ଅନ୍ୟାନ୍ୟ ନୀତିମାନ ବଢିଥାଏ। ସକାଳ କାଉ କା ନ କବିବା ପୂର୍ବରୁ ଗୋପାଳବଲ୍ଲଭ ସହିତ ପହିଲି ଅମୁଣିଆଁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଲାଗି କରାଯାଏ। ମହାପ୍ରଭୁ କାଳିଆ ସାଆନ୍ତ ଅଟନ୍ତି ଜୀବନ୍ତ ଠାକୁର। ସେ ନୀଳାଚଳ ଧାମରେ ମାନବୀୟ ଲୀଳା କରି ଚାଲିଛନ୍ତି। ମନୁଷ୍ୟମାନେ ଯେପରି ସୁସ୍ୱାଦୁ ଖାଦ୍ୟ ପ୍ରିୟ, ସେପରି ଜଗନ୍ନାଥ ମଧ୍ୟ ବ୍ୟଞ୍ଜନ ପ୍ରିୟ ଠାକୁର। ଏଣୁ ଧନୁମାସର ପ୍ରଥମ ଦିନ ଠାରୁ ମକର ସଂକ୍ରାନ୍ତିର ପୂର୍ବ ଦିନ ଅର୍ଥାତ୍ ମାସନ୍ତ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହଲି ଭୋଗର ହୋଇଥାଏ। ଏସବୁ ଦ୍ରବ୍ୟ ପ୍ରାୟତଃ ବିରି, ଗହମ, ଗୁଡ଼ ଓ ଗାଈ ଘିଅ ମିଶ୍ରଣରେ - ଝିଲି, ଆରିସା, କାକରା, ମଣ୍ଡା, ବିରି ଲଡୁ, ବିରି ବଡ଼ା, ଚଡ଼େଇ ନେଦା, ଛତୁ (ଲିଆ ଓ ଘିଅ ମିଶ୍ରିତ), ଗଇଁଠା, ମୁଗେଇ ଓ କଣ୍ଟେଇ ଇତ୍ୟାଦି ତେଇଶି ପ୍ରକାର ପିଠା ପ୍ରସ୍ତୁତ କରାଯାଇଥାଏ ଏବଂ ସ୍ୱତନ୍ତ୍ର ଧନୁ ମୁଆଁ ମଧ୍ୟ ଅର୍ପଣ କରାଯାଏ। ଏହି ଧନୁ ମୁଆଁ ଖଇ, ଗୁଡ଼, ଘିଅ, ନଡ଼ିଆ ଖଣ୍ଡ, କାଜୁ ଓ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ସହିତ ମିଶାଇ ପ୍ରସ୍ତୁତ କରାଯାଇଥାଏ। ବିଶ୍ୱାସ ରହିଛି ମହାପ୍ରଭୁ ଧନୁ ମୁଆଁ ଗ୍ରହଣ କରିବା ପରେ ଜାଡର ପ୍ରକୋପ ହ୍ରାସ ଘଟେ। ଏହି ପହିଲି ଭୋଗ ଧନୁ ସଂକ୍ରାନ୍ତି ଠାରୁ ମାସନ୍ତ ପର୍ଯ୍ୟନ୍ତ ଏକମାସ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ ଉକ୍ତ ଅବଧି ମଧ୍ୟରେ ଜଗଜ୍ଜନନୀ ମା' ମହାଲକ୍ଷ୍ମୀ ନିଜ ବାପଘରକୁ ଗମନ କରିଥାନ୍ତି , ତେଣୁ ବାତ୍ସଲ୍ୟମୟୀ ମା ' ଯଶୋଦା ନିଜ ହସ୍ତରେ ବିବିଧ ବ୍ୟଞ୍ଜନ ପ୍ରସ୍ତୁତ କରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପ୍ରଦାନ କରନ୍ତି।



ମହାପ୍ରଭୁ କାଳିଆ ସାଆନ୍ତ ମାତାଙ୍କ ପରଷା ପାଇବା ପାଇଁ କିପରି ଅପେକ୍ଷା ରତ, ଏ ଭାବକୁ ନେଇ ମୁଁ ମୋ'ର କ୍ଷୁଦ୍ର ମତିରେ ଏକପଦୀ କବିତାରେ ପ୍ରକାଶ କରିଛି :

ବଡଖିଆ ଆମ କାଳିଆ ଠାକୁର
ବଡ଼ ଦେଉଳରେ ରହି
ମାସ ମାସ ଧରି ଚାହିଁ ରହିଥାନ୍ତି
ମାତାଙ୍କ ପରଷା ପାଇଁ
ଆସେ ଯେବେ ଧନୁ ମାସ
ପହଲି ବ୍ୟଞ୍ଜନ କରିଣ ଭୋଜନ
ଲଭନ୍ତି ଆତ୍ମ ସନ୍ତୋଷ ॥

ଏହି ପହଲି ବ୍ୟଞ୍ଜନମାନ କୋଟି କୈବଲ୍ୟ ନାଥ କାଳିଆ ସାଆନ୍ତ ତଥା ବଳଭଦ୍ର ଓ ସୁଭଦ୍ରାଙ୍କୁ ପୂଜା ପଣ୍ଡା ସାମନ୍ତମାନେ ରତ୍ନବେଦୀ ତଳେ ଲାଗି କରିବା ପରେ ମା' ଆଦ୍ୟାଶକ୍ତି ବିମଳାଙ୍କୁ ଅର୍ପଣ କରାଯାଇଥାଏ। ଏହା ପରେ ମହାପ୍ରଭୁଙ୍କ ଉଚ୍ଛିଷ୍ଟ ମହାପ୍ରସାଦରେ ପରିଣତ ହୁଏ। ଏହି ମହାପ୍ରସାଦର ମହିମା ଅତି ଅପାର। ଏହାର ମହିମାକୁ ବର୍ଣ୍ଣନା କରିବାକୁ ଯାଇ ସ୍କନ୍ଦପୁରାଣରେ କୁହାଯାଇଛି :

ତଦୁଚ୍ଛିଷ୍ଟୋଭୋଗୋ ହି
ସର୍ବାଘକ୍ଷୟକାରକଃ।
ନ ତାଦୃଶସମଂ ପୁଣ୍ୟଂ ବସ୍ତ୍ୱସ୍ତି
ପୃଥିବୀତଳେ॥

ଅର୍ଥାତ୍ ମହାପ୍ରଭୁଙ୍କ ଉଚ୍ଛିଷ୍ଟ ଭୋଗ ବା ମହାପ୍ରସାଦ ହିଁ ସମସ୍ତ ପାପକୁ ନାଶ କରିଥାଏ। ଏପରି ପବିତ୍ର ବସ୍ତୁ ସମ ଅନ୍ୟ ବସ୍ତୁ ସମଗ୍ର ପୃଥିବୀ ପୃଷ୍ଠରେ ଆଉ କିଛି ନାହିଁ। ଏହାକୁ ଦର୍ଶନ ମାତ୍ରେ ପ୍ରଣାମ କରି ଗ୍ରହଣ କରିବା ଆବଶ୍ୟକ। ଏଥିରେ ସୂଚି ଓ ଅସୂଚି ଦେଖା ଯାଏନାହିଁ । ପୁନଃ ସ୍କନ୍ଦପୁରାଣରେ କୁହାଯାଇଛି :

ବିଷ୍ଣବାଳୟଗତଂ ତଦ୍ଧି ନିର୍ମାଲ୍ୟଂ
ପତିତାଦୟଃ ।
ସ୍ପୃଶନ୍ତ୍ୟନ୍ନଂ ନ ଦୁଷ୍ଟମ୍ ତଦ୍ ଯଥା
ବିଷ୍ଣୁସ୍ତଥୈବ ତତ୍ ।।

ଏହାର ଅର୍ଥ ଶ୍ରୀମନ୍ଦିରରୁ ବା ବିଷ୍ଣୁଙ୍କ ଆଳୟରୁ ଆସିଥିବା ପବିତ୍ର ନିର୍ମାଲ୍ୟକୁ ଯଦି ପତିତ ଜନାଦି ବ୍ୟକ୍ତିମାନେ ସ୍ପର୍ଶ କରିଦିଅନ୍ତି ତେବେ ମଧ୍ୟ ତାହା ଅପବିତ୍ର ହୁଏ ନାହିଁ। କାରଣ ତାହା ସାକ୍ଷାତ୍ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ଅଟେ। ଏଣୁ ଏହି ପାବନ ମହାପ୍ରସାଦକୁ ସମସ୍ତ ବ୍ୟକ୍ତି ସମୂହ ଅବିଚାରରେ ଗ୍ରହଣ କରିବା ବିଧେୟ। ମହାପ୍ରଭୁଙ୍କ ପହିଲି ଭୋଗ ନୀତି ମହାପ୍ରଭୁଙ୍କର 'ବାତ୍ସଲ୍ୟ ଲୀଳା'ର ଏକ ଅଂଶ ବିଶେଷ ଯାହା ଶ୍ରୀମନ୍ଦିରର ମାଧୁର୍ଯ୍ୟ ଭାବକୁ ପ୍ରକାଶ କରେ। ଏ ସମୟରେ ହଜାର ହଜାର ଭକ୍ତ ପୁରୀକୁ ଆସି ଏହି ବିଶେଷ ନୀତି ଦର୍ଶନ କରିବା ସହ ପହିଲି ଭୋଗ ପ୍ରସାଦ ଲାଭ କରିଥାନ୍ତି।

ଧନୁ ସଂକ୍ରାନ୍ତି ଅବସରରେ ପଶ୍ଚିମ ଓଡ଼ିଶାର ବରଗଡ ଠାରେ ବିଶ୍ୱ ପ୍ରସିଦ୍ଧ 'ଧନୁଯାତ୍ରା' ମହୋତ୍ସବ ଆରମ୍ଭ ହୋଇଥାଏ। ଯାହା ପୃଥିବୀର ସର୍ବବୃହତ୍ତମ ଖୋଲା ରଙ୍ଗମଞ୍ଚ ଭାବରେ ଜଣାଶୁଣା । ଯେଉଁଠାରେ ସମଗ୍ର ସହରକୁ ମଥୁରାକଟକ ଭାବରେ ସୁସଜ୍ଜିତ କରାଯାଇଥାଏ। ଏହି ଯାତ୍ରାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଏବଂ ବିଶେଷକରି କଂସବଧର କାହାଣୀ ଏଗାର ଦିନ ଧରି ଅଭିନୀତ ହୋଇଥାଏ। ଏ ପବିତ୍ର ମାସରେ ପ୍ରତି ଓଡ଼ିଆଙ୍କ ଘରେ ଘରେ ସ୍ୱତନ୍ତ୍ର ପୂଜା ପାଠର ବିଧାନ ମଧ୍ୟ ରହିଛି। ଭକ୍ତମାନେ ଉକ୍ତ କାଳରେ ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରନ୍ତି। ଏହା ବ୍ୟତୀତ ନଦୀରେ ପବିତ୍ର ବୁଡ଼ ପକାଇବା, ଦାନ ଧର୍ମ କରିବା ଏବଂ ବିଷ୍ଣୁ ସହସ୍ରନାମ ପଠନର ବିଧାନ ମଧ୍ୟ ରହିଛି। ଧନୁ ସଂକ୍ରାନ୍ତି ଓଡ଼ିଶାର ଗୌରବମୟ ସଂସ୍କୃତି, ପରମ୍ପରା ଓ ଭକ୍ତିଭାବର ଏକ ଜ୍ୱଳନ୍ତ ଉଦାହରଣ। ଏହି ପର୍ବ ସମଗ୍ର ଓଡ଼ିଆ ଜାତିକୁ ଏକତାର ସୂତ୍ରରେ ବାନ୍ଧି ରଖିବା ସହ ଆମ ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିପାଦିତ କରି ଚାଲିଛି।

# ଆଧ୍ୟାତ୍ମିକ ଜୀବନର ଆରମ୍ଭ: ଯୋଗ ଦ୍ୱାରା ସମ୍ଭବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପତଞ୍ଜଳୀ ଋଷିଙ୍କ ଯୋଗସୂତ୍ର ଅନୁସାରେ ଯୋଗ ଆଠ ପ୍ରକାରର ବା ଯୋଗ ସାଧନା ନିମ୍ନଲିଖିତ ଆଠଟି ଚରଣ ଦେଇ ସମ୍ପନ୍ନ ହୁଏ। ଯଥା - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି । ପ୍ରଥମ ଚାରିଟି ଚରଣ - ଯଥାକ୍ରମେ ଯମ, ନିୟମ, ଆସନ, ପ୍ରାଣାୟାମ ହେଉଛି ବାହ୍ୟ ଶୁଦ୍ଧିର କ୍ରିୟା ଓ ପରବର୍ତ୍ତୀ ଚାରିଟି ଚରଣ-ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି ହେଉଛି ଆଭ୍ୟନ୍ତରୀଣ ଶୁଦ୍ଧିର ଗହନ ଅଭ୍ୟାସ। ପ୍ରଥମ ଚାରିଟି ଚରଣ ସୁଗମ ଓ ପରବର୍ତ୍ତୀ ଚାରିଟି ଚରଣ କଷ୍ଟସାଧ୍ୟ। ସ୍ୱାମୀ ବିବେକାନନ୍ଦ ଯୋଗ ଶାସ୍ତ୍ର ଉପରେ ଦେଇଥିବା ବର୍ଣ୍ଣନା ଅନୁଯାଇ - ପ୍ରତ୍ୟେକଟି ବ୍ୟକ୍ତିତ୍ୱକୁ ବିକଶିତ କରିବାକୁ ହେବ । ସମସ୍ତେ ପରିଶେଷରେ ଗୋଟିଏ କେନ୍ଦ୍ରରେ ମିଳିତ ହେବେ । "କଳ୍ପନା ହିଁ ପ୍ରେରଣାର ଉତ୍ସ ଏବଂ ଚିନ୍ତାର ଭିତ୍ତି ।" ପ୍ରକୃତିର ବ୍ୟାଖ୍ୟା ଆମ ଭିତରେ ହିଁ ରହିଛି, ପଥର ତଳକୁ ପଡ଼ିଥାଏ - ଏହା ବାହ୍ୟ ଘଟଣା ମାତ୍ର; କିନ୍ତୁ ମାଧ୍ୟାକର୍ଷଣ ଆବିଷ୍କାର କରିବାର ଶକ୍ତି ଆମ ଭିତରେ ହିଁ ଥିଲା, ବାହାରେ ନୁହେଁ। ଯେଉଁ ବ୍ୟକ୍ତି ବେଶି ଖାଏ ବା ଯେଉଁ ବ୍ୟକ୍ତି ଅନାହାରୀ, ଯେ ବେଶୀ ଶୁଏ ବା ଯେ ଖୁବ୍ କମ୍ ଶୁଏ, ସେ କେବେ ଯୋଗୀ ହୋଇପାରିବ ନାହିଁ। ଅଜ୍ଞାନ, ଚଞ୍ଚଳତା, ଈର୍ଷା, ଆଳସ୍ୟ ଓ ତୀବ୍ର ଆସକ୍ତି - ଏଗୁଡ଼ିକ ଯୋଗାଭ୍ୟାସର ପରମ ଶତ୍ରୁ । ଯୋଗୀଙ୍କ ପକ୍ଷରେ ତିନୋଟି କଥା ବିଶେଷ ପ୍ରୟୋଜନୀୟ। ଯଥା, ପ୍ରଥମ - ଦେହ ଓ ମନର ପବିତ୍ରତା। ସମସ୍ତ ପ୍ରକାର ମଳିନତା, ଯାହା ମନକୁ ନୀଚ୍ଚ ସ୍ତରକୁ ନେଇଯାଏ, ଯୋଗୀ ତାହା ପରିତ୍ୟାଗ କରିବେ। ଦ୍ୱିତୀୟ - ଧୈର୍ଯ୍ୟ । ପ୍ରଥମେ ପ୍ରଥମେ ଅନେକ ଆଶ୍ଚର୍ଯ୍ୟଜନକ ଦର୍ଶନ ଇତ୍ୟାଦି ହେବ, ତା'ପରେ ସେସବୁ ବନ୍ଦ ହୋଇଯିବ । ଏହି ସମୟଟି ସବୁଠାରୁ କଠିନ; ଖୁବ୍ ଧୈର୍ଯ୍ୟ ଦରକାର । ଧୈର୍ଯ୍ୟ ଧରି ରହିପାରିଲେ ଶେଷରେ ସତ୍ୟଲାଭ ନିଶ୍ଚୟ ହେବ । ତୃତୀୟ - ଅଧ୍ୟବସାୟ । ଭଲ, ମନ୍ଦ, ସୁସ୍ଥ, ଅସୁସ୍ଥ - ସକଳ ଅବସ୍ଥାରେ ଯୋଗାଭ୍ୟାସ କରିଯାଅ ଗୋଟିଏ ଦିନ ମଧ୍ୟ ଯେପରି ବ୍ୟତିକ୍ରମ ନ ହୁଏ ।

ଯୋଗସାଧନାର ସବୁଠାରୁ ପ୍ରଶସ୍ତ ସମୟ ହେଉଛି ଦିନ ଓ ରାତ୍ରିର ସନ୍ଧିକ୍ଷଣ - ସେ ସମୟରେ ଦେହ ଓ ମନ ଖୁବୁ ଶାନ୍ତ ଥାଏ, ଚଞ୍ଚଳତା ଓ ଅବସାଦ ଇତ୍ୟାଦି ସେ ସମୟରେ ନ ଥାଏ । ଯଦି ସେତେବେଳେ ଯୋଗାଭ୍ୟାସ ନ କରିପାର ତେବେ ନିଦ୍ରାଭଙ୍ଗ ପରେ ଏବଂ ଶୋଇବା ଆଗରୁ କରିବ । ବ୍ୟକ୍ତିଗତ ପରିଚ୍ଛନ୍ନତା ଖୁବ୍ ପ୍ରୟୋଜନ ଯାହା ଆମର ପ୍ରତିଦିନ ସ୍ନାନକୁ ବୁଝାଏ। ସ୍ନାନ ପରେ ଦୃଢ଼ ଭାବରେ ଆସନରେ ଉପବିଷ୍ଟ ହେବ ଓ ମନେ କରିବ ଯେ ତୁମେ ପାହାଡ଼ ପରି ଅଟଳ, କୌଣସି ଜିନିଷ ତୁମକୁ ଟଳାଇପାରିବ ନାହିଁ । ମେରୁଦଣ୍ଡ ଉପରେ ଜୋର ନ ଦେଇ ଅଣ୍ଟା, ବେକ ଓ ମୁଣ୍ଡ ସିଧା ରଖିବ । ମେରୁଦଣ୍ଡ ଭିତରେ ସମସ୍ତ ପ୍ରକାର କ୍ରିୟା ହୁଏ, ତେଣୁ ଦୁର୍ବଳ କଲେ ଚଳିବ ନାହିଁ । ପାଦର ଅଙ୍ଗୁଳିରୁ ଆରମ୍ଭ କରି ଧୀରେ ଧୀରେ ଶରୀରର ପ୍ରତ୍ୟେକ ଅଙ୍ଗକୁ ସ୍ଥିର କରିବ । ଏହା ମନେ ମନେ ଚିନ୍ତା କରିବ ଓ ପ୍ରୟୋଜନ ବୋଧହେଲେ ପ୍ରତି ଅଙ୍ଗକୁ ସ୍ପର୍ଶ କରିବ। କ୍ରମେ କ୍ରମେ ନିମ୍ନ ଭାଗରୁ ଶରୀରର ପ୍ରତି ଅଙ୍ଗ ସ୍ଥିର କରି କରି ଉପର ପର୍ଯ୍ୟନ୍ତ ଆସିବାକୁ ହେବ, ଗୋଟିଏ ହେଲେ ଅଙ୍ଗ ଯେପରି ବାଦ୍ ନ ଯାଏ। ତା'ପରେ ସମସ୍ତ ଶରୀରକୁ ସ୍ଥିର ରଖିବାକୁ ପଡ଼ିବ । ସତ୍ୟଲାଭ ନିମିତ୍ତ ଭଗବାନ ତୁମକୁ ଏହି ଦେହ ଦେଇଛନ୍ତି; ତେଣୁ ଏହି ନୌକାକୁ ଆଶ୍ରୟ କରି ସଂସାରସାଗର ଉତ୍ତୀର୍ଣ୍ଣ ହୋଇ ଚିରନ୍ତନ ସତ୍ୟର ରାଜ୍ୟକୁ ଯିବାକୁ ହେବ । ଏହା କରିବା ପରେ ଦୁଇ ନାସାରନ୍ଧ୍ର ଦେଇ ଗଭୀର ଶ୍ୱାସ ଗ୍ରହଣ କରିବ, ପରେ ଦୁଇ ନାସିକା ଦେଇ ନିଃଶ୍ୱାସ ତ୍ୟାଗ କରିବ । ତାପରେ ଯେତେ ସମୟ ସ୍ୱଚ୍ଛନ୍ଦ ଭାବରେ ପାରିବ, ଶ୍ୱାସ ରୁଦ୍ଧ କରି ରହିବ । ଏହିପରି ଚାରି ଥର କରିବା ପରେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେବ ଏବଂ ଜ୍ଞାନାଲୋକ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ । "ଯେ ଏହି ବିଶ୍ୱ ସୃଷ୍ଟି କରିଛନ୍ତି, ତାଙ୍କର ମହିମା ମୁଁ ଧ୍ୟାନ କରୁଛି, ସେ ମୋର ମନକୁ ପ୍ରବୁଦ୍ଧ କରନ୍ତୁ" - ଆସନରେ ଉପବିଷ୍ଟ ହୋଇ ଦଶ ପନ୍ଦର ମିନିଟ୍ ଏହି ମନ୍ତ୍ରଟିର ଅର୍ଥ ଚିନ୍ତା କରିବ । ଯେଉଁସବୁ ଉପଲବ୍ଧି ବା ଦର୍ଶନାଦି ହେବ, ଗୁରୁ ବ୍ୟତୀତ ଅନ୍ୟ କାହାକୁ ତାହା କହିବ ନାହିଁ । ଯେତେଦୂର ସମ୍ଭବ କମ୍ କଥା କହିବ । ସତ୍‌ଚିନ୍ତା କରିବ, କାରଣ ଆମେ ଯାହା ଚିନ୍ତା କରୁ ତାହା ହୋଇଯାଉ । ସତ୍‌ଚିନ୍ତା ମନର ସମସ୍ତ ମଳିନତା ଦଗ୍‌ଧ କରିବାରେ ସାହାଯ୍ୟ କରେ । ଯୋଗୀ ବ୍ୟତୀତ ଅନ୍ୟ ସମସ୍ତେ କ୍ରୀତଦାସ ତୁଲ୍ୟ । ମୁକ୍ତିଲାଭ ପାଇଁ ଗୋଟିଏ ପରେ ଗୋଟିଏ ବନ୍ଧନ କାଟିଦେବାକୁ ପଡ଼ିବ ।

ଅତୀନ୍ଦ୍ରିୟ ସତ୍ତାକୁ ସମସ୍ତେ ହିଁ ଜାଣିପାରନ୍ତି । ଭଗବାନ ଯଦି ସତ୍ୟ ହୁଅନ୍ତି, ତେବେ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାକୁ ପଡ଼ିବ; ଆତ୍ମା ଯଦି ବାସ୍ତବ ହୁଅନ୍ତି, ତେବେ ନିଶ୍ଚୟ ଆମେ ତାଙ୍କୁ ଦର୍ଶନ ଓ ଅନୁଭବ କରିପାରିବା । ଆତ୍ମବସ୍ତୁ ବୋଲି କିଛି ଅଛି କି ନାହିଁ, ତାହା ବୁଝିବାର ଉପାୟ - ଆମମାନଙ୍କୁ ଏପରି କିଛି ହେବାକୁ ହେବ, ଯାହା ଦେହ ନୁହେଁ। ଯୋଗୀମାନେ ଆମର ଇନ୍ଦ୍ରିୟଗୁଡ଼ିକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି - ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟ ଅଥବା ଏହାକୁ ଜ୍ଞାନ ଓ କର୍ମ କୁହଯାଏ। ଅନ୍ତରେନ୍ଦ୍ରିୟ ବା ମନର ସ୍ତର ଚାରିଟା । ପ୍ରଥମ - ମନଃ, ମନନ ବା ଚିନ୍ତାଶକ୍ତି। ଏହାକୁ ସଂଯତ ନ କଲେ ମନର ସମସ୍ତ ଶକ୍ତି ନଷ୍ଟ ହୋଇଯିବ; କିନ୍ତୁ ସଂଯତ କରିପାରିଲେ ଏହି ମନ ହିଁ ଅଦ୍ଭୁତ ଶକ୍ତିର ଆଧାର ହୋଇଉଠିବ । ଦ୍ୱିତୀୟ - ବୁଦ୍ଧି ବା ଇଚ୍ଛାଶକ୍ତି ଯାହାକୁ ଆମେ ବୋଧଶକ୍ତି ମଧ୍ୟ କହନ୍ତି । ତୃତୀୟ - ଅହଂକାର ବା 'ଅହଂବୁଦ୍ଧି'। ଚତୁର୍ଥ - ଚିତ୍ତ : ଏହି ଉପାଦାନଦ୍ୱାରା ଆମର ସମସ୍ତ ବୃତ୍ତି କ୍ରିୟା କରୁଛି; ମନର ଭିତ୍ତିସ୍ଥଳ ସକଳ ବୃତ୍ତିର ଆଧାରସ୍ୱରୂପ। ଏହା ଯଦି ସମୁଦ୍ର ହୁଏ, ତାହାହେଲେ ବୃତ୍ତିଗୁଡ଼ିକ ତାହାର ତରଙ୍ଗ ପରି। ଚିତ୍ତବୃତ୍ତିନିରୋଧକୁ ଯୋଗ କହନ୍ତି । ଯୋଗ ଗୋଟିଏ ବିଜ୍ଞାନ, ଯାହାର ସାହାଯ୍ୟରେ ଆମେ ଚିତ୍ତକୁ ବିଭିନ୍ନ ବୃତ୍ତିରେ ରୂପାନ୍ତରିତ ହେବା ବନ୍ଦ କରିପାରିବା । ଚନ୍ଦ୍ରର ପ୍ରତିବିମ୍ବ ଯେପରି ସମୁଦ୍ରଢେଉ ଉପରେ ପଡ଼ି ଅସ୍ପଷ୍ଟ ହୋଇଯାଏ, ଆତ୍ମାର ପ୍ରତିବିମ୍ବ ମଧ୍ୟ ସେହିପରି ମନର ତରଙ୍ଗାଘାତରେ ଖଣ୍ଡବିଖଣ୍ଡ ହୋଇଯାଏ । ସମୁଦ୍ର ନିସ୍ତରଙ୍ଗ ହୋଇ ଯେତେବେଳେ ଦର୍ପଣ ପରି ଶାନ୍ତ ହୁଏ, ସେତେବେଳେ ଚନ୍ଦ୍ରର ପୂର୍ଣ୍ଣ ପ୍ରତିବିମ୍ବ ଆମେ ସେଥିରେ ଦେଖିପାରୁ; ଠିକ୍ ସେହିପରି ମନର ଉପାଦାନ ଚିତ୍ତ ଯେତେବେଳେ ସଂଯମଦ୍ୱାରା ଶାନ୍ତ ହୋଇଯାଏ, ସେତେବେଳେ ଆତ୍ମଦର୍ଶନ ହୁଏ । ମନର ଉପାଦାନ ଚିତ୍ତ, ଶରୀର ନୁହେଁ - ସୂକ୍ଷ୍ମତର ଜଡ଼ବିଶେଷ ଏବଂ ଚିରକାଳ ଦେହଦ୍ୱାରା ଆବଦ୍ଧ ହୋଇ ରହେ ନାହିଁ । ମଝିରେ ମଝିରେ ଆମର ଦେହ-ବନ୍ଧନ ଯେ ଶିଥିଳ ହୋଇଯାଏ, ତାହା ହିଁ ଏହାର ପ୍ରମାଣ । ଇନ୍ଦ୍ରିୟସମୂହକୁ ବଶୀଭୂତ କରି ଆମେ ଏହାର ଅଭ୍ୟାସ କରିପାରିବା । ଏହି ଅବସ୍ଥା ସଂପୂର୍ଣ୍ଣ ଆୟତ୍ତ ହେଲେ ଆମେ ସମଗ୍ର ଜଗତକୁ ନିୟନ୍ତ୍ରଣ କରିପାରିବା, କାରଣ ଇନ୍ଦ୍ରିୟଗଣ ଯେଉଁସବୁ ବିଷୟ ଆମ ନିକଟରେ ପହଞ୍ଚାଇ ଦିଅନ୍ତି, ତାହା ହିଁ ଆମର ଜଗତ । ସ୍ୱାଧୀନତା ହିଁ ଉଚ୍ଚତର ଜୀବନର ଚିହ୍ନ । ଇନ୍ଦ୍ରିୟ ବନ୍ଧନରୁ ନିଜକୁ ମୁକ୍ତ କରିପାରିଲେ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଡିସେମ୍ବର ୨୦୨୫ ମଙ୍ଗଳବାର





# ୭୪ ବରିଷ୍ଠ ନାଗରିକଙ୍କ ରାମେଶ୍ୱର ଓ ମଦୁରାଇ ତୀର୍ଥଯାତ୍ରା

**ନୂଆପଡା, ନ୍ୟୁଜ ବ୍ୟୁରୋ**

ନୂଆପଡା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ୭୪ ଜଣ ସାମିଲ୍ ହୋଇ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ରାମେଶ୍ୱର ଯାତ୍ରା କରିଛନ୍ତି। ଯେଉଁ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ନୂଆପଡା ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଇଥିଲା। ଏହି ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗୋଲାପ ଫୁଲ ପ୍ରଦାନ କରି ଏକ ଆନନ୍ଦ ଦାୟକ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ ଓ ଜିଲ୍ଲାପାଳ କହିଥିଲେ ମୁଁ ଏବଂ ଏସପି ଶାରୀରିକ ସ୍ତର ନ ଗଲେ କ'ଣ ହେଲା ମାନସିକ ସ୍ତର ଯାଉଛୁ । ଆପଣ ମାନଙ୍କ ସହିତ ଫୋନ୍ ସବୁବେଳେ ଯୋଗାଯୋଗ କରୁଥିବୁ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ସବୋଂଧନ କରି କହିଲେ ଯେ ଏହି ସମସ୍ତ ତୀର୍ଥଯାତ୍ରୀ ଭାଗ୍ୟବାନ। କାରଣ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ନିଶୁଳ୍କ ସେବା ଯୋଜନାରେ ଏମାନେ ଭାରତବର୍ଷର ଦୁଇଟି ପ୍ରମୁଖ ତୀର୍ଥକ୍ଷେତ୍ର ରାମେଶ୍ୱର ଓ ମା ମିନାକ୍ଷୀ, ମଦୁରାଇ ପରିଦର୍ଶନର ସୁଯୋଗ ପାଇଛନ୍ତି । ଏହି ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସଂପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି । ଏହି ଦଳରେ ୧୭ ଟି ଦମ୍ପତି ଓ ୪୦ ଜଣ ଏକକ ଯାତ୍ରୀ ଅଛନ୍ତି । ଦୁଇଜଣ ସହାୟକ ଅଧିକାରୀଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ବସ ଯୋଗେ ସମସ୍ତେ ରାୟଗଡା ଯାତ୍ରା କରିଥିଲେ । ଅନ୍ୟ ଛଅଟି ଜିଲ୍ଲାର ତୀର୍ଥ ଯାତ୍ରୀମାନଙ୍କ ସହ ମିଶି ଏକ ସ୍ୱତନ୍ତ୍ର ରେଳ ଯୋଗେ ସମସ୍ତେ ରାମେଶ୍ୱର ଅଭିମୁଖେ ଯାତ୍ରା କରିବେ। ମଦୁରାଇ ମଧ୍ୟ ପରିଭ୍ରମଣ କରି ଆସନ୍ତା ୨୦ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ । ନୂଆପଡା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଉତ, ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବସ୍‌କୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।



# ବିସ୍ଫୋରକ ଭର୍ତ୍ତି ସପୁରି ଖାଇ ଗର୍ଭବତୀ ହାତୀର ମୃତ୍ୟୁ

**ବାରିପଦା/ବେଶିଙ୍ଗା, ନ୍ୟୁଜ ବ୍ୟୁରୋ**

୨୦୨୦ ମେ'ରେ କେରଳର ପଲକ୍କଡ଼ ଜିଲ୍ଲାରେ ବିସ୍ଫୋରକ ଭର୍ତ୍ତି ସପୁରି ଖାଇ ଏକ ଗର୍ଭବତୀ ହାତୀ ଆଖିବୁଜିଥିଲା। ଏହି ଘଟଣାର ପୁନରାବୃତ୍ତି ହୋଇଛି ମୟୂରଭଞ୍ଜଜିଲ୍ଲା ବେତନଟୀ ରେଞ୍ଜରେ। ଖାଦ୍ୟରେ ଥିବା ବୋମା ଖାଇଦେବାରୁ ଗୋଟିଏ ମାଈହାତୀର ମୁହଁରେ ଗଭୀର କ୍ଷତ ହୋଇଛି। ଜିଭ ଛିଣ୍ଡିଯାଇଛି। ଏବେ ସେ ମୃତ୍ୟୁ ସହ ସଂଗ୍ରାମ କରୁଛି। ସୂଚନା ଅନୁସାରେ, ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ୭/୮ ବର୍ଷର ଗୋଟିଏ ମାଈହାତୀର ମୁହଁରେ ଗଭୀର କ୍ଷତ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ଗତ ୧୨ ତାରିଖ ଦିନ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରି ତାକୁ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଡିଭିଜନ୍ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ତାଳବନ୍ଧ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା। ସେଠାରେ ତା'ର ଚିକିତ୍ସା ଚାଲିଛି। ସଂକ୍ରମଣ ଅଧିକ ହୋଇଯାଇଥିବାରୁ ହାତୀଟିର ଅବସ୍ଥା ସଂକଟାପନ୍ନ ରହିଛି। ହାତୀ ମୁହଁରେ ବିସ୍ଫୋରଣ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଉଛି। ବାରହା ଶିକାର କିମ୍ବା ହାତୀ ଦାଉରୁ ଫସଲକୁ ରକ୍ଷା ପାଇଁ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରାଯିବା ଯୋଗୁଁ ତାହା ହାତୀ ପାଟିରେ ଫାଟିଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ହାତୀକୁ ଖାଦ୍ୟରେ ବିସ୍ଫୋରକ ଦେବା ଏକ ଦଣ୍ଡନୀୟ ଅପରାଧ। ଏହାକୁ ବନ ବିଭାଗ ଗୁରୁତ୍ୱର ସହ ନେଉ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, ହାତୀଟିର ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଜିଭର ଏକ ତୃତୀୟାଂଶ ଛିଣ୍ଡିଯାଇଛି। ତଦନ୍ତ କରି ଦୋଷୀଙ୍କ ବିରୋଧରେ ନିଶ୍ଚିତ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଖାଲି ସ୍ଥାନକୁ ବ୍ୟାରିକେଡ୍ ପକାଇ ରଖିଛି ପ୍ରଶାସନ

# ଶ୍ରୀମନ୍ଦିର ପତିତପାବନ ଦର୍ଶନରେ ଶ୍ରଦ୍ଧାଳୁ ଭୋଗୁଛନ୍ତି କଷ୍ଟ

**ପୁରୀ, ନ୍ୟୁଜ ବ୍ୟୁରୋ**

କୌଣସି କାରଣରୁ ଶ୍ରୀମନ୍ଦିର ରତ୍ନସିଂହାସନରେ ମହାପ୍ରଭୁଙ୍କ ଦର୍ଶନ ନ କରିପାରିଲେ ପତିତପାବନଙ୍କୁ ଦର୍ଶନ କଲେ ସମାନ ପୁଣ୍ୟ ପ୍ରାପ୍ତି ହୁଏ। ହେଲେ ଏବେ ଆଖି ପୂରାଇ ପତିତପାବନଙ୍କ ଦର୍ଶନ କରିବା ବି କଷ୍ଟ ହେଲାଣି । ପ୍ରାଶାସନିକ ମନମାନି ଭକ୍ତଙ୍କୁ ଏପରି କଷ୍ଟ ଦେଉଛି । ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ରହିଛି ମହାପ୍ରଭୁ ପତିତପାବନଙ୍କ ପ୍ରତିମୂର୍ତ୍ତି । ପ୍ରଶାସନର ବ୍ୟାରିକେଡ୍ ଯନ୍ତ୍ରଣା ଯୋଗୁଁ ୭୫ ମିଟର ଦୂରରୁ ଏହି ଠାକୁରଙ୍କ ଦର୍ଶନ ମିଳୁଛି । ଦୃଷ୍ଟିଶକ୍ତି କମ୍ ଥିବା ବୃଦ୍ଧବୃଦ୍ଧାମାନେ ଏତେ ଦୂରରୁ ଠାକୁର ଦର୍ଶନ କରିନପାରି ହିନସ୍ତା ହେଉଛନ୍ତି । ପୁଣି ସେଇ ବାଟ ଦେଇ ଯାନବାହନ ଚଳାଚଳ ହେଉଥିବାରୁ ଏକ ଲୟରେ ଠାକୁର ଦର୍ଶନ କରୁଥିବା ଅନେକ ଭକ୍ତଙ୍କ ଗୋଡ଼ ଉପରେ ଗାଡ଼ିମୋଟର ଚଢ଼ି ଯାଉଛି । ହେଲେ ସେପଟେ ସିଂହଦ୍ୱାର ସମ୍ମୁଖରେ ଅଯଥାରେ ବିରାଟ ସ୍ଥାନକୁ ବ୍ୟାରିକେଡ୍ ବୁଲାଇ ଖାଲି ରଖାଯାଇଛି । ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ଏହି ବ୍ୟାରିକେଡ୍‌କୁ ସମ୍ପୂର୍ଣ୍ଣ ଘୁଞ୍ଚାଇ ପତିତପାବନ ଦର୍ଶନ ସୁଲଭ କରିବାକୁ ଦାବି ହେଉଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦିଆଯାଉନି । ପତିତପାବନଙ୍କୁ ଦର୍ଶନ କରିବାକୁ ହେଲେ ସିଂହଦ୍ୱାର ସାମ୍ନାରେ ଏକ ନିର୍ଦ୍ଧାରିତ ସରଳ ରେଖାରେ ଠିଆ ହେବାକୁ ପଡ଼ିଥାଏ । ଏଣେତେଣେ ବିଚ୍ଛୁରିତ ଠିଆ ହେଲେ ଏହି ଠାକୁରଙ୍କ ଦର୍ଶନ ମିଳେନି । ତେଣୁ ଛୁଟିଦିନ, ପର୍ବପର୍ବାଣି ଦିନମାନଙ୍କରେ ପତିତପାବନଙ୍କ ଦର୍ଶନ ନିମନ୍ତେ ସିଂହଦ୍ୱାର ସମ୍ମୁଖ ୭୫ ମିଟର ପରେ କରାଯାଇଥିବା ଲୁହା ବାଡ଼ ବାହାର ରାସ୍ତାରେ ଠିଆ ହୋଇ ଜଗା ଦର୍ଶନ କରିବା ଖୁବ୍ କଷ୍ଟକର ହେଉଛି । ଭାରିଯାନ, ହାଲୁକା ଯାନ, ମୋଟର ସାଇକେଲ ପ୍ରଭୃତି ଗାଡ଼ିମୋଟର ଯାତାୟାତ କରୁଥିବା ରାସ୍ତାରେ ଭକ୍ତଙ୍କୁ ଠାକୁର ଦର୍ଶନ କରିବାରେ ହିନସ୍ତା ହେବାକୁ ପଡୁଛି । ଦୋଳମଣ୍ଡପ ସାହି, ବାଲିସାହି, ମାଟିମଣ୍ଡପ ସାହି ପ୍ରଭୃତିକୁ ଯାତାୟାତ ନିମନ୍ତେ ସ୍ଥାନୀୟ ଲୋକ ନାହିଁ ନଥିବା କଲବଲ ହେଉଛନ୍ତି । ପ୍ରତିଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ଆସନ୍ତି । ବିଦେଶୀଙ୍କୁ ଶ୍ରୀମନ୍ଦିର ଭିତରକୁ ମନା ଥିବାରୁ ସେମାନେ ପରମ୍ପରା ମୁତାବକ ଶ୍ରୀମନ୍ଦିର ସିଂହଦ୍ୱାର ବାହାରୁ ପତିତପାବନଙ୍କୁ ଦର୍ଶନ କରି ଯାଆନ୍ତି। ଦେଶ ବିଦେଶରେ ଲକ୍ଷାଧିକ ଶ୍ରୀଜଗନ୍ନାଥଙ୍କ ଭକ୍ତ ରହିଥିବାରୁ ପ୍ରତିଦିନ ଶତାଧିକ ଭକ୍ତ ପତିତପାବନଙ୍କ ଦର୍ଶନ କରି ନିଜର ମନୋବାଞ୍ଛା ଜଣାନ୍ତି । ଅନେକ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ଭିଡିଓ କଲ୍ ଦ୍ୱାରା ପତିତପାବନଙ୍କ ଦର୍ଶନର ସୁଲଭତା ଦେବାକୁ ଚେଷ୍ଟା କରନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ଏହି ବିଦେଶୀ ଭକ୍ତମାନଙ୍କୁ ଅରୁଣ ସ୍ତମ୍ଭ ନିକଟରୁ ପତିତପାବନଙ୍କ ଦର୍ଶନ ମିଳୁନି । ୭୫ ମିଟର ଦୂରରେ ହୋଇଥିବା ବ୍ୟାରିକେଡ ପରେ ସେମାନଙ୍କୁ କଷ୍ଟକର ଠାକୁର ଦର୍ଶନ ମିଳୁଛି । ସେହିପରି ବୃଦ୍ଧବୃଦ୍ଧା, ଗର୍ଭବତା, ଶିଶୁମାନେ ଶ୍ରୀମନ୍ଦିର ଭିତର ଭିଡ଼ ଓ ଠେଲାପେଲାକୁ ଡରି ପତିତପାବନଙ୍କୁ ଦର୍ଶନରେ ନିତ୍ୟ ସେମାନଙ୍କ ଦର୍ଶନ ଆଶା ପୂରାନ୍ତି । ହେଲେ ଖୁବ୍ ଦୂରରୁ ଓ ଗାଡ଼ି ଯାତାୟାତ ରାସ୍ତାରେ ସେମାନଙ୍କ ପତିତପାବନ ଦର୍ଶନ କରିବାକୁ ପଡୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏହି ରାସ୍ତା ଦେଇ ଶବ ସ୍ୱର୍ଗଦ୍ୱାର ଯାଇଥାଏ । ଅଶୌଚ ବ୍ୟକ୍ତିମାନେ ଶବର ମୁକ୍ତି ଓ ନିଜର ମନୋବାଞ୍ଛା ପତିତପାବନଙ୍କୁ ଦର୍ଶନ କରି ଜଣାନ୍ତି । ହେଲେ ଖୁବ୍ ଦୂରରୁ ଭକ୍ତଙ୍କ ଭିଡ଼ ଭିତରେ ଶବ ନେବା ଓ ଶବକୁ କିଛି କ୍ଷଣ ରଖି ମନୋବାଞ୍ଛା ଜଣାଇବା ସମ୍ଭବ ହେଉନି । ଏହି ବାଟ ଦେଇ ଶବ ନେଇ ଗାଡ଼ି ଯିବାକୁ ମଧ୍ୟ ପ୍ରଶାସନ ବନ୍ଦ କରି ଦେଇଛି । ଫଳରେ ଅନେକ ଜୀବର ମୁକ୍ତି ବାଟ ବନ୍ଦ ହୋଇଯାଇଛି । ୭ ବର୍ଷ ପୂର୍ବେ ସିଂହଦ୍ୱାର ଆଗରେ କିମ୍ବା ଅରୁଣ ସ୍ତମ୍ଭ ନିକଟରେ କୌଣସି ବ୍ୟାରିକେଡ୍ ନଥିଲା। ବିଦେଶୀମାନେ ଅରୁଣ ସ୍ତମ୍ଭ ଛୁଇଁ ପତିତପାବନଙ୍କୁ ଦର୍ଶନ କରିବାର ସୁଯୋଗ ପାଉଥିଲେ । ବୃଦ୍ଧବୃଦ୍ଧା, ଗର୍ଭବତୀ, ଶିଶୁମାନେ ମଧ୍ୟ ଅରୁଣ ସ୍ତମ୍ଭ ପାଖରେ ପତିତପାବନ ଦର୍ଶନ କରିପାରୁଥିଲେ । ହେଲେ ୨୦୧୮ ମସିହାରେ ପ୍ରଶାସନ ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥା ଆରମ୍ଭ କରିଥିଲା । ଏଥିସହ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ସାଙ୍ଗକୁ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କ ଦର୍ଶନ କଷ୍ଟ ବଢ଼ି ଚାଲିଛି । ଏହି ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥାକୁ ତତ୍କାଳୀନ ସମୟରେ ସ୍ଥାନୀୟ ଅନେକ ଲୋକ ବିରୋଧ କରିଥିଲେ । ମାତ୍ର ପ୍ରଶାସନ ଜିଦରେ ଅଟଳ ରହି ଲୁହା ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥା କଷ୍ଟ ବଢ଼ାଇ ଚାଲିଛି । କରୋନା ସମୟରେ ସିଂହଦ୍ୱାର ଠାରୁ ବ୍ୟାରିକେଡକୁ ଧୀରେ ଧୀରେ ଘୁଞ୍ଚାଇବା ଆରମ୍ଭ କରି ଏବେ ୭୫ ମିଟର ପରେ ଶ୍ରଦ୍ଧାଳୁଙ୍କୁ ପତିତପାବନ ଦର୍ଶନ ମିଳୁଛି । ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ୭୫ ମିଟର ମଧ୍ୟରେ ଥିବା ଅନେକ ମଠକୁ ଉଚ୍ଛେଦ କରାଯାଇଛି । ହେଲେ ସିଂହଦ୍ୱାର ନିକଟରେ ଅଯଥା ଖାଲି ସ୍ଥାନ ପଡ଼ିଥିବା ବେଳେ ଯାତାୟାତ ରାସ୍ତାରେ ପ୍ରଶାସନ ଦ୍ୱାରା କୃତ୍ରିମ ଗହଳି ସୃଷ୍ଟି କରାଯାଉଛି । ତୁରନ୍ତ ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ବ୍ୟାରିକେଡ୍ ଘୁଞ୍ଚା ଯାଇ ଖାଲିଥିବା ସ୍ଥାନରେ ଭକ୍ତଙ୍କ ସୁଲଭ ପତିତପାବନ ଦର୍ଶନ ବ୍ୟବସ୍ଥା ଓ ସୁବିଧା ଦେବାକୁ ବରିଷ୍ଠ ସେବାୟତ ସୁନିଲ ପୂଜାପଣ୍ଡା, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ମତ ଦେଇଛନ୍ତି ।



# ଉପକଣ୍ଠରେ ପହଞ୍ଚିନି ପାଇପ୍ ପାଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୋକଙ୍କ ଘରେ ପହଞ୍ଚିନି ପାଇପ୍ ପାଣି। ଏବେ ବି ନଳକୂଅ ଭରସାରେ ଲୋକେ। ତା'ପୁଣି ଅଧ କି ଏକ କିଲୋମିଟର ଗଲେ। ନଳକୂଅ ଖରାପ ହେଲେ କଥା ସରିଲା। ମରାମତିକୁ ସପ୍ତାହେ ଲାଗିଯାଉଛି। ରାଜଧାନୀ ଉପକଣ୍ଠରେ ଏଭଳି ପାନୀୟ ଜଳ ସ୍ଥିତି ରହିଛି। ଭୁବନେଶ୍ୱର ବ୍ଲକ୍‌ର ୧୨ଟି ଗ୍ରାମକୁ ଏପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ସୁବିଧା ଉପଲବ୍ଧ ହୋଇନାହିଁ। ଜଟଣୀ ଓ ଖୋର୍ଦ୍ଧା ବ୍ଲକ୍ ଅଞ୍ଚଳରେ ମଧ୍ୟ ସମାନ ଚିତ୍ର। ମାସ ପରେ ମାସ ଗଡୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମବାସୀଙ୍କ ପାଇଁ ପାଇପ୍ ପାଣି ବ୍ୟବସ୍ଥା କରାଯାଇପାରି ନାହିଁ। ଯେତେବେଳେ କି ପୂର୍ବ ସରକାର କହିଥିଲେ ଯେ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ସବୁ ଘରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ। ଇତିମଧ୍ୟରେ ରାଜ୍ୟରେ ସରକାର ବଦଳିଛନ୍ତି। ଗୋଟିଏ ବର୍ଷ ମଧ୍ୟ ବିତିଗଲାଣି। ତା'ସତ୍ତ୍ୱେ ଗ୍ରାମରେ ପାଇପ୍ ପାଣି ପହଞ୍ଚିପାରି ନାହିଁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥ୍ୟ କହୁଛି, ଭୁବନେଶ୍ୱର ବ୍ଲକ୍‌ର ୧୦୫ଟି ଗ୍ରାମରୁ ୯୩ଟି ଗ୍ରାମରେ ପାଇପ୍ ପାଣି ପହଞ୍ଚିଛି। ଅର୍ଥାତ୍ ୧୨ଟି ଗ୍ରାମ ଏବେ ବି ପାଣି ଅପେକ୍ଷାରେ। ଅନୁରୂପ ଭାବେ ଜଟଣୀ ବ୍ଲକ୍‌ର ୮୮ଟି ଗ୍ରାମରୁ ୭୫ଟି ଓ ଖୋର୍ଦ୍ଧା ବ୍ଲକ୍‌ର ୧୧୭ଟିରୁ ୧୦୬ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ବାକି ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ଜଳ ଯୋଗାଣ ହୋଇପାରି ନାହିଁ।

# ସ୍ୱାମୀର ତଣ୍ଟି ଚିପି ହତ୍ୟା କଲା ସ୍ତ୍ରୀ

**ଖଣ୍ଡପଡ଼ା, ନ୍ୟୁଜ ବ୍ୟୁରୋ**

ମାତ୍ର ୬ ମାସ ତଳେ ପ୍ରେମ ବିବାହ କରିଥିଲେ ଦମ୍ପତି। ତେବେ ଯେଉଁ ହାତରେ ସ୍ୱାମୀକୁ ବରଣ ମାଳା ପିନ୍ଧାଇଥିଲେ ସେଇ ହାତରେ ସ୍ୱାମୀର ଜୀବନ ନେଇଛି ସ୍ତ୍ରୀ। ନିଜ ମଥାର ସିନ୍ଦୂର ପୋଛିଲା ନିଜେ ସ୍ତ୍ରୀ। ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ପରେ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଥାନାରେ ଅଟକ ରଖିଛି। ଖଳିସାହି ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମରେ ସ୍ୱାମୀକୁ ତଣ୍ଟି ଚିପି ସ୍ତ୍ରୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ପରକୀୟା ପ୍ରୀତିରୁ ହତ୍ୟା ସନ୍ଦେହ ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ସ୍ତ୍ରୀକୁ ଥାନାକୁ ଉଠାଇ ଆଣି ତଦନ୍ତ କରାଯାଉଥିବା ସୂଚନା ମିଳିଛି।

# ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟର ୧୯୮୨ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ



**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ପାରଳାଖେମୁଣ୍ଡିର ହୋମ ଫାର୍ମ ଠାରେ ୧୯୮୨ ମସିହା ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟର ମାଟ୍ରିକ ବ୍ୟାଚ୍‌ର ଷଷ୍ଠ ତମ ବନ୍ଧୁ ମିଳନ ଆୟୋଜନ ହୋଇଥିଲା । ଏଥିରେ ୭୦ ଜଣ ଯୋଗଦାନ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସମସ୍ତ ବନ୍ଧୁମାନେ ଏଥିରେ ଯୋଗଦେଇ ୪୩ ବର୍ଷର ସ୍ମୃତିକୁ ମନେ ପକାଇଥିଲେ।

ଏହି ବନ୍ଧୁ ମିଳନକୁ ବିବେକା ନନ୍ଦ ଗନ୍ତାୟତ, ତାରିଣୀ ପାତ୍ର, ଗୌର ଚନ୍ଦ୍ର ମହାପାତ୍ର, ସତ୍ୟ ସାହୁ, ସତ୍ୟନାରାୟଣ ପାଣିଗ୍ରାହୀ, ଅମୁଲ୍ୟ ପାତ୍ର, ଅମୁଲ୍ୟ ସାହୁ, ଚିତା ଦାସ, ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାମ ସ୍ୱାମୀ, ଟୁଲୁ, ମୁନା, ମନୋଜ ପାଢ଼ୀ, ରମେଶ ଆପଟୋ, ସତ୍ୟ ସାହୁ, ସତ୍ୟ ପାଣିଗ୍ରାହୀ, ବିବେକା, ତାରିଣୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ଗୌର ମହାପାତ୍ର, ବିଜୟ ମିଶ୍ର, ବିଜୟ ନନ୍ଦ, ଟୁଟୁ ପାଢ଼ୀ, ସୁଶାନ୍ତ ପାଣିଗ୍ରାହୀ, ଅମୁଲ୍ୟ ସାହୁ, ଭାଇଜାଗରୁ ସତ୍ୟବ୍ରତ ଏବଂ ସ୍ୱତନ୍ତ୍ର ଅତିଥିଭାବେ ଶିବାନନ୍ଦ ତ୍ରିପାଠୀ ପ୍ରମୁଖ ଏହି ୪୩ ତମ ବନ୍ଧୁ ମିଳନରେ ଯୋଗ ଦେଇଥିଲେ।

# ପାଇଖାନା ଘରୁ ଛାତ୍ରଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ଥାନା ଅର୍ନ୍ତଗତ ରଗଡି ଠାରେ ଥିବା ଯାଜପୁର ସରକାରୀ ପଲିଟେକନିକର ଏକ ପାଇଖାନା ଘରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜଣେ ଛାତ୍ରଙ୍କ ମୃତ ଦେହ ଉଦ୍ଧାର କରିଛି । ଛାତ୍ର ଜଣକ ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା । ମୃତ ଛାତ୍ର କେନ୍ଦୁଝର ଜିଲ୍ଲା କେଶଦୁରାପାଳ ଗ୍ରାମର ଅଶୋକ କୁମାର ଆଚାର୍ଯ୍ୟଙ୍କ ପୁଅ ଶୁଭଙ୍କର ଆଚାର୍ଯ୍ୟ (୧୮)। ସେ ମେଟାର୍ଲୋଜି ବିଭାଗର ପ୍ରଥମ ବର୍ଷର ଛାତ୍ର ଥିଲେ। ରବିବାର ଥିବାରୁ ଅଧିକାଂଶ ଛାତ୍ର ବାହାରକୁ ଚାଲି ଯାଇଥିଲେ । ଛାତ୍ରମାନେ କଲେଜକୁ ଫେରିବା ପରେ ମଧ୍ୟାହ୍ନ ସାଢେ ଗୋଟାଏ ବେଳେ ପାଇଖାନା ଘର କବାଟ ଭିତରୁ ବନ୍ଦ ଥିବା ଜାଣି ସନ୍ଦେହ ହେବାରୁ କର୍ମଚାରୀଙ୍କୁ ଏ ନେଇ ସୂଚନା ଦେଇଥିଲେ । କର୍ମଚାରୀ ଓ ଛାତ୍ର ମିଶି କବାଟକୁ ଭାଙ୍ଗିବା ପରେ ଛାତ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଘଟଣା ଗତ ଶନିବାର ରାତିରେ ହୋଇଥିବା ଅନୁମାନ କରାଯାଇଛି। ଗତରବିବାର ଛୁଟି ଥିବାରୁ କଲେଜ ଅଧକ୍ଷ ଓ ଅନ୍ୟ ଅଧିକାରୀ ଅନୁପସ୍ଥିତ ଥିଲେ । କର୍ମଚାରୀ ଏନେଇ ଅଧକ୍ଷଙ୍କୁ ଅବଗତ କରିଥିଲେ । ପରେ କୋରେଇ ପୋଲିସକୁ ସୂଚନା ଦିଆଯାଇଥିଲା । ଥାନା ଅଧିକାରୀ ରାକେଶ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଏହାର ତଦନ୍ତ କରିଥିଲା। ସନ୍ଧ୍ୟା ୫ଟା ବେଳେ ମୃତ ଦେହ ଉଦ୍ଧାର କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ନିମନ୍ତେ ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି। ଘଟଣା ସ୍ଥଳରେ ମୃତ ଛାତ୍ରଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।



# ତହସିଲ ପକ୍ଷରୁ ଏନଏସି ହାଇସ୍କୁଲରୁ ଜବରଦଖଲ ଉଚ୍ଛେଦ ଜାରି

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ବ୍ୟାସନଗର ତହସିଲ ପକ୍ଷରୁ ଏନ୍‌ଏସି ହାଇସ୍କୁଲ ଜବରଦଖଲ ଉଚ୍ଛେଦ ପକ୍ରିୟା ଜାରି। ଦୀର୍ଘ ଦିନ ପରେ ଆକ୍ସନ ମୁଡ଼ରେ ପ୍ରଶାସନ। ସେମାନଙ୍କୁ ସରକାର ଘର ଡିହ ନ ଯୋଗାଇ ଉଚ୍ଛେଦ କରୁଛନ୍ତି । ଶୀତ କାକରରେ ଉଚ୍ଛେଦ କରାଯାଉଛି। ଡବଲ ଇଞ୍ଜିନି ସରକାରଲୋକଙ୍କ ସରକାର କହୁଥିଲା ବେଳ ଭୂମିହୀନଙ୍କୁ ଥଇଥାନ ନକରି ଉଚ୍ଛେଦ କରୁଛନ୍ତି। କେମିତି ସହରରେ ଲୋକଙ୍କ ସରକାରମାନେ କ'ଣ ତାହା ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ବ୍ୟାସନଗର ସହର ସ୍ଥିତ ନୃସିଂହ ଚରଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଏବେ ଉଦ୍ଧାର ହୋଇଛି । ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟ ଜମିକୁ ଜବର ଦଖଲକାରୀ ମାନେ ନିଜ କବଜା୍‌ରେ ରଖି କିଏ ନିଜେ ଘରବାଡି କରି ଚଳୁଥିଲା ତ କିଏ ଘର ନିର୍ମାଣ କରି ଭଡା ଲଗାଇ ମୋଟା ଅଙ୍କର ରୋଜଗାର କରୁଥିଲା । ପ୍ରଶାସନ ତରଫରୁ ୨ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ୍ୟ ଏହି ଜବର ଦଖଲକାରୀମାନେ ଶୁଣିନଥିଲେ । ଆଜି ପ୍ରଶାସନର କଡ଼ା ପଦକ୍ଷେପ ପରେ ସମସ୍ତ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଛି । ଯାହାକୁ ନେଇ ବିଦ୍ୟାଳୟ ଜମିକୁ ଉଚ୍ଛେଦ କରିବା ପାଇଁ କାଠିକର ପାଠ ହୋଇ ପଡ଼ିଥିଲା । ଫଳରେ ବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ପାଣ୍ଠି ସବୁ ଫେରି ଯାଉଥିଲା ଏବଂ ବିଦ୍ୟାଳୟର ଉନ୍ନତି କରଣରେ ବାଧାପ୍ରାପ୍ତ ହେଉଥିଲା । ତେବେ ଆଜି ତାହର ଅନ୍ତଘଟିଛି । ଅଧାରୁ ଉର୍ଦ୍ଧ୍ୱ ଲୋକେ ଘର ଛାଡି ଚାଲି ଯାଇଥିବା ବେଳେ ବାକି ଲୋକଙ୍କ ଘରକୁ ଉଚ୍ଛେଦ କରିଛି ପ୍ରଶାସନ । ତେବେ ଉଚ୍ଛେଦ କାର୍ଯ୍ୟକ୍ରମରେ ୪ ପ୍ଲାଟୁନ ଫୋର୍ସ ମୃତୟନ କରାଯଇଥିବା ବେଳେ ୬ ଜଣ ଥାନାଧିକାରୀ ଓ ବ୍ୟାସନଗର ତହସିଲଦାର, ଅତିରିକ୍ତ ତହସିଲଦାର, ଆର.ଇ. ଓ ବିଦ୍ୟୁତ ବିଭାଗ ପ୍ରମୁଖ ଅଧିକାରୀମାନଙ୍କ ସମେତ ଏନଏସି ହାଇ ସ୍କୁଲର ପୂରାତନ ଛାତ୍ର ସମୂହ ଉପସ୍ଥିତ ରହିଥିଲେ ।



# ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଗାଁକୁ ପକ୍କାରାସ୍ତା ନିର୍ମାଣ ସାତ ସପନ

**ବୈପାରିଗୁଡ଼ା, ନ୍ୟୁଜ ବ୍ୟୁରୋ**

ଗାଁକୁ ନାହିଁ ପକ୍କାରାସ୍ତା । ବର୍ଷାଦିନେ କାଦୁଅରେ ଭର୍ତ୍ତି ହେଉଛି ଡଙ୍ଗର ବାଟ। ଜରୁରି ସମୟରେ ଆସିପାରୁନି ଆମ୍ବୁଲାନ୍ସ। ଗୁରୁତର ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହିବାକୁ ପଡୁଛି । ପାଣି ପାଇଁ ଲୋକ ତହଲବିକଳ ହେଉଛନ୍ତି। ଚୁଆ ପାଣିରେ ମେଣ୍ଟାଉଛନ୍ତି ଶୋଷ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଲୋକସଭା ଓ ବିଧାନସଭା ଅଧୀନ ବୈପାରିଗୁଡ଼ା ବ୍ଲକ୍ କୋଲାର ପଞ୍ଚାୟତର କନ୍ଧପୋଡ଼ାପଦର ଗାଁରେ। ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି । ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି । ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗାଁ ମୁଖିଆ ସାହେବ ଖିଲଙ୍କ ସମେତ ଗୋରା ଖିଲ, ରାମ ଖିଲ, ଲବି ଖିଲ, ଲିଙ୍ଗା ଖରା, କୃଷ୍ଣ ଖରା ଓ ନୀଳା ଖିଲ ପ୍ରମୁଖ କହିଛନ୍ତି, ବ୍ଲକ୍ ସଦରଠାରୁ ୧୪ କିମି ଦୂରରେ ରହିଛି ତାଙ୍କ ଗାଁ। ବୈପାରିଗୁଡ଼ା-ମାଲକାନଗିରି ମୁଖ୍ୟରାସ୍ତାର ଟାପାଯୋଡ଼ି ଛକରୁ ୨ କିମି ଗଲେ ପଡ଼ିବ କନ୍ଧପୋଡ଼ାପଦର।



ଏଠି ୩୦ ପରିବାର ବସବାସ କରୁଛନ୍ତି । ଜନସଂଖ୍ୟା ପାଖାପାଖି ୧୫୦ । ଚାଷବାସ କରି ସେମାନେ ପେଟ ପୋଶୁଛନ୍ତି । ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଗାଁକୁ ପକ୍କାରାସ୍ତା ନିର୍ମାଣ ହୋଇନି । ପାହାଡ଼ିଆ ଅଙ୍କାବଙ୍କା ମାଟି ରାସ୍ତାରେ ଯାତାୟତ କରୁଛନ୍ତି। ବର୍ଷାଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦୀର୍ଘବର୍ଷ ତଳେ ଗାଁରେ ଏକ ନଳକୂଅ ଖୋଳାଯାଇଛି । ଏବେ ତାହା ଅଚଳ ପଡ଼ିଛି। ଗରାଏ ପାଣି ବାହାରିଲା ପରେ ପୁଣି ଅପେକ୍ଷା କରିବାକୁ ପଡୁଛି ଅଧଘଣ୍ଟା । ବିକଳ୍ପ ନଥିବାରୁ ପିଇବା ପାଣି ପାଇଁ ସମସ୍ୟା ଭୋଗୁଛନ୍ତି । ଜମିରେ ଚୁଆ ଖୋଳି ସେଥିରୁ ପାଣି ସଂଗ୍ରହ କରି ପିଉଛନ୍ତି । ଏହାକୁ ବ୍ୟବହାର କରି ବିଭିନ୍ନ ସମୟରେ ରୋଗରେ ପଡୁଛନ୍ତି । କିଛିବର୍ଷ ତଳେ ଏହି ଗାଁରେ ଝାଡ଼ାବାନ୍ତି ବ୍ୟାପିଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ୫ ଦିନିଆ କ୍ୟାମ୍ପ୍ କରିଥିଲେ । ସେତେବେଳେ ଝାଡ଼ାବାନ୍ତିର କାରଣ ପାନୀୟ ଜଳ ବୋଲି ନମୁନା ପରୀକ୍ଷାରୁ ଜଣାପଡ଼ିଥିଲା। ତଥାପି ଆଜି ଯାଏଁ କୌଣସି ପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇନି। ୩୦ ପରିବାର ସେହି ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି । ଏଠିକା ଶିକ୍ଷା ସୁବିଧା ବିଷୟ ନକହିବା ଭଲ। ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି । ତାହର ମରାମତି କରାଯାଉନି । ବାରମ୍ବାର ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କୌଣସି ସୁଫଳ ମିଳୁନାହିଁ । ବର୍ତ୍ତମାନ କୁନିକୁନି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ର ହେଲପରଙ୍କ ଘର ବାରଣ୍ଡାରେ ବସି ପିଲା ପଢୁଛନ୍ତି । ଗାଁର ସମସ୍ତ ପରିବାର ଗରିବ ଶ୍ରେଣୀର । ଅଥଚ ଆଜି ପର୍ଯ୍ୟନ୍ତ କାହାରିକୁ ଆବାସ ଯୋଜନାରେ ସାମିଲ୍ କରାଯାଇନାହିଁ। କହିବାକୁ ଗଲେ ଆବାସ ଯୋଜନା କ'ଣ ସେମାନେ ଜାଣିନାହାନ୍ତି । ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ଗାଁ ମୁଖିଆ ଶ୍ରୀ ଖିଲ ଦାବି କରିଛନ୍ତି । ପାନୀୟ ଜଳ, ଗମନାଗମନ ପାଇଁ ପକ୍କାରାସ୍ତା ଓ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଝାଟିମାଟି କୁଡ଼ିଆରେ ବିତୁଛି ଅସହାୟ ଜୀବନ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ବୟସର ଅପରାହ୍ନରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ୮୦ ବର୍ଷିୟ ବୃଦ୍ଧା। ଗଜପତି ଜିଲ୍ଲା କାଶିନଗର ବ୍ଲକ ଅନ୍ତର୍ଗତ କେ ସିତାପୁର ପଞ୍ଚାୟତର ଶିଙ୍ଗିପୁର ଗ୍ରାମର ପଦ୍ମିନୀ ଗୌଡ଼। ଏକ ଝାଟିମାଟି କୁଡ଼ିଆରେ ଅସୁରକ୍ଷିତ ଭାବରେ ଦୀର୍ଘ ବର୍ଷଧରି ଜୀବନ ଯାପନ କରୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଏକାକୀ ହୋଇ ପଡିଛନ୍ତି। ବୟସାଧିକ ଯୋଗୁଁ ଶରୀର ଦୁର୍ବଳ ହୋଇ ଯାଇଥିବା ସ୍ୱତେ କାହା ନିର୍ଭର ନକରି ବଞ୍ଚିବା ପାଇଁ ସଂଘର୍ଷ କରି ଚାଲିଛନ୍ତି। ଆଖି କମ ଦେଖାଯାଉଥିଲା ବେଳେ କାନକୁ ଠିକସେ ଶୁଭୁନାହିଁ, ଅଣ୍ଟାକୁ ଧରି ନଇଁ ନଇଁ ଚାଲୁଛନ୍ତି ବୃଦ୍ଧା ଜଣକ। ଏକ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ସାଙ୍ଗକୁ ଯୋଗାଣ ଚାଉଳ ହିଁ ଏକମାତ୍ର ସାହା ଭରସା।

ଏନେଇ କେ ସିତାପୁର ପଞ୍ଚାୟତ ସରପଞ୍ଚ କେ ତେଜସ୍ୱର ରାଓ କହିଛନ୍ତି ବାରମ୍ବାର ପ୍ରଶାସନର ଦ୍ରୁଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ ଏଭଳି ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନରେ ଅବହେଳା କରାଯାଉଛି ।

# ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ପାଇଲେ ଶେଫାଳି ବର୍ମା




**ଦୁବାଇ**

ଭାରତ ଓପନର ଶେଫାଳି ବର୍ମା ନଭେମ୍ବର ମାସ ପାଇଁ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଆଘାତପ୍ରାପ୍ତ ପ୍ରତୀକା ରାୱଲଙ୍କ ବଦଳରେ ସେଫାଳିଙ୍କୁ ଭାରତୀୟ ଦଳରେ ନିଆଯାଇଥିଲା। ସେ ୭୮ ବଲ୍‌ରେ ୮୭ ରନ କରିଥିଲେ, ଯାହାକି ଏକ ମହିଳା ବିଶ୍ୱକପ୍ ଫାଇନାଲରେ ଜଣେ ଭାରତୀୟ ଓପନର ହିସାବରେ ଏହା ସର୍ବାଧିକ। ନବି ମୁମ୍ବାଇରେ ଶେଫାଳିଙ୍କ ଏହି ଇନିଂସ ବଳରେ ଭାରତ ୭ ଉଇକେଟରେ ୨୯୮ ରନ କରି ମ୍ୟାଚ୍‌କୁ ୫୨ ରନରେ ଜିତି ପ୍ରଥମ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଶେଫାଳି ଓ ଓପନର ସ୍ମୃତି ମନ୍ଧାନା ଓପନିଂ ପାର୍ଟନରସିପ୍‌ରେ ୧୦୪ ରନ ଯୋଗ କରିବା ଦ୍ୱାରା ଭାରତ ଏକ ବଡ଼ ସ୍କୋର ଛିଡ଼ା କରିପାରିଥିଲା। ୨୧ ବର୍ଷୀୟ ଏହି କ୍ରିକେଟର ଥାଇଲାଣ୍ଡର ଥିପାଚା ପୁଥାଓଙ୍ଗ୍ ଏବଂ ୟୁଏଇର ଇଶା ଓଜାଙ୍କୁ ପଛରେ ପକାଇ ପ୍ରଥମ ଥର ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଜିତିପାରିଛନ୍ତି।

## ଟିମ୍ ଇଣ୍ଡିଆ ଖେଳାଳିଙ୍କ ପାଇଁ ନୂଆ ନିୟମ ଲାଗୁ କଲା ବିସିସିଆଇ

# ଅତିକମ୍‌ରେ ଦୁଇଟି ଘରୋଇ ମ୍ୟାଚ୍ ଖେଳିବେ ସବୁ ଖେଳାଳି

- ୨୪ ଡିସେମ୍ବର ୨୦୨୫ରୁ ଆରମ୍ଭ ହେବାକୁ ଯାଉଛି ବିଜୟ ହଜାରେ ଟ୍ରଫି
- ନୂଆ ନିୟମ ଆଣିଲା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)
- ଅତିକମ୍‌ରେ ଦୁଇଟି ଘରୋଇ ମ୍ୟାଚ୍ ଖେଳିବେ ହ୍ୱାଇଟ୍ ବଲ୍ ଖେଳାଳି
- ପୂର୍ବରୁ ୨୦୧୦ରେ ଶେଷଥର ବିଜୟ ହଜାରେ ଟ୍ରଫି ଖେଳିଥିଲେ ରୋ-କୋ

**ନୂଆଦିଲ୍ଲୀ**

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଚାଲିଛି। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ଟେଷ୍ଟ ଏବଂ ତିନୋଟି ଦିନିକିଆ ମଧ୍ୟ ଖେଳିଛି। ଏବେ, ଟି-୨୦ ସିରିଜ୍ ମଧ୍ୟରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବିସିସିଆଇ ଦିନିକିଆ ଏବଂ ଟି-୨୦ ଦଳର ଖେଳାଳିମାନଙ୍କ ପାଇଁ ଏକ ନୂଆ ନିର୍ଦ୍ଦେଶ ଜାରି କରିଛି, ଯେଉଁଥିରେ ସମସ୍ତ ଧଳା ବଲ୍ ଖେଳାଳିଙ୍କୁ ଏକ ପ୍ରମୁଖ ଘରୋଇ ଟୁର୍ଣ୍ଣାମେଣ୍ଟରେ ଅତି କମ୍‌ରେ ଦୁଇଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଏହି ନିୟମ ଜୁନିଅର ଏବଂ ସିନିୟର ଖେଳାଳି ଉଭୟଙ୍କ ପାଇଁ ପ୍ରଯୁଜ୍ୟ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇ ଭାରତର ଦିନିକିଆ ଏବଂ ଟି୨୦ ଦଳର ସମସ୍ତ ଖେଳାଳିଙ୍କୁ ଏକ ନିର୍ଦ୍ଦେଶ ଜାରି କରିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଖେଳାଳିଙ୍କୁ ବିଜୟ ହଜାରେ ଟ୍ରଫି ୨୦୨୫-୨୬ ରେ ଅତି କମରେ ଦୁଇଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଖେଳାଳିଙ୍କ ମ୍ୟାଚ୍ ଫିଟନେସ୍ ବଜାୟ ରଖିବା ଏବଂ ଘରୋଇ କ୍ରିକେଟକୁ ମଜବୁତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବିଜୟ ହଜାରେ ଟ୍ରଫି ଭାରତୀୟ କ୍ରିକେଟରେ ଏକ ଗୁରୁତ୍ୱପୂର୍ଣ୍ଣ ଘରୋଇ ତାଲିକା ଇ-ଟୁର୍ଣ୍ଣାମେଣ୍ଟ, ଯାହା ୨୪ ଡିସେମ୍ବର ୨୦୨୫ରେ ଆରମ୍ଭ ହେବାକୁ ଯାଉଛି।

ଏହି ନିଷ୍ପତ୍ତି ବିଶେଷକରି ବରିଷ୍ଠ ଖେଳାଳିମାନଙ୍କୁ ଧ୍ୟାନରେ ରଖି ନିଆଯାଇଛି ଯେଉଁମାନେ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଯୋଗୁଁ ଦୀର୍ଘ ସମୟ ଧରି ଘରୋଇ କ୍ରିକେଟ ଖେଳିପାରୁ ନାହାନ୍ତି। ବିସିସିଆଇର ଏହି ନିୟମ ଅନୁଯାୟୀ, ଯେତେବେଳେ ମଧ୍ୟ ଜଣେ କେନ୍ଦ୍ରୀୟ ଚୁକ୍ତିବଦ୍ଧ ଖେଳାଳି ନାସନାଲ ଡ୍ୟୁଟିରୁ ମୁକ୍ତ ହେବେ, ତାଙ୍କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏହା କେବଳ ଖେଳାଳିମାନଙ୍କୁ ସ୍ଥିର ମ୍ୟାଚ୍ ଅଭ୍ୟାସ ପ୍ରଦାନ କରିବ ନାହିଁ ବରଂ ଯୁବ ଘରୋଇ ଖେଳାଳିମାନଙ୍କୁ ସେମାନଙ୍କ ବରିଷ୍ଠ ଖେଳାଳିଙ୍କଠାରୁ ଶିଖିବାର ସୁଯୋଗ ମଧ୍ୟ ପ୍ରଦାନ କରିବ।

ଚଳିତ ବର୍ଷ ବିଜୟ ହଜାରେ ଟ୍ରଫି, ୨୪ ଡିସେମ୍ବର ୨୦୨୫ ରୁ ୧୮ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଷ୍ଟ ଏ ଟୁର୍ଣ୍ଣାମେଣ୍ଟରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ବିରାଟ ପୂର୍ବରୁ ଦିଲ୍ଲୀ କ୍ରିକେଟ ଆସୋସିଏସନକୁ ତାଙ୍କର ଉପଲବ୍ଧତା ବିଷୟରେ ଜଣାଇ ସାରିଛନ୍ତି। ରିପୋର୍ଟ ଅନୁସାରେ ସେ ଦୁଇଟି ମ୍ୟାଚ୍ ଖେଳିବେ। ବିରାଟ ୧୬ ବର୍ଷ ପୂର୍ବେ ୨୦୧୦ ରେ ବିଜୟ ହଜାରେ ଟ୍ରଫିରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ରୋହିତ ଶର୍ମା ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବେ। ରୋହିତ ଶେଷ ଥର ପାଇଁ ୧୭ ଅକ୍ଟୋବର ୨୦୧୦ ରେ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

# ଭାରତକୁ ମିଳିଲା ପ୍ରଥମ ଥର ସ୍କ୍ୱାସ୍ ବିଶ୍ୱକପ୍

**ଚେନ୍ନାଇ**

ଭାରତୀୟ ସ୍କ୍ୱାସ ଦଳ ୨୦୨୫ ସ୍କ୍ୱାସ ବିଶ୍ୱକପ ଜିତି ଇତିହାସ ସୃଷ୍ଟି କରିଛି। ଏହା ପ୍ରଥମ ଥର ପାଇଁ କୌଣସି ଏସୀୟ ଦେଶ ସ୍କ୍ୱାସ ବିଶ୍ୱକପ ଟାଇଟଲ ଜିତିଛି। ରବିବାର ଫାଇନାଲରେ ଭାରତ ହଂକଂକୁ ୩-୦ ଗୋଲରେ ପରାସ୍ତ କରି ଟ୍ରଫି ହାସଲ କରିଛି। ଏହି ବିଜୟର ମୁଖ୍ୟ କଥା ହେଉଛି ଯେ ଭାରତ ସାରା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ ହାରି ନାହିଁ। ମିଶ୍ରିତ ଦଳ ଫର୍ମାଟରେ ଖେଳିଥିବା ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ଖେଳାଳିଙ୍କ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ସ୍ଥିରତାର ଏକ ଉଜ୍ଜ୍ୱଳ ଉଦାହରଣ ଭାବରେ କାର୍ଯ୍ୟ କରିଥିଲା। ପୂର୍ବରୁ, ଭାରତୀୟ ଦଳ କେବେ ବି ସ୍କ୍ୱାସ୍ ବିଶ୍ୱକପର ଫାଇନାଲରେ ପହଞ୍ଚି ନଥିଲା। ୨୦୨୩ ମସିହାରେ, ଦଳ ସେମିଫାଇନାଲରେ ପରାସ୍ତ ହୋଇଥିଲା, କିନ୍ତୁ ଏଥର ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ନୂତନ ଦୃଢ଼ତା ସହିତ ଆସିଥିଲା। ଦିତୀୟ ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଦୃଢ଼ ଭାବରେ ଆରମ୍ଭ କରିଥିଲା, ଗ୍ରୁପ ପର୍ଯ୍ୟାୟରେ ସ୍ୱିଜରଲ୍ୟାଣ୍ଡ ଏବଂ ବ୍ରାଜିଲକୁ ୪-୦ ଗୋଲରେ ପରାସ୍ତ କରିଥିଲା। ଏହା ପରେ ଭାରତ କ୍ୱାର୍ଟର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଭାରତ ଦୁଇଥର ଚାମ୍ପିଅନ ଇଜିପ୍ଟକୁ ଭେଟିଥିଲା, ଯେଉଁଠାରେ ସେମାନେ ଚମତ୍କାର ପ୍ରଦର୍ଶନ କରି ୩-୦ରେ ବିଜୟୀ ହୋଇ ଫାଇନାଲକୁ ଉଠିଥିଲେ। ଫାଇନାଲରେ, ଭାରତର ଅଭିଜ୍ଞ ଖେଳାଳି ଜୋସ୍ନା ଚିନ୍ନାପ୍ପା ବିଶ୍ୱର ୩୭ ନମ୍ବର ଖେଳାଳି ଲି କା ୟିଙ୍କୁ ୩-୧ରେ ପରାସ୍ତ କରି ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ଏସୀୟ କ୍ରୀଡ଼ା ପଦକ ବିଜେତା ଅଭୟ ସିଂହ ପରେ ଆଲେକ୍ସ ଲାଉଙ୍କୁ ୩-୦ରେ ପରାସ୍ତ କରି ଭାରତର ନେତୃତ୍ୱକୁ ମଜବୁତ କରିଥିଲେ। ଫାଇନାଲ ମୁକାବିଲାରେ ୧୭ ବର୍ଷୀୟ ଅନହତ ସିଂହ ଏକ ଚମତ୍କାର ପ୍ରଦର୍ଶନ କରି ବିଶ୍ୱର ୩୧ ନମ୍ବର ଖେଳାଳି ଟମାଟୋ ହୋଙ୍କୁ ୩-୦ରେ ପରାସ୍ତ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଏହା ପରେ, ଭାରତର ପୁରୁଷ ଜାତୀୟ ଚାମ୍ପିଅନ ଭେଲାଭାନ ସେନ୍ଥିଲକୁମାରଙ୍କୁ ଖେଳିବାର ସୁଯୋଗ ମିଳିଲା ନାହିଁ।



# ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ 'ଓଡ଼ିଶା ମାଷ୍ଟର୍ସ ୨୦୨୫' ଉଦ୍‌ଯାପିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଶେଷ ହୋଇଛି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତା 'ଓଡ଼ିଶା ମାଷ୍ଟର୍ସ ୨୦୨୫'। ଡିସେମ୍ବର ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତା ରବିବାର କଟକ ଜବାହର ଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ପ୍ରତ୍ୟେକ ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯାଇ ଥିଲା। ମହିଳା ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ, ମହିଳା ଡବଲ୍ସ, ପୁରୁଷ ଡବଲ୍ସ ଏବଂ ମିକ୍ସଡ଼ ଡବଲ୍ସ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବା ସହ ଚାମ୍ପିଅନ୍ ଓ ରନର୍ସଅପ୍ ଖେଳାଳିଙ୍କୁ ଟ୍ରଫି, ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଖେଳାଯାଇ ଥିବା ପୁରୁଷ ଫାଇନାଲ୍ ମ୍ୟାଚ୍‌ରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆ ଖେଳାଳି ମହମ୍ମଦ ୟୁସୁଫଙ୍କୁ ୨୧-୧୪, ୧୩-୨୧ ଓ ୨୧-୧୬ ପଏଣ୍ଟର ତିନୋଟି ମ୍ୟାଚ୍‌ରେ ହରାଇ ଚାମ୍ପିଅନ ହୋଇଥିଲେ। ସେହିପରି ମହିଳା ଫାଇନାଲରେ ଭାରତୀୟ ଖେଳାଳି ଉନ୍ନତି ହୁଡ଼ା ନିଜ ଦେଶର ଇସାରାଣୀ ବରୁଆଙ୍କୁ ସିଧାସଳଖ ୨୧-୧୭, ୨୧-୧୦ ପଏଣ୍ଟର ଦୁଇଟି ମ୍ୟାଚ୍‌ରେ ହରାଇ ଚାମ୍ପିଅନ ହୋଇ ଥିଲେ। ମିକ୍ସଡ଼ ଡବଲ୍ସ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ି ମାରୱାନ ଫାଜା ଓ ଆସ୍ୟାହ ପୂର୍ତ୍ତୀ ପ୍ରଣ୍ଡା, ଡି. ଫେର୍ଡିନେନସି ଓ ବି. ୱାର୍ଡନାଙ୍କୁ ୨୧-୧୫ ଓ ୨୧-୧୦ ପଏଣ୍ଟର




ସିଧାସଳଖ ଦୁଇଟି ମ୍ୟାଚ୍‌ରେ ହରାଇ ଚାମ୍ପିଅନ ହୋଇଥିଲେ। ମହିଳା ଡବଲ୍ସ ବିଭାଗ ଫାଇନାଲ ମ୍ୟାଚ୍ ଟପ୍‌ସିଡ୍ ବୁଲଗେରିଆ ଯୋଡ଼ି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଏବଂ ମାଲେସିଆ ଯୋଡ଼ି ଅଙ୍ଗଜିନ ୟୀ ଓ କାର୍ମେନ ଟିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଲାଗେରିଆ ଯୋଡ଼ି ମାଲେସିଆ ଯୋଡ଼ିଙ୍କୁ ୨୧-୧୯, ୨୧-୧୪ ପଏଣ୍ଟର ଦୁଇଟି ମ୍ୟାଚ୍‌ରେ ହରାଇ ଚାମ୍ପିଅନ ହୋଇଥିଲେ। ସେହିପରି ପୁରୁଷ ଡବଲ୍ସ ଫାଇନାଲରେ ମାଲେସିଆ ଯୋଡ଼ି କଙ୍ଗ ଖାଇ ଜିଙ୍ଗ୍ ଓ ଏରୋନ ତାଇ-ଇଣ୍ଡୋନେସିଆର ଅଲି ରେହନ୍ ଓ ଦେଭିନ ଅର୍ଥା ୱାହୁଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡୋନେସିଆ ଯୋଡ଼ି ମାଲେସିଆ ଯୋଡ଼ିଙ୍କୁ ୧୫-୨୧, ୨୧-୧୨ ଓ ୨୧-୧୬ ପଏଣ୍ଟର ତିନୋଟି ମ୍ୟାଚ୍‌ରେ ହରାଇ ଚାମ୍ପିଅନ ହୋଇଥିଲେ। ଦୀର୍ଘ ଛଅ ଦିନ ଧରି ଚାଲିଥିବା ଏହି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଓଡ଼ିଶା ମାଷ୍ଟର୍ସର ପରିଚାଳନା ପାଇଁ ଏକ ସାତ ଜଣିଆ କମିଟି ଗଠନ କରାଯାଇ ଥିଲା। ଯେଉଁଥିରେ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଭାବେ ବେଣୁ ଗୋପାଳ ମହାଲିଙ୍ଗମ, ରେଫରୀ ଭାବେ ସ୍ୱିଜରଲାଣ୍ଡର ମାନିକ ବସ୍ତିଏନ, ଡେପୁଟି ରେଫରୀ ଭାବେ ଇଣ୍ଡୋନିଆର ଅରତୁଲ ଯଲୁଜନୋଇ, ଲୋକାଲ ଡେପୁଟି ରେଫରୀ ଭାବେ ଭାରତର ମଞ୍ଜୁଷା ସହସ୍ରବୁଧେ, ମ୍ୟାଚ୍ କଣ୍ଟ୍ରୋଲର ଭାବେ ଭାରତର ମିହିର ରତଞ୍ଜୀଙ୍କର ନିଯୁକ୍ତ ହୋଇଥିଲେ। ପୁରସ୍କାର ବିତରଣ ସମୟରେ ପଦ୍ମ ବିଭୂଷଣ ପୁରସ୍କାର ବିଜେତା ସୁଦର୍ଶନ ସାହୁ, ଡାଇରେକ୍ଟର ଜେନେରାଲ ଫାୟାର ସର୍ଭିସେସ ସୁଧାଂଶୁ ଷଡ଼ଙ୍ଗୀ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ, ଶିକ୍ଷ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନର୍ବାଣେ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-2700

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧

ଫୋନ୍ : (୦୬୭୪) ୨୩୯୩୫୨୪

ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୨୦/୩ — ତା.୧୦.୧୨.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ-ଏଇ-୨୦୪ (AE-204), ଭି.ଏସ୍.ଏସ୍.ନଗର, ୧ମ ପର୍ଯ୍ୟାୟ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଛାୟା ପରିଡ଼ା, ସ୍ୱାମୀ-ଯୁଧିଷ୍ଠିର ପରିଡ଼ା, ସା/ପୋ-ଗଡ଼ଗଡ଼ ପୁଟ, ଥାନା-କଣାସ, ଜିଲ୍ଲା-ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଛାୟା ପରିଡ଼ା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୌମ୍ୟ ରଞ୍ଜନ ପରିଡ଼ା, ପିତା-ରମେଶ ଚନ୍ଦ୍ର ପରିଡ଼ା, ସା/ପୋ-ଇନ୍ଦିପୁର, ଥାନା-ସତ୍ୟବାଦୀ, ଜିଲ୍ଲା-ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0987/2526

# ମେସିଙ୍କୁ ବଡ଼ ଉପହାର ଦେଲେ ଜୟ ଶାହା

**ନୂଆଦିଲ୍ଲୀ**

ଆର୍ଜେଣ୍ଟିନାର ଷ୍ଟାର ଫୁଟବଲ ଖେଳାଳି ଲିଓନେଲ ମେସି ତାଙ୍କ ଗୋଟ ଇଣ୍ଡିଆ ଟୁର୍‌ର ତୃତୀୟ ଦିନରେ ଦିଲ୍ଲୀରେ ପହଞ୍ଚିଛନ୍ତି। ଏହି କାର୍ଯ୍ୟକ୍ରମ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଆଇସିସି ସଭାପତି ଜୟ ଶାହା, ଡିଡିସିଏ ସଭାପତି ରୋହନ ଜେଟ୍‌ଲି ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ମେସିଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଜୟ ଶାହ ମେସି, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ରୋହନ ଜେଟ୍‌ଲିଙ୍କୁ ଭାରତୀୟ କ୍ରିକେଟ ଦଳର ଜର୍ସି ପ୍ରଦାନ କରିଥିଲେ। ସେ ମେସିଙ୍କୁ ଏକ ସ୍ୱତନ୍ତ୍ର ଭାବରେ ହସ୍ତାକ୍ଷରିତ କ୍ରିକେଟ ବ୍ୟାଟ ମଧ୍ୟ ଉପହାର ଦେଇଥିଲେ, ଯାହା ଏହି ମୁହୂର୍ତ୍ତକୁ ଆହୁରି ସ୍ୱତନ୍ତ୍ର କରିଥିଲା। ଏହି ଅବସରରେ ଜୟ ଶାହ ମେସିଙ୍କୁ ଆଗାମୀ ଟି-୨୦ ବିଶ୍ୱକପ ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ଏହି ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଟିକେଟ ମଧ୍ୟ ଦେଇଥିଲେ। ସେ ମେସିଙ୍କୁ 'ମେସି' ଲେଖାଥିବା ଏକ ଟି-୨୦ ବିଶ୍ୱକପ ଜର୍ସି ମଧ୍ୟ ଉପହାର ଦେଇଥିଲେ। ସେ ମେସିଙ୍କ ସହିତ ଉପସ୍ଥିତ ସୁଆରେଜଙ୍କୁ ୭ ନମ୍ବର ଜର୍ସି ଏବଂ ଡି ପାଉଲଙ୍କୁ ୯ ନମ୍ବର ଜର୍ସି ମଧ୍ୟ ଦେଇଥିଲେ।

ପୂର୍ବରୁ ମେସି ଅରୁଣ ଜେଟଲି ଷ୍ଟାଡିୟମରେ ମିନର୍ଭା ଏକାଡେମୀର ଯୁବ ଖେଳାଳିଙ୍କ ସହ ସାକ୍ଷାତ କରିଥିଲେ ଏବଂ ସେମାନଙ୍କ ସହିତ କିଛି ଫଟୋ ଉଠାଇଥିଲେ। ମେସି, ସୁଆରେଜ ଏବଂ ଡି ପଲ ପରେ ପ୍ରିମିୟର ଲିଗ୍‌ରେ ୱେଷ୍ଟହାମକୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଭାରତୀୟ ଫୁଟବଲ ଖେଳାଳି ଅଦିତି ଚୌହାନଙ୍କୁ ଭେଟିଥିଲେ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-2693

ଆକାଶ ଶୋଭା ବିଲ୍‌ଡିଂ

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୪୦୭୪ / ଭୁ.ଉ.କ., ଭୁବନେଶ୍ୱର — ତା ୦୬.୧୨.୨୦୨୫ରିଖ
CPH-II-114/95

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- **S-1/140 (H.I.G)** କୁ **ମୋହିନି ମୋହନ ରଥୋ, ପିତା-ସ୍ୱର୍ଗତ ରମେଶ ଚନ୍ଦ୍ର ରଥୋ, ବାସସ୍ଥାନ-୨୯ କାଣ୍ଟେନମେଣ୍ଟ ରୋଡ, ପୋଷ୍ଟ-ତୁଳସୀପୁର, ଥାନା-କାଣ୍ଟେନମେଣ୍ଟ, ଜିଲ୍ଲା-କଟକ, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ **ମୋହିନି ମୋହନ ରଥୋ,** ଗତ ତା-୨୨.୦୩.୨୦୦୮ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Registration No.741104548 dated 10.04.2008).**

**Legal heir certificate Misc Case No. 389 of 2008** ଅନୁଯାୟୀ **ମୋହିନି ମୋହନ ରଥୋ**ଙ୍କର ଉତ୍ତରାଧିକାରୀ (୧) ନିର୍ମଳା ରଥୋ (ସ୍ତ୍ରୀ), (୨) ଜ୍ୟୋତିପ୍ରକାଶ ରଥୋ (ପୁତ୍ର), (୩) ବିଜୟ ପ୍ରସାଦ ରଥୋ (ପୁତ୍ର), (୪) ସୁମିତ୍ରା ରଥୋ (କନ୍ୟା) ଓ (୫) ରତ୍ନା ମିଶ୍ର (କନ୍ୟା) ଅଟନ୍ତି।

ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- **S-1/140 (H.I.G)** ଟି ଉକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ **ଜ୍ୟୋତିପ୍ରସାଦ ରଥୋ**ଙ୍କର କଚ୍ଛ ସମ୍ପତ୍ତି ଅଟେ (ନଂ୩୬୧ନମ୍ବର, ସି.ଏସ୍. (I) ସନ ୨୦୦୮ମସିହା ଶ୍ରୀଯୁକ୍ତ ସିଭିଲଜଜ୍ (ସିନିଅର ଡିଭିଜନ) ଏକମ କୋର୍ଟ, କଟକ ରଫାନମା ଆଦେଶ ମୁତାବକ।

ସୁତରାଂ ଉକ୍ତ ଗୃହଟିକୁ **କଚ୍ଛ ସମ୍ପତ୍ତି ଭାବେ** ଉତ୍ତରାଧିକାରୀ ସୂତ୍ର **ଜ୍ୟୋତିପ୍ରସାଦ ରଥୋ**ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ **ଜ୍ୟୋତିପ୍ରସାଦ ରଥୋ**ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0416/2526

## ସିଡିଏ କେଭିରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବା ଆବଶ୍ୟକ : ପିଆଇବି ଏଡିଜି

**କଟକ, ପିଆଇବି**

କଟକ ସିଡିଏସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୬୦ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଅତିରିକ୍ତ ମହା-ନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନଙ୍କୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ ବିଦ୍ୟାର୍ଥୀମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବା ଅତ୍ୟନ୍ତ ଜରୁରୀ। ୨୦୨୫-୨୬ ଶିକ୍ଷା ବର୍ଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ




କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଲ୍ଲଭ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଦୀପକ କୁମାର ରାଉତ, ଶିକ୍ଷୟିତ୍ରୀ ନୀଳା ନିପାନୀ, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ପଦ୍ମଜା ଚୌହାନ, ଅନୀମାରାଣୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ମନୋଜ କୁମାର ସାହୁ, ପ୍ରିୟବ୍ରତ ପରିଜା, ସଞ୍ଜୟ କୁମାର ରାଉତ, ରିଚା ହରିଚନ୍ଦନ ମହାପାତ୍ର, ରଞ୍ଜିତା ଲେଙ୍କା ପ୍ରମୁଖଙ୍କ ଉପସ୍ଥିତି ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଆନନ୍ଦ କୁମାର ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବ୍ରତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସୁପରିଚାଳନାରେ ଯୋଗଦାନ କରିଥିଲେ।

**GOVERNMENT OF ODISHA** A-1123

E-Procurement Notice, Superintending Engineer, M.I. Division, Angul

Bid Identification No.-08 OF 2025-26

E-mail ID- semidivisionangul@gmail.com

Letter No.3459 /Date:- 12.12.2025

| | | | |
|---|---|---|---|
| 1. | Number of Works | : | 04 (Four) numbers of Civil work |
| 2 | Approximate estimated cost | : | From 6.69 Lakh to 47.33 Lakh |
| 3 | Cost of Tender Paper | : | Rs. 6000/- & 4000/-(Non-Refundable) |
| 4 | Period of completion | : | 04 (Four) Months & 02(Two) Months |
| 5 | Date & Time of availability of bid document In the portal | : | Dt. 17.12.2025 at 10.00 A.M. to Dt. 23.12.2025 up to 5.00 P.M |
| 6 | Last date / Time for receipt of bid in the portal | : | Dt. 23.12.2025 up to 5.00 P.M. |
| 7 | Date of opening of bid documents | : | Dt. 24.12.2025 at 10.00 A.M. |
| 8 | Date of lottery if required | : | Dt. 03.01.2026 At 11.00 A.M. |
| 9 | Name and address of the Office Inviting Bid | : | Superintending Engineer, Minor Irrigation Division, Angul. At / P.O.: Hakimpada, College Square, District: Angul, PIN-759143 Ph. No.06764- 236522 Email ID: semidivisionangul@gmail.com |
| 10 | The bidders have to participate in ONLINE bidding only. Further details can be seen from the e-procurement portal | : | http://tendersorissa.gov.in |

Sd/- Superintending Engineer
M.I. Division, Angul

OIPR-32284/11/0021/2526

**GOVERNMENT OF ODISHA, "e"-PROCUREMENT NOTICE** B-826

OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH

WORKS DEPARTMENT

Tender call Notice

E-mail: pwdoffngd34@gmail.com

Bid Identification No. S.E-Nayagarh (R&B) Division- Online 09/2025-26

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Single cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building Works.
2. No of Work : 10 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.18.12.2025 11.00 AM to Dt.29.12.2025 Up to 5.00 pm.
6. Date of opening of Bid : Dt.30.12.2025 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Nayagarh (R&B) Division, Nayagarh

OIPR-34138/11/0029/2526

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ୯ଟି ଷ୍ଟେସନକୁ ଆଇଏସଓ ୧୪୦୦୧:୨୦୧୫ ପରିବେଶଗତ ପରିଚାଳନା ପ୍ରଣାଳୀ ପ୍ରମାଣପତ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନଅଟି ପ୍ରମୁଖ ରେଳ ଷ୍ଟେସନରେ ଆଇଏସଓ ୧୪୦୦୧:୨୦୧୫ ପରିବେଶଗତ ପରିଚାଳନା ପ୍ରଣାଳୀ (ଇଏମଏସ୍) ଅଡିଟ୍ ସଫଳତାର ସହ ସମାପ୍ତ ହୋଇଛି ଯାହା ପରିବେଶଗତ ସ୍ଥିରତା ଏବଂ ପରିବେଶ-ଅନୁକୂଳ ରେଳ ପରିଚାଳନା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୂଚିତ କରିଛି। ସଫଳ ଅନୁପାଳନ ପରେ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ପରିବେଶରେ ଯାତ୍ରୀ ଏବଂ ଆନୁସଙ୍ଗିକ ସେବା ପ୍ରଦାନ କରିବା ପାଇଁ ଏହି ଷ୍ଟେସନଗୁଡ଼ିକୁ ପରିବେଶଗତ ପରିଚାଳନା ପ୍ରଣାଳୀ ମାନକ ପ୍ରମାଣପତ୍ର ପ୍ରଦାନ କରାଯାଇଛି।



ଆଇଏସଓ ୧୪୦୦୧:୨୦୧୫ ପ୍ରମାଣପତ୍ର ସହିତ ସମ୍ମାନିତ ରେଳ ଷ୍ଟେସନଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ପଳାସା, ବାଲୁଗାଁ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, କଟକ ଏବଂ ବ୍ରହ୍ମପୁର। ଏହି ଷ୍ଟେସନଗୁଡ଼ିକ ସମଗ୍ର ଷ୍ଟେସନ ପରିସରରେ ଉନ୍ନତ ଏବଂ ପରିବେଶଗତ ଭାବରେ ଦକ୍ଷ ପଦକ୍ଷେପ ଗ୍ରହଣ କରିଛି ଯେଉଁଥିରେ ଯାତ୍ରୀ ସେବା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଯେପରିକି ଟ୍ରେନ୍ ପରିଚାଳନା, ସିଗ୍‌ନାଲିଂ ଏବଂ ଟେଲିଯୋଗାଯୋଗ, ଷ୍ଟେସନ ରକ୍ଷଣାବେକ୍ଷଣ, ଟିକେଟିଂ ସେବା, ସାର୍ବଜନୀନ ଉପଯୋଗିତା ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ ଅଟେ।

ସମସ୍ତ ନଅଟି ପ୍ରମାଣିତ ଷ୍ଟେସନ୍ ଅପଚୟ ହ୍ରାସ, ଜଳ ସଂରକ୍ଷଣ ଏବଂ ସମ୍ପଦର ଦକ୍ଷ ଉପଯୋଗ ପାଇଁ ପ୍ରଭାବଶାଳୀ ପଦକ୍ଷେପ କାର୍ଯ୍ୟକାରୀ କରି ଉନ୍ନତ ପରିବେଶଗତ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି। ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟବସ୍ଥିତ ସଂଗ୍ରହ, ପୃଥକୀକରଣ ଏବଂ ବୈଜ୍ଞାନିକ ଭାବରେ ବର୍ଜ୍ୟବସ୍ତୁର ନିଷ୍କାସନ କଡ଼ାକଡ଼ି ଭାବରେ କରାଯାଉଛି। ପ୍ଲାଟଫର୍ମ, ପରିଚଳନ କ୍ଷେତ୍ର, ଶୌଚାଳୟ ଏବଂ ବିଶ୍ରାମାଗାର ସମେତ ସ୍ୱଚ୍ଛତା, ପରିମଳ ଏବଂ ପରିଷ୍କାରତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରାଯାଇଛି। ନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା, ଉନ୍ନତ ପରିମଳ ସୁବିଧା ଏବଂ ପାଣି ଟାଙ୍କିରେ ଭାସମାନ ଭଲଭ୍ ସ୍ଥାପନ ଭଳି ଜଳ ସଂରକ୍ଷଣ ପଦକ୍ଷେପ ଏବଂ ପରିବେଶ ସୁରକ୍ଷାରେ ଆହୁରି ଅବଦାନ ରଖିଛି।

ଆଇଏସଓ ୧୪୦୦୧:୨୦୧୫ ହେଉଛି ପରିବେଶଗତ ପରିଚାଳନା ପ୍ରଣାଳୀ ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ ଯାହା ପ୍ରଯୁଜ୍ୟ ରାଜ୍ୟ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରିବା ସହିତ ସଂଗଠନଗୁଡ଼ିକୁ ପରିବେଶଗତ କାର୍ଯ୍ୟଦକ୍ଷତା ଉନ୍ନତ କରିବାରେ ସାହାଯ୍ୟ କରେ। ଏହି ପ୍ରମାଣପତ୍ର ଶକ୍ତି ସଂରକ୍ଷଣ, ଦକ୍ଷ ସମ୍ବଳ ପରିଚାଳନା ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ସମେତ ସଂରଚିତ ପରିବେଶଗତ ପରିଚାଳନା ପ୍ରଣାଳୀର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରତିଫଳିତ କରୁଅଛି।

ତୃତୀୟ-ପକ୍ଷ ସ୍ୱୀକୃତିପ୍ରାପ୍ତ ଜାତୀୟ ସଂସ୍ଥା ଏନଭୋ ଗ୍ରୀନ୍ ମ୍ୟାନେଜମେଣ୍ଟ କନ୍‌ସଲଟିଙ୍ଗ ସଲ୍ୟୁସନ୍ସ, କଟକ ଦ୍ୱାରା କରାଯାଇଥିବା ଏକ ବ୍ୟାପକ ସର୍ଭେ ଏବଂ ଅଡିଟ୍ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଯାହା ପ୍ରତ୍ୟେକ ଷ୍ଟେସନରେ ନିର୍ଦ୍ଧାରିତ ପରିବେଶଗତ ପରିଚାଳନା ମାନଦଣ୍ଡ ଅନୁପାଳନର ମୂଲ୍ୟାଙ୍କନ କରିଥିଲା।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମେକାନିକାଲ୍ ବିଭାଗର ପରିବେଶଗତ ହାଉସକିପିଂ ମ୍ୟାନେଜମେଣ୍ଟ ଦଳକୁ ରେଳ ଷ୍ଟେସନଗୁଡ଼ିକୁ ଅଧିକ ପରିବେଶ ଅନୁକୂଳ କରିବାରେ ଏବଂ ପୂର୍ବତଟ ରେଳପଥର ସ୍ଥାୟୀ, ଦାୟିତ୍ୱପୂର୍ଣ୍ଣ ଏବଂ ଯାତ୍ରୀ-କେନ୍ଦ୍ରିକ ରେଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏବଂ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି।



# ପୂର୍ବତଟ ରେଳପଥ: ଅନଲାଇନ୍ ଓ ମୋବାଇଲ ଟିକେଟ୍ ବୁକିଂର ବଢୁଛି ଚାହିଦା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଭାରତୀୟ ରେଳ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ ଅଧୀନରେ ଇଣ୍ଟରନେଟ୍ ଟିକେଟ ସଂରକ୍ଷଣ (ଇ-ଟିକେଟିଂ)କୁ ଅଧିକ ବ୍ୟବହାର କରିବାକୁ ଯାତ୍ରୀମାନଙ୍କୁ ଉତ୍ସାହିତ କରୁଛି କାରଣ ଏହା ଅଧିକ ସୁବିଧା, ଦ୍ରୁତ ପ୍ରବେଶ ଏବଂ ଉନ୍ନତ ସ୍ୱଚ୍ଛତା ପ୍ରଦାନ କରୁଅଛି । ଇ-ଟିକେଟ୍ ଯାତ୍ରୀମାନଙ୍କ ଯାତ୍ରା ଯୋଜନା କରିବାର ଉପାୟକୁ ପରିବର୍ତ୍ତନ କରିଛି ଯାହାଦ୍ୱାରା ସମୟ ବଞ୍ଚାଇବା ସହ କମ ପ୍ରୟାସ ଏବଂ ଯାତ୍ରା ପାଇଁ ନିର୍ବିଘ୍ନ ଡିଜିଟାଲ୍ ସହାୟତା ପ୍ରଦାନ କରିଆସୁଅଛି । ଯାତ୍ରୀମାନଙ୍କ ପାଇଁ ସୁବିଧା ଏବଂ ସମୟ ସଞ୍ଚୟ: ଯେକୌଣସି ସମୟରେ ଟିକେଟ ବୁକ୍ କରନ୍ତୁ, ଧାଡ଼ିକୁ ଏଡାନ୍ତୁ ଏବଂ ଯାତ୍ରା ଅସୁବିଧାମୁକ୍ତ କରନ୍ତୁ । ଅନଲାଇନ୍ ଟିକେଟ୍ ବୁକିଂ ଯାତ୍ରୀମାନଙ୍କୁ ରେଳ ଷ୍ଟେସନ୍ ପରିଦର୍ଶନ ନକରି ଯେକୌଣସି ସ୍ଥାନରୁ ଯଥା ଘର ହେଉ କିମ୍ବା ଅଫିସ୍ କିମ୍ବା ମୋବାଇଲ୍ ଡିଭାଇସ୍-ସିଟ୍ ସଂରକ୍ଷଣ କରିବାକୁ ସକ୍ଷମ କରୁଛି । କୌଣସି ଧାଡ଼ି ଏବଂ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରବେଶଯୋଗ୍ୟତା ବିନା, ଯାତ୍ରୀମାନେ ସେମାନଙ୍କ ଫୋନରେ କିମ୍ବା ପ୍ରିଣ୍ଟଆଉଟରେ ଏକ କମ୍ପ୍ୟୁଟର-ଜେନେରେଟେଡ୍ ସ୍ଲିପ୍ ପାଆନ୍ତି ଯାହା ଏକ ପରିଚୟପତ୍ର ସହିତ ବୈଧ ଯାତ୍ରା କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରେ । ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ଟିକେଟ ବୁକ୍ କରନ୍ତୁ ଯାହା ୨୪ ଘଣ୍ଟା ସଂରକ୍ଷଣ ସୁବିଧା ପାଇଁ ଉପଲବ୍ଧ । ଆଉ କୌଣସି ଧାଡ଼ି ଦରକାର ନାହିଁ ଏବଂ ପିଆରଏସ କାଉଣ୍ଟରରେ ଲମ୍ବା ଧାଡ଼ି ଏଡାନ୍ତୁ । ଡିଜିଟାଲ୍ ଏବଂ କାଗଜବିହୀନ ଯାତ୍ରା ପାଇଁ ଇ-ଟିକେଟ୍ ସମ୍ପୂର୍ଣ୍ଣ ଡିଜିଟାଲ୍ ସୁବିଧା ପ୍ରଦାନ କରୁଛି ଯାହା ନଗଦ ଟିକେଟ୍ ପାଇଁ ଆବଶ୍ୟକ ନାହିଁ । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଉନ୍ନତ ପରିଚାଳନା: ସ୍ୱୟଂଚାଳିତ ରିଫଣ୍ଡ, ଉନ୍ନତ ତତ୍କାଳ ବୁକିଂ ଏବଂ ସ୍ୱଚ୍ଛ ପ୍ରକ୍ରିୟା । ଇ-ଟିକେଟିଂ ଯାତ୍ରୀମାନଙ୍କ ପାଇଁ ସହଜ ଏବଂ ଅଧିକ ଦକ୍ଷ ଟିକେଟ୍ ପରିଚାଳନା ସୁନିଶ୍ଚିତ କରୁଅଛି । ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି : ସ୍ୱୟଂଚାଳିତ ପ୍ରତୀକ୍ଷା ତାଲିକା ରିଫଣ୍ଡ ଯାହା ଅନିଶ୍ଚିତ ପ୍ରତୀକ୍ଷା ତାଲିକାଭୁକ୍ତ ଇ-ଟିକେଟ୍ ସ୍ୱୟଂଚାଳିତ ଭାବରେ ବାତିଲ ଏବଂ ରିଫଣ୍ଡ




କରାଯାଏ ଏବଂ ଏହା ଯାତ୍ରୀମାନଙ୍କୁ କାଉଣ୍ଟରକୁ ଯିବା ପାଇଁ ଦରକାର ହୋଇନଥାଏ । ଉନ୍ନତ ତତ୍କାଳ ପ୍ରବେଶ: ଆଧାର-ପ୍ରମାଣିତ ବ୍ୟବହାରକାରୀମାନେ ତତ୍କାଳ ଏବଂ ସ୍ୱତନ୍ତ୍ର କୋଟା ଟିକେଟ୍ ପାଇଁ ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ ପ୍ରବେଶ ଉପଲବ୍ଧ କରିପାରୁଛନ୍ତି । ଏହି ଉନ୍ନତିଗୁଡ଼ିକ ଯାତ୍ରୀମାନଙ୍କୁ ସୁଗମ ଟିକେଟ ବୁକିଂ ଏବଂ ହ୍ରାସିତ ମାନୁଆଲ୍ ଅନୁପାଳନ ଅନୁଭବ କରିବାକୁ ନିଶ୍ଚିତ କରୁଅଛି । ଆଧୁନିକୀକରଣ ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା: ଡିଜିଟାଲ୍ ଇଣ୍ଡିଆକୁ ସୁଦୃଢ଼ କରିବା ଏବଂ ପିଆରଏସ୍ ସିଷ୍ଟମକୁ ଅପଗ୍ରେଡ୍ କରିବା । ଭାରତୀୟ ରେଳବାଇ ଏହାର ବୁକିଂ ଭିତ୍ତିଭୂମିକୁ ସୁଦୃଢ଼ କରିଚାଲିଛି: ଦ୍ରୁତ ଏବଂ ଦୃଢ଼ ପିଆରଏସ : ଉନ୍ନତ ପ୍ରଣାଳୀ ଗୁଡ଼ିକ ଦ୍ରୁତ ପ୍ରକ୍ରିୟାକରଣ ଓ କମ ବୁକିଂ ବିଳମ୍ବ ଜନିତ ସମସ୍ୟାକୁ ପ୍ରଶମିତ କରିଥାଏ । ଡିଜିଟାଲ୍ କାରବାର: ଡିଜିଟାଲ୍ ଇଣ୍ଡିଆ ଦୃଷ୍ଟିକୋଣ ସହିତ ନଗଦହୀନ ପେମେଣ୍ଟକୁ ଉତ୍ସାହିତ କରିବା । ଏହି ପଦକ୍ଷେପଗୁଡ଼ିକ ଏକ ଆଧୁନିକ, ଦକ୍ଷ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ରେଳ ସଂରକ୍ଷଣ ଇକୋସିଷ୍ଟମକୁ ସମର୍ଥନ କରେ । ଯେଉଁ କ୍ଷେତ୍ରଗୁଡ଼ିକ କାଉଣ୍ଟରଗୁଡ଼ିକ ଏପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ସମର୍ଥନ କରନ୍ତି । ଇ-ଟିକେଟ୍ ପ୍ରଚୁର ସୁବିଧା ପ୍ରଦାନ କରୁଥିବା ବେଳେ ଚଜଝ କାଉଣ୍ଟରଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକରେ ସହାୟତା କରିଆସୁଛନ୍ତି: ରିହାତି ଟିକେଟ୍: ବରିଷ୍ଠ ନାଗରିକ କିମ୍ବା ଛାତ୍ର ଭଳି କିଛି ବର୍ଗ ପାଇଁ କାଉଣ୍ଟର-ଆଧାରିତ ସଂରକ୍ଷଣ ଆବଶ୍ୟକ ହୋଇପାରେ । ନାମ କିମ୍ବା ବୋର୍ଡିଂ ପରିବର୍ତ୍ତନ: ଏହି ସେବାଗୁଡ଼ିକ ବର୍ତ୍ତମାନ କେବଳ ପିଆରଏସ୍ କାଉଣ୍ଟରରେ ଉପଲବ୍ଧ । ମୋବାଇଲ୍ ଟିକେଟ୍: ଆପଣଙ୍କ ସ୍ମାର୍ଟଫୋନ୍ ସହିତ ସ୍ମାର୍ଟ ଭାବରେ ଯାତ୍ରା କରନ୍ତୁ । ମୋବାଇଲ୍ ଟିକେଟ୍ ଯାତ୍ରୀମାନଙ୍କୁ ସେମାନଙ୍କର ସ୍ମାର୍ଟଫୋନ୍‌ରେ ସମ୍ପୂର୍ଣ୍ଣ ଭାବରେ ଟିକେଟ୍ ବୁକ୍ କରିବା, ବହନ କରିବା ଏବଂ ଯାଞ୍ଚ କରିବା ପାଇଁ ଅନୁମତି ଦେଇ ଅନଲାଇନ୍ ବୁକିଂର ସହଜତାକୁ ଆହୁରି ବୃଦ୍ଧି କରିଛି । ପ୍ରାଧିକରଣ ପ୍ଲାଟଫର୍ମ ମାଧ୍ୟମରେ ବୁକ୍ କରାଯାଇଥିବା ଇ-ଟିକେଟ୍ ଯାତ୍ରା ସମୟରେ ସିଧାସଳଖ ମୋବାଇଲ୍ ଡିଭାଇସ୍‌ରେ ଦେଖାଯାଇପାରିବ, ପ୍ରିଣ୍ଟଆଉଟ୍‌ର ଆବଶ୍ୟକତାକୁ ମଧ୍ୟ ଦୂର କରାଯାଇ ପାରିବ । ତୁରନ୍ତ ନିଶ୍ଚିତକରଣ, ପ୍ରକୃତ-ସମୟ ଅପଡେଟ୍ ଏବଂ ସୁରକ୍ଷିତ ଡିଜିଟାଲ୍ ରେକର୍ଡ ସହିତ, ମୋବାଇଲ୍ ଟିକେଟ୍ ଏକ ଦ୍ରୁତ, ପରିବେଶ-ଅନୁକୂଳ ଏବଂ ଯାତ୍ରୀ-ଅନୁକୂଳ ଯାତ୍ରା ଅଭିଜ୍ଞତା ପ୍ରଦାନ କରେ ଯାହା ଟ୍ରେନ୍ ଯାତ୍ରାକୁ ପୂର୍ବ ଅପେକ୍ଷା ଅଧିକ ସୁବିଧାଜନକ କରିଥାଏ । ରେଳ ୱାନ ଆପ୍ ହେଉଛି ଭାରତୀୟ ରେଳବାଇର ଏକ ଏକୀକୃତ ଡିଜିଟାଲ୍ ପ୍ଲାଟଫର୍ମ ଯାହା ଗୋଟିଏ ମୋବାଇଲ୍ ଆପ୍ଲିକେସନ୍ ଅଧୀନରେ ଟିକେଟ୍ ବୁକିଂ, ଟ୍ରେନ୍ ଅନୁସନ୍ଧାନ, ପ୍ଲାଟଫର୍ମ ସୂଚନା ଏବଂ ଅଭିଯୋଗ ସମାଧାନ ଭଳି ବହୁବିଧ ଯାତ୍ରୀ ସେବା ଆଣିଥାଏ । ଏହା ଏକ ସୁଗମ, ସୁରକ୍ଷିତ ଏବଂ ବ୍ୟବହାରକାରୀ-ଅନୁକୂଳ ଅଭିଜ୍ଞତା ପ୍ରଦାନ କରେ ଯାହା ଯାତ୍ରୀମାନଙ୍କୁ ଗୋଟିଏ ଆପ୍‌ରୁ ସୁବିଧାଜନକ ଭାବରେ ସେମାନଙ୍କର ଯାତ୍ରା ଯୋଜନା ଏବଂ ପରିଚାଳନା କରିବାକୁ ସକ୍ଷମ କରିଥାଏ । ପୂର୍ବ ତଟ ରେଳପଥ ଡିଜିଟାଲ୍ ସୁବିଧା ଏବଂ କାଉଣ୍ଟର-ଆଧାରିତ ସହାୟତା ପ୍ରଦାନ କରିବାକୁ ପ୍ରତିବଦ୍ଧ ଥାଇ ପ୍ରତ୍ୟେକ ଯାତ୍ରୀଙ୍କୁ ସୁଗମ, ନିର୍ଭରଯୋଗ୍ୟ ଏବଂ ଦକ୍ଷ ଟିକେଟିଂ ସେବାର ଅନୁଭୂତି ସୁନିଶ୍ଚିତ କରୁଅଛି । ନଭେମ୍ବର ୨୦୨୫ରେ ଭାରତୀୟ ରେଳବାଇରେ ଇଣ୍ଟରନେଟ୍-ଆଧାରିତ ଟିକେଟ୍ ବୁକିଂ ୮୪.୧୬% ଥିଲା, ଯାହା ଡିଜିଟାଲ୍ ସେବା ପ୍ରତି ଯାତ୍ରୀଙ୍କ ମାତ୍ରାଧିକ ପସନ୍ଦକୁ ପ୍ରତିଫଳିତ କରୁଛି । ସେହି ସମୟ ମଧ୍ୟରେ ପୂର୍ବତଟ ରେଳପଥରେ ୮୪.୧୧% ଅନଲାଇନ୍ ବୁକିଂ ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ୮୨.୭୧% ରେକର୍ଡ କରାଯାଇଛି ଏବଂ ଅବଶିଷ୍ଟ ଟିକେଟ୍ ପିଆରଏସ କାଉଣ୍ଟର ମାଧ୍ୟମରେ ବୁକ୍ ହୋଇଥିଲା । ଗତ ଆଠ ମାସ (୧ ଏପ୍ରିଲରୁ ୩୦ ନଭେମ୍ବର ୨୦୨୫) କୁ ଦେଖିଲେ ଏହି ଧାରା ନିରନ୍ତର ଭାବରେ ସୁଦୃଢ଼ ରହିଛି ।

# ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ : ୧୦ ଦିନରେ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ । ଡିସେମ୍ବର ୬ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଏହି ପୁସ୍ତକ ମହୋତ୍ସବର ଆୟୋଜନ କରାଯାଉଛି । ପୁସ୍ତକ ମେଳା ସରିବାକୁ ଆଉ ୨ ଦିନ ବାକି ଥିବା ବେଳେ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳୁଛି । ସୋମବାର ସୁଦ୍ଧା (ଡିସେମ୍ବର ୬ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ) ପୁସ୍ତକ ମହୋତ୍ସବରେ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ ହୋଇଛି । ଏହା ପାଠକମାନଙ୍କର ପୁସ୍ତକ ପ୍ରତି ରହିଥିବା ଭଲ ପାଇବା ଏବଂ ଲେଖକ, ପାଠକ ଓ ପ୍ରକାଶକ ଓ ସର୍ବୋପରି ସାହିତ୍ୟ ଜଗତର ସ୍ୱର୍ଣ୍ଣିମ ଭବିଷ୍ୟତକୁ ସୂଚିତ କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜିର ଇଣ୍ଟରନେଟ ଓ ଜଗତୀକରଣର ଦୁନିଆରେ ବହିର ଚାହିଦା କମିନି ବରଂ ବେଶ୍ ବଢିଛି ଏବଂ ଯୁବ ପାଠକ ମାନେ ବହି କିଣିବା ପାଇଁ ପୁସ୍ତକ ମହୋତ୍ସବର ଷ୍ଟଲମାନଙ୍କରେ ଭିଡ଼ ଜମାଉଛନ୍ତି । ସୋମବାର ଓଡ଼ିଶା ବିଧାନସଭା ପାଠାଗାର ସବ-କମିଟିର ସଦସ୍ୟମାନେ ପୁସ୍ତକମେଳା ପରିଦର୍ଶନରେ ଆସି ଓଡ଼ିଶା ବିଧାନସଭା ପାଠାଗାର ପାଇଁ ପୁସ୍ତକ ଚୟନ କରିଛନ୍ତି । ବିଧାନସଭା ପାଠାଗାର ସବ-କମିଟିର ଅଧ୍ୟକ୍ଷ ତଥା ବିଧାୟକ କୋରେଇ ଆକାଶ ଦାସ ନାୟକ, ସଦସ୍ୟ ବିଧାୟକ ଜୟଦେବ ନବକିଶୋର ମଲ୍ଲିକ, ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର, ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ବରିଷ୍ଠ ଗବେଷଣା ଅଧିକାରୀ ପ୍ରଦୀପ କୁମାର କୁଲୁ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ, ଉପନିର୍ଦ୍ଦେଶକ ବ୍ୟୋମଜିତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ବିଷ୍ଣୁପ୍ରିୟା ମଲ୍ଲିକ ପ୍ରମୁଖ ପୁସ୍ତକ ମହୋତ୍ସବରେ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ଓଡ଼ିଶା ବିଧାନସଭା ପାଠାଗାର ପାଇଁ ପୁସ୍ତକ ଚୟନ କରିଥିଲେ । ବିଶେଷ ଭାବରେ ଓଡ଼ିଶାର ବରପୁତ୍ର ଓ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଚୟନ କରାଯାଇଛି ଏବଂ ଏହାକୁ ବିଧାନସଭା ପାଠାଗାରରେ ସ୍ଥାନିତ କରାଯିବ । ବିଧାନସଭା ପାଠାଗାର ସବ-କମିଟିର ସଦସ୍ୟମାନଙ୍କ ଦ୍ୱାରା ଚୟନୀତ ହୋଇଥିବା ସମସ୍ତ ପୁସ୍ତକଗୁଡ଼ିକର ସର୍ବମୋଟ ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା ବୋଲି ସୂଚନା ମିଳିଛି । ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ମହାବିଦ୍ୟାଳୟ ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକାଡ଼େମିକ ପାଠ୍ୟ ପୁସ୍ତକ କିଣିବା ପାଇଁ ଷ୍ଟଲରେ ଭିଡ଼ ଜମାଉଛନ୍ତି । ବିଶେଷ ଭାବରେ ଓଡ଼ିଆ ଅଧ୍ୟୟନ ଏବଂ ଗବେଷଣା ସଂସ୍ଥାର ଷ୍ଟଲରେ ଡ଼ିପ୍ଲୋମା ଏବଂ ବିଟେକ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାରେ ଲିଖିତ ଡିପ୍ଲୋମା, +୨ ବିଜ୍ଞାନ ଏବଂ ବିଟେକ ପାଠ୍ୟକ୍ରମର ପୁସ୍ତକ କିଣୁଛନ୍ତି । ଓଡ଼ିଆ ଅଧ୍ୟୟନ ଏବଂ ଗବେଷଣା ସଂସ୍ଥା ପକ୍ଷରୁ ଡିପ୍ଲୋମା, +୨ ବିଜ୍ଞାନ ଏବଂ ବିଟେକ ପାଠ୍ୟକ୍ରମର ପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶିତ ହେଉଛି । ଜାତୀୟ ଶିକ୍ଷା ନୀତି-୨୦୨୦ ମାତୃଭାଷାରେ ଶିକ୍ଷାଦାନ ପଦ୍ଧତି ଉପରେ ଗୁରୁତ୍ୱାରୋପ କରୁଛି । ମାତୃଭାଷାରେ ପାଠ ପଢ଼ିଲେ ଛାତ୍ରଛାତ୍ରୀମାନେ ବିଷୟବସ୍ତୁକୁ ସହଜରେ ବୁଝିପାରିବେ ଏବଂ ମେଡ଼ିକାଲ ଓ ଇଂଜିନିୟରିଙ୍ଗ ପାଠ୍ୟକ୍ରମ ପାଇଁ ଆୟୋଜିତ ହେଉଥିବା ପ୍ରତିଯୋଗିତା ମୂଳକ ପ୍ରବେଶିକା ପରୀକ୍ଷାରେ ଓଡ଼ିଆରେ ନିଜର ଉତ୍ତର ଦେଇପାରିବେ ବୋଲି ପ୍ରକାଶକ ମତପ୍ରକାଶ କରିଛନ୍ତି । ଅପରପକ୍ଷରେ ଚଳିତ ଥର ଅନୁବାଦ ସାହିତ୍ୟ ପ୍ରତି ପାଠକମାନଙ୍କର ରୁଚି ବେଶ୍ ବଢ଼ିଛି । ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ ଷ୍ଟଲରେ ପାଠକଙ୍କ ଭିଡ଼ ଦେଖିବାକୁ ମିଳୁଛି । ବିଭିନ୍ନ ଆଞ୍ଚଳିକ ଓ ବିଦେଶୀ ଭାଷାରେ ଲିଖିତ ପୁସ୍ତକର ଓଡ଼ିଆ ଅନୁବାଦକୁ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି । ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ ପକ୍ଷରୁ ଏଯାବତ୍ ୧୦୦ରୁ ଉର୍ଦ୍ଧ୍ୱ ପୁସ୍ତକକୁ ଅନୁଦିତ କରାଯାଇଛି ବୋଲି ପ୍ରକାଶକ ନିଜର ମତ ରଖିଛନ୍ତି । ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ୫୫୦ଟି ଷ୍ଟଲ ନିର୍ମାଣ ହେବା ସହ ୨୦୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ପୁସ୍ତକ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି । ପାଠକମାନେ ବହି କିଣିବା ସହ କୋରାପୁଟ କଫିର ମଜା ନେଉଛନ୍ତି ଓ ଫୁଡ୍ ଷ୍ଟଲରେ ମିଲେଟ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟକୁ ବେଶ୍ ପସନ୍ଦ କରୁଛନ୍ତି ।

## ସର୍ବ ଭାରତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା

# ଅବସର ପ୍ରାପ୍ତ ପୋଲିସ ସଂଘ କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ରଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସାଂଗଠନିକ ବୈଠକ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ୟୁନିଟ୍-୧ ଅଫିସ ଠାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇ ସମିତିର ସଭ୍ୟ ପ୍ରତାପ କୁମାର ମହାନ୍ତି, ମହେନ୍ଦ୍ର ପ୍ରସାଦ ଧାନୀ, ବରେନ୍ଦ୍ର ନାରାୟଣ ମହାପାତ୍ର, ନାରାୟଣ ଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ନାୟକ, ହରିଶ ଚନ୍ଦ୍ର ସେଠ ଓ ଅନ୍ୟମାନଙ୍କୁ ସେମାନଙ୍କର ଜନ୍ମ ବାର୍ଷିକ ପାଇଁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ନିକଟରେ ମଧ୍ୟପ୍ରଦେଶ ଭୋପାଳରେ ହୋଇଥିବା ସର୍ବଭାରତୀୟ ଭେଟେରାନ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଓଡ଼ିଶାରୁ



ପ୍ରତିନିଧିତ୍ୱ କରୁଥିବା ଅବସରପ୍ରାପ୍ତ ଦୁର୍ଗପତି ତଥା ଅବସରପ୍ରାପ୍ତ ପୋଲିସ ସଂଘର କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର ଏକ ସ୍ୱର୍ଣ୍ଣ ଓ ଏକ ରୌପ୍ୟପଦକ ହାସଲ କରିଥିବାରୁ ସଂଘ ତରଫରୁ ତାଙ୍କୁ ଉତ୍ତରୀୟ, ପଗଡି ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଶ୍ରୀ ମହାପାତ୍ର ବନ୍ଧୁକ ଚାଳନାରେ ତାଙ୍କର ଅଭିଜ୍ଞତା ପ୍ରକାଶ କରିଥିଲେ । ଅତିଥି ଶ୍ରୀ ପଣ୍ଡା, ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ, ସନସାଇନ୍ ହସ୍ପିଟାଲର ସଂଳିପ ପୃଷ୍ଟି, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଶାଖାର ଉପସଭାପତି ସୁଦର୍ଶନ ଦାସ ତାଙ୍କର ଅଭିଭାଷଣରେ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ, ସେମାନଙ୍କର ବିଭିନ୍ନ ସମସ୍ୟା ତାଙ୍କର କର୍ତ୍ତବ୍ୟ ଓ ନିରାକରଣ ଉପରେ ବିଶଦ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ କ୍ରୀଡା ସଂପାଦକ ସୁବେଶ ସାମଲ, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଯୁଗ୍ମ ସଂପାଦକ ଯୁଧିଷ୍ଠିର ମଲ୍ଲିକ, ଅତିରିକ୍ତ ସାଧାରଣ ସଂପାଦକ ନିହାର ରଞ୍ଜନ ଦାସ, ଜନ କଲ୍ୟାଣ ସଂପାଦକ ବିମଳ ମହାନ୍ତି, ବରିଷ୍ଠ ସଭ୍ୟ ରବିନ୍ଦ୍ର କୁମାର ମହାପାତ୍ର, ଗୁରୁ ଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ହରିଶ୍ଚନ୍ଦ୍ର ସେଠ, ପ୍ରମିଳା ନାୟକ, ତପସ୍ୱିନୀ ଆରୁଖ, ଦେବେନ୍ଦ୍ରନାଥ ଶତପଥି, ହେମଚନ୍ଦ୍ର ଜେନା ପରିଚାଳନା କରିଥିଲେ, ନୂତନ ସଭ୍ୟଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷ ଅରୁଣ କୁମାର ଜେନା ଓ ତ୍ରିଲୋଚନ ସ୍ୱାଇଁ, ଅବସରପ୍ରାପ୍ତ ଆରକ୍ଷୀ ନୀରିକ୍ଷକ ପ୍ରଭାକର ନାୟକଙ୍କୁ ସ୍ୱାଗତ କରାଯାଇଥିଲା ବୋଲି ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପୁଲିସର...

ଆହୁରି ସୁଦୃଢ଼ କରିବ । ଏହି ଦ୍ୱିଭାଷା (ଓଡ଼ିଆ ଓ ଇଂରାଜୀ) ୱେବସାଇଟ୍‌ଟି ସାଧାରଣ ଜନତାଙ୍କୁ ସହଜ, ସୁବିଧାଜନକ ଓ ଯଥା ଶୀଘ୍ର ପୁଲିସ ସମ୍ପର୍କିତ ସୂଚନା ଓ ସେବା ପାଇପାରିବେ । ସାଧାରଣ ଲୋକମାନେ କମ୍ପ୍ୟୁଟର, ଲାପଟପ, ମୋବାଇଲ ଆପ ଜରିଆରେ ଏହି ୱେବ ସାଇଟକୁ ଖୋଲି ବିଭିନ୍ନ ସୂଚନା ପାଇପାରିବେ ।

ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ, ଏସଏଫଏସଏଲ, ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଂ) ଚରଣ ସିଂ ମୀନାଙ୍କ ସମେତ ଆଭାସି ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଲାଲ୍ କରିଡରରୁ...

କେନ୍ଦ୍ରୀୟ କମିଟି ସଦସ୍ୟ ନିହତ ହୋଇଛନ୍ତି । ୨୩ ମେ’ ୨୦୨୫ରେ ୨୭ ଜଣ ହାର୍ଡକୋର ନକ୍ସଲ ଅପରେସନ ବ୍ଲାକ ଫରେଷ୍ଟରେ ନିହତ ହୋଇଥିଲେ । ଗତ ଅକ୍ଟୋବର ମାସରେ ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ୨୭୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଥିଲେ ।

କେନ୍ଦ୍ର ସରକାର ନକ୍ସଲ ମୁକାବିଲା ପାଇଁ ଗତ ୧୦ ବର୍ଷ ମଧ୍ୟରେ ୫୮୬ଟି ସୁରକ୍ଷିତ ପୁଲିସ ଷ୍ଟେସନ ନିର୍ମାଣ କରିଛନ୍ତି । ୨୦୧୩ରେ ୭୬ଟି ଜିଲ୍ଲାର ୩୩୦ ଥାନାଞ୍ଚଳ ନକ୍ସଲ ପ୍ରଭାବିତ ଥିଲା । ଏହି ସଂଖ୍ୟା ଏବେ ୨୨ଟି ଜିଲ୍ଲାର ୫୨ଟି ଥାନାଞ୍ଚଳକୁ ଖସି ଆସିଛି । ଏହାବ୍ୟତୀତ ଗତ ୬ ବର୍ଷ ମଧ୍ୟରେ ୩୬୧ଟି ନୂଆ ସୁରକ୍ଷା ଶିବିର ଏବଂ ରାତ୍ରିକାଳୀନ ଅବତରଣ ଲାଗି ୬୮ଟି ହେଲିପ୍ୟାଡ୍ ନିର୍ମାଣ କରାଯାଇଛି ।

କେନ୍ଦ୍ର ସରକାର ନକ୍ସଲ ସମ୍ପତ୍ତି ଉପରେ ଅଙ୍କୁଶ ଲଗାଇବାକୁ ସମନ୍ୱିତ ପଦକ୍ଷେପ ନେଇଛନ୍ତି । ଏନଆଇଏ ୪୦ କୋଟି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧୨ କୋଟି ଏବଂ ରାଜ୍ୟ ସୁରକ୍ଷା ବାହିନୀ ୪୦ କୋଟି ଟଙ୍କାକୁ ମିଶାଇ ନକ୍ସଲମାନଙ୍କର ୯୨ କୋଟିରୁ ଅଧିକ ସମ୍ପତ୍ତି ଜବତ କରାଯାଇଛି । ଗତ ୧୧ ବର୍ଷ ମଧ୍ୟରେ ମାଓ ପ୍ରଭାବିତ ରାଜ୍ୟରେ ସୁରକ୍ଷା ସଂକ୍ରାନ୍ତ ବ୍ୟୟ ବାବଦରେ କେନ୍ଦ୍ର ସରକାର ୩,୩୩୧ କୋଟି ଟଙ୍କା ଜାରି କରିଛନ୍ତି, ଯାହାକି ପୂର୍ବ ଦଶ ବର୍ଷ ତୁଳନାରେ ୧୫୫% ଅଧିକ ।

### ବିଜେପିର କାର୍ଯ୍ୟକାରୀ ...

ତାଙ୍କୁ ମହାସଚିବ ତରୁଣ ଚୁଗ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀର ଅନେକ ମନ୍ତ୍ରୀ, ଦୁଷ୍ୟନ୍ତ ଗୌତମ ଏବଂ ଅନେକ ବରିଷ୍ଠ ନେତା ସ୍ୱାଗତ କରିଥିଲେ ।

### ମାଲକାନଗିରି ଜିଲ୍ଲାରେ...

ସେବାକୁ ଅବରୋଧ କରାଯାଇଥିଲା, ପରେ ଡିସେମ୍ବର ୯ ତାରିଖରେ ୧୮ ଘଣ୍ଟା ବୃଦ୍ଧି କରାଯାଇଥିଲା । ପୁଣିଥରେ ଡିସେମ୍ବର ୧୦ ତାରିଖରେ ଏହାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରାଯାଇଥିଲା । ଗୁରୁବାର ଶେଷ ହେବାକୁ ଥିବା ଏହି କଟକଣାକୁ ସମ୍ବେଦନଶୀଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଆଉ ୧୨ ଘଣ୍ଟା ବୃଦ୍ଧି କରାଯାଇଥିଲା ।

### ପରବର୍ତ୍ତୀ ମୁଖ୍ୟ ...

ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏଥି ପାଇଁ କିଛି ମାତ୍ରାରେ ସମାଲୋଚିତ ହୋଇଥିଲେ । ତେବେ ସର୍ବଭାରତୀୟ ସେବା ଅଧିକାରୀଙ୍କ କ୍ଷେତ୍ରରେ ଆଞ୍ଚଳିକତା ପ୍ରସଙ୍ଗ ଗୌଣ ହୋଇଥିବାରୁ ଏହା ଜୋର୍ ଧରି ନଥିଲା । ୨୦୨୪ ଡିସେମ୍ବର ୩୧ରେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ସରିଥିଲେ ବି ସରକାର ତାଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବଢ଼ାଇଥିଲେ । ବିଜେଡି ସରକାର ସମୟରେ ସୁରେଶ ମହାପାତ୍ର ଓ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ବି ବଢ଼ିଥିଲା । ଶ୍ରୀ ମହାପାତ୍ରଙ୍କର ଦୁଇଟି ପର୍ଯ୍ୟାୟରେ ଗୋଟିଏ ବର୍ଷ ଓ ଶ୍ରୀ ଜେନାଙ୍କର କାର୍ଯ୍ୟକାଳ ଥରେ ୬ ମାସ ବୃଦ୍ଧି କରାଯାଇଥିଲା । କିନ୍ତୁ ଶ୍ରୀ ଆହୁଜାଙ୍କ କ୍ଷେତ୍ରରେ ଏକାଥରେ ଗୋଟିଏ ବର୍ଷ ବୃଦ୍ଧି ପରେ ଏବେ ପୁଣି ଥରେ ତାଙ୍କ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଯିବ ବୋଲି କ୍ଷମତା କରିଡରରେ ଚର୍ଚ୍ଚା ହେଉଛି ।

ଏହା ସ୍ପଷ୍ଟ ଯେ ଓଡ଼ିଶାର ମୁଖ୍ୟ ଶାସନ ସଚିବ କିଏ ହେବ, ସେହି ନିଷ୍ପତ୍ତି ଏଠି ସରକାରୀ ଦଳ କି ସରକାରଙ୍କ ହାତରେ ନାହିଁ । ନୂଆଦିଲ୍ଲୀରୁ ହିଁ ସିଧାସଳଖ ଏହି ନିଷ୍ପତ୍ତି ନିଆଯିବ । ସେଥି ପାଇଁ ରାଜ୍ୟ ବିଜେପିର ବରିଷ୍ଠ ନେତାଙ୍କ ପାଖରେ ଏ ନେଇ କେହି ଲବି କରୁନାହାନ୍ତି କି ସେ ସମ୍ପର୍କିତ ଆଲୋଚନା ବି ହେଉ ନାହିଁ । ମନୋଜ ଆହୁଜାଙ୍କୁ ମୁଖ୍ୟ ଶାସନ ସଚିବ କରାଯିବା ବେଳେ ବି ଏହି ବାର୍ତ୍ତା ସ୍ପଷ୍ଟ ଭାବେ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଚୟନ ନିଷ୍ପତ୍ତି ପ୍ରକ୍ରିୟାରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ-ଅଣଓଡ଼ିଆ ସେସବୁ ଅପ୍ରାସଙ୍ଗିକ ବୋଲି ସ୍ପଷ୍ଟ କରିଦିଆଯାଇଛି । ଯଦି ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରା ନଯାଏ, ତେବେ ପରବର୍ତ୍ତୀ ବରିଷ୍ଠ ଅଧିକାରୀଙ୍କ ତାଲିକାରେ ୧୯୯୦ ବ୍ୟାଚର ଆଉ ଦୁଇ ଜଣ ଅଫିସର ଅଛନ୍ତି । ସେମାନେ ହେଲେ ସଞ୍ଜୀବ ଚୋପ୍ରା ଓ ଜି ଶ୍ରୀନିବାସ । ଉଭୟ ଏବେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି । ଏମାନଙ୍କ ଭିତରୁ କାହାକୁ ଓଡ଼ିଶାକୁ ଫେରାଇ ଆଣି ମୁଖ୍ୟ ଶାସନ ସଚିବ କରାଯିବାର ସମ୍ଭାବନା କମ୍ ।

ଏହା ପରେ ବରିଷ୍ଠତା ଭିତ୍ତିରେ ୧୯୯୧ ବ୍ୟାଚର ତିନି ଜଣ ଅଧିକାରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ସଞ୍ଜୟ ରସ୍ତୋଗୀ ଏବେ ଡେପୁଟେସନ୍‌ରେ ଅଛନ୍ତି । ଏହି ବ୍ୟାଚର ଆଉ ଦୁଇ ଜଣ ଅଧିକାରୀଙ୍କ ନାମ ମୁଖ୍ୟ ଶାସନ ସଚିବ ଦୌଡ଼ରେ ରହିଛି । ସେମାନେ ହେଲେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ । ଦୁଇ ଜଣ ଯାକ ପ୍ରମୁଖ ଦାବିଦାର ଅଛନ୍ତି । ଯଦି ଏହି ଦୁଇ ଜଣଙ୍କ ନାମ ବିଚାରକୁ ନିଆଯାଏ, ତେବେ ଅନୁ ଗର୍ଗ ପ୍ରଥମ ପସନ୍ଦ ହୋଇପାରନ୍ତି । ବର୍ତ୍ତମାନର ସରକାରରେ ଶୀର୍ଷ ସ୍ତରରେ ଅନୁଙ୍କ ନାମ ଅଧିକ ଚର୍ଚ୍ଚା ହେଉଛି । ଯଦି ସରକାର ଏହି ନିଷ୍ପତ୍ତି ନେବେ, ତେବେ ଅନୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବେ ।

# କଂଗ୍ରେସରୁ ବହିଷ୍କାର ପରେ ମହମ୍ମଦ ମୋକିମଙ୍କ ପ୍ରତିକ୍ରିୟା

**କଟକ, ନ୍ୟୁଜ ବ୍ୟୁରୋ**

କଂଗ୍ରେସରୁ ବହିଷ୍କାର ପରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ପ୍ରତିକ୍ରିୟା । କହିଲେ ମୋର ବିଚାରଧାରାରେ ମୁଁ କଂଗ୍ରେସ ସହିତ ଅଛି । କଂଗ୍ରେସ ମତେ ଦଳଠାରୁ ଦୁରେଇ ଦେଇପାରେ । ମୁଁ କିନ୍ତୁ କଂଗ୍ରେସ ସହିତ ଥିଲି...ଅଛି ଓ ରହିବି । ମୁଁ ଦଳର ଭୁଲକୁ ଆଗକୁ ଆଣିଥିଲି । ଦଳ ମୋ ବିରୋଧରେ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନେଇଛି । ମୁଁ ଏହାକୁ ସ୍ୱୀକାର କରୁଛି, ମୁଁ ରାହୁଲଙ୍କ କଥା ‘ଡରୋ ମତ୍’ କୁ ଅନୁକରଣ କରୁଛି । ମୁଁ ଡରିବା ଲୋକ ନୁହେଁ, ମୁଁ ରାଜନୀତିରେ ଅଛି ଓ ରହିବି । ମୁଁ ଏଭଳି କାର୍ଯ୍ୟାନୁଷ୍ଠାନ ଆଶା କରିନଥିଲି, ଆଗକୁ କଣ କରିବି



ନିଷ୍ପତ୍ତି ନେବି । ତେବେ ସୋଫିଆ ଦଳ ସହିତ ଅଛନ୍ତି, ଯେହେତୁ ସେ ବିଧାୟିକା ସେ ତାଙ୍କ କାମ ଜାରି ରଖିବେ । ମୁଁ କଂଗ୍ରେସରେ ଏବେ ନଥିବାରୁ ଏ ସମ୍ପର୍କରେ କିଛି କହିବାକୁ ଚାହେଁନି । ସତ୍ୟ ପଥରେ ଗଲେ ଜୀବନ ଘଟଣା ବହୁଳ ହୁଏ । ସତ୍ୟ ପଥରେ ଚାଲୁଥିବା ବ୍ୟକ୍ତିଙ୍କ ତ୍ୟାଗ ଦଳ ପାଇଁ ଭଲ ସମୟ ଆଣି । ସେ ଆହୁରି କହିଛନ୍ତି ଆଗକୁ ରାଜନୀତି ଜାରି ରହିବ, ଏଥିରେ ବିରାମ ନାହିଁ । ସମର୍ଥକ, ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବି । ଆମେ ରାହୁଲଙ୍କୁ ଅନୁସରଣ କରୁଥିଲୁ, ସେ କୁହନ୍ତି କଂଗ୍ରେସ କାହାକୁ ଡରନ୍ତିନି । ତେଣୁ ମୁଁ କାହାକୁ ନ ଡରି ଚିଠି ଲେଖିଲି, କିନ୍ତୁ ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲ । ଯାହା କହିଛି ସେଥିରେ ଅନୁଶୋଚନା ନାହିଁ, ଆଗକୁ କଂଗ୍ରେସ ପାଇଁ ଭଲ ହେବ । ସୂଚନା ଥାଉକି, କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ୍ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୋକିମଙ୍କୁ ବହିଷ୍କୃତ ନେଇ ଏଆଇସିସିକୁ ଚିଠି ଲେଖାଯାଇଥିଲା । ଏଥିରେ ଏଆଇସିସି ମୋହର ମାରିଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଥିବା ଓପିସିସି ପକ୍ଷରୁ ସୂଚନା ଦିଆଯାଇଛି । ମହମ୍ମଦ ମୋକିମଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଛି । ପିସିସି ସଭାପତି ଭକ୍ତ ଦାସଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ କରିଥିଲେ । କଂଗ୍ରେସର ପରିଚାଳନା ନେଇ ଅସନ୍ତୋଷ ପ୍ରକାଶ କରି ଦଳର ନେତ୍ରୀ ସୋନିଆ ଗାନ୍ଧୀଙ୍କ ନିକଟକୁ ଚିଠି ଲେଖିଥିଲେ ମୋକିମ୍ ।

# ଜେଏସଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ନୂତନ ଶ୍ରମ କୋଡ୍‌ଗୁଡ଼ିକ ଉପରେ ସଚେତନତା କାର୍ଯ୍ୟକ୍ରମ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**

ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍, ଓଡ଼ିଶା ମାଇନିଂ ଡିଭିଜନର ନାରାୟଣପୋଷୀ ଲୌହ ଓ ମାଙ୍ଗାନିଜ ଖଣିରେ ନୂତନ ଶ୍ରମ କୋଡ୍ ଗୁଡ଼ିକ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ ଆଇନ ସଂଶୋଧନ ବିଷୟରେ କର୍ମଚାରୀ ମାନଙ୍କର ବୁଝିବା ଶକ୍ତି ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମର ନେତୃତ୍ୱ ଦେଇଥିଲେ ରାଉରକେଲାର ଆଞ୍ଚଳିକ ଶ୍ରମ ଆୟୁକ୍ତ (ମଧ୍ୟ) ଓ ଶ୍ରମ ପ୍ରବଳନ ଅଧିକାରୀ (ମଧ୍ୟ) । ୨୦୦ରୁ ଅଧିକ କର୍ମଚାରୀ, କାର୍ଯ୍ୟକର୍ତ୍ତା ଓ ସଂପୃକ୍ତ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଚାରିଟି ମୁଖ୍ୟ ଶ୍ରମ କୋଡ, ମଜୁରି କୋଡ୍, ସାମାଜିକ ସୁରକ୍ଷା କୋଡ୍, ଶିଳ୍ପ ସମ୍ପର୍କ କୋଡ୍ ଓ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିସ୍ଥିତି କୋଡର ବ୍ୟବହାରିକ ପ୍ରଭାବ ଉପରେ ଗଭୀର ଆଲୋଚନା ହୋଇଥିଲା । ଅଧିକାରୀ ମାନେ ମାନକୀକୃତ ମଜୁରି ସଂଜ୍ଞା, ସମୟମାନ୍ୟ ଦରମା ପ୍ରଦାନ, ବିବାଦ ସମାଧାନ ପ୍ରଣାଳୀ, କର୍ମଚାରୀ ଅଧିକାର ଓ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ କଲ୍ୟାଣ ବିଷୟରେ ଗଭୀର ବ୍ୟାଖ୍ୟା ପ୍ରଦାନ କରିଥିଲେ । ରାଜ୍ୟ ଶ୍ରମ ଆୟୁକ୍ତ ନୂତନ କୋଡ୍‌ଗୁଡ଼ିକୁ ଅନୁସରଣ କରିବାର ଲାଭ ଉପରେ ଆଲୋକପାତ କରିଥିଲେ । ସେହିପରି ଶୀଘ୍ର ଏହି କୋଡ୍‌ଗୁଡ଼ିକ ପ୍ରୟୋଗ ପାଇଁ ନିର୍ଦ୍ଦେଶିକା ଜାରି ହେବ ବୋଲି ଜଣାଇଥିଲେ । କାର୍ଯ୍ୟକ୍ରମରେ ଆବଶ୍ୟକ ଆଇନଗତ ଆବଶ୍ୟକତା ଯଥା ନିଯୁକ୍ତି ପତ୍ର, ପରିଚୟ ପତ୍ର



ଜାରି କରିବା ଓ ନିଯୁକ୍ତି ରେକର୍ଡ ଠିକ୍ ଭାବେ ରଖିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ନାରୀମାନଙ୍କୁ କାର୍ଯ୍ୟସ୍ଥଳରେ ସଶକ୍ତ କରିବା ଓ ଖଣି ଅପରେସନରେ ଇଏସଆଇସିର ଲାଗୁ ହେବା ଭଳି ଶିଳ୍ପ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଷ୍ଟିଲର ଓଡ଼ିଶା ଏଚଆର ମୁଖ୍ୟ ଚିତ୍ତରଞ୍ଜନ ବହିନୀପତି , ନାରାୟଣପୋଷୀ ମାଇନ୍ସ ମ୍ୟାନେଜର ତପନ କୁମାର ରଥ , ପ୍ରକାଶ ହାତି ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏହି ପଦକ୍ଷେପ ମାଧ୍ୟମରେ ଏକ ଅନୁଶାସିତ, ସମାବେଶୀ ଓ କର୍ମଚାରୀ କେନ୍ଦ୍ରିତ କାର୍ଯ୍ୟ ପରିବେଶ ଗଠନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃ ସ୍ଥାପିତ କରିଛି ।

**THE BHAWANIPATNA CENTRAL COOPERATIVE BANK LTD., HEAD OFFICE, BHAWANIPATNA-766001**

**Financing of all type of loans.**

- Financing of crop loans to the farmers through PACS / LAMPCS under the Bank at lower rate of interest both for Khariff and Rabi crops under K.C.C scheme viz. ST crop loan up to 1 lakh in 0% (zero) interest and above 1 lakh and up to 2.5 lakh charging 2% interest.
- Agricultural term loan (ATL) with interest @ 10.75% P.A.
- Gold Loans with Sadar Branch, Bhawanipatna with interest @9% per annum.
- Financing under Animal Resources Development sector, Financing under Horticulture, Farmer Mechanization, Agricultural Development, Agro Services, Financing under Mukshya Mantri Krushi Udyog Yojana through PACS/LAMPCS and directly to individual under farm sector.

**WE PROVIDE FOLLOWING FACILITY:**

- Locker Facility
- Loans against NSC, FD,etc.
- NEFT, IMPS & RTGS facility.
- Procurement of Paddy from the farmers of Kalahandi & Nuapada District through PACS/ LAMPCS.
- Rupay Debit Cards, Rupay Kisan Credit Cards to KCC Holders/Customer.

Our Bank offers the interest rate as per details given below.

| RATE OF INTEREST ON DEPOSITS W.E.F 07.12.2023 | |
|---|---|
| 07 days to 14 days | 3.25% |
| 15 days to 45 days | 3.50% |
| 46 days to 120 days | 4.50% |
| 121 days to 180 days | 5.00% |
| 181 days and above but below one year | 6.25% |
| 01 years and above but less than 02 years | 7.30% |
| 02 years and above but less than 03 years | 7.10% |
| 03 years and above but less than 05 years | 7.00% |
| 05 years and above but less than 08 years | 6.90% |

**NB: - Additional Interest of 0.50% to senior Citizens over & above the rates specified & 1.00% for deposit of Rs.10.00 lakhs & above.**

For more details, please contact our nearest Branch or Head Office
Telephone No: 06670-230426 / 230786 / 230380, Fax No: 06670-230642
Email: dccbkalahandi49@gmail.com, bccbho@bhawanipatnadccb.com

Miss Banalata Dhal
CHIEF EXECUTIVE OFFICER

Sri Girish Chandra Behera
PRESIDENT

ଭୁବନେଶ୍ୱର
୧୬ ଡିସେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହେଲେ ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ହର୍ଷିତ ଦେଓ

ଭୁବନେଶ୍ୱର ୧୫/୧୨ ନ୍ୟୁଜ ବ୍ୟୁରୋ

ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ହର୍ଷିତ ଦେଓ ସୋମବାର ଦିନ ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହୋଇଛନ୍ତି । ଲୋକ ସେବା ଭବନରେ ଆୟୋଜିତ ଆନୁଷ୍ଠାନିକ ନିଯୁକ୍ତି ଉତ୍ସବରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଲେଫ୍ଟନାଣ୍ଟ ହର୍ଷିତ ଦେଓଙ୍କୁ ଏହି ସମ୍ମାନଜନକ ପଦବୀ ପ୍ରଦାନ କରିଛନ୍ତି । ଆଇଏନଏସ୍ ଆଦିତ୍ୟରେ ଡବ୍ଲୁକେଓ (ୱାଚ୍ କିପିଂ ଅଫିସର) ଭାବେ କାର୍ଯ୍ୟ କରିଥିବା ଲେଫ୍ଟନାଣ୍ଟ ଦେଓ ଏହି ନୂଆ ଦାୟିତ୍ୱରେ ଯୋଗ ଦେଇଛନ୍ତି । ଲେଫ୍ଟନାଣ୍ଟ ଦେଓ ପ୍ରତିଷ୍ଠିତ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନଡିଏ)ର ପ୍ରାକ୍ତନ ଛାତ୍ର ଏବଂ ଆପ୍ଲାଇଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି ।



୨୦୨୨ ମେ' ମାସରେ ଆଇଏନଏସ୍ ଦିଲ୍ଲୀରେ ସବ୍-ଲେଫ୍ଟନାଣ୍ଟ (ଆଫ୍ଲୋଟ୍) ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବା ପରେ ଲେଫ୍ଟନାଣ୍ଟ ଦେଓ ଏସଏଲଟି (ଏକ୍ସ) ଟେକ୍ କୋର୍ସ କରିଥିଲେ ଏବଂ ଏହା ପରେ ୨୦୨୩ ଏପ୍ରେଲ ମାସରେ ୱାଚ୍ କିପିଂ ଡ୍ୟୁଟି ପାଇଁ ଆଇଏନଏସ୍ ଆଦିତ୍ୟରେ ନିଯୁକ୍ତ ହୋଇଥିଲେ । ୨୦୨୩ ଡିସେମ୍ବରରେ ସେ ଆଇଏନଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ । ନିଜର କାର୍ଯ୍ୟକାଳ ମଧ୍ୟରେ ଲେଫ୍ଟନାଣ୍ଟ ଦେଓ ଏକାଧିକ ଫ୍ଲିଟ୍ ଡିପ୍ଲୟମେଣ୍ଟ ଏବଂ ଅନ୍ତର୍ଜାତୀୟ ନୌସେନା ଅଭ୍ୟାସରେ ଭାଗ ନେଇ ମୂଲ୍ୟବାନ ଅପରେସନାଲ ଅଭିଜ୍ଞତା ହାସଲ କରିଛନ୍ତି । ଲେଫ୍ଟନାଣ୍ଟ ଦେଓ ଉତ୍ତରାଖଣ୍ଡ ରାଜ୍ୟ ଅଧିନସ୍ଥ ଚମ୍ପାୱତ ଜିଲ୍ଲାର ଲୋହାଘାଟର ସ୍ଥାନୀୟ ବାସିନ୍ଦା ଏବଂ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସରକାରୀ ଶିକ୍ଷକ ନରେଶ ଦେଓଙ୍କ ପୁତ୍ର ଅଟନ୍ତି । ଲେଫ୍ଟନାଣ୍ଟ ଦେଓ ନିଜର ଉତ୍ତମ ଶୈକ୍ଷିକ ପୃଷ୍ଠଭୂମି ଏବଂ ପେଶାଦାର ନୌସେନା ଅଭିଜ୍ଞତା ସହିତ ଏହି ନୂଆ ଦାୟିତ୍ୱରେ ଯୋଗ ଦେଇଛନ୍ତି । ଭାରତୀୟ ନୌସେନା ଏବଂ ରାଜ୍ୟ ପୋଲିସର ଦୁଇ ଜଣ ଏଡିସି ଓଡ଼ିଶା ରାଜ୍ୟପାଳଙ୍କୁ ସହଯୋଗ କରିଥାନ୍ତି ଓ ବର୍ତ୍ତମାନ ରାଜ୍ୟ ପୋଲିସର ଆଇପିଏସ୍ ଅଧିକାରୀ କୁଳଦୀପ ମୀନା ରାଜ୍ୟପାଳଙ୍କ ଅନ୍ୟତମ ଏଡିସି ଭାବେ କାର୍ଯ୍ୟରତ ଅଛନ୍ତି ।

# ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ ପାଇଲେ ମିଳନୀ ଗଳ୍ପ ସମ୍ମାନ



କେନ୍ଦୁଝର, ୧୫/୧୨
ନ୍ୟୁଜ ବ୍ୟୁରୋ

ଗତ ରବିବାର ଦିନ କେନ୍ଦୁଝର ମିଳନୀ ସାହିତ୍ୟ ସଂସଦର ୬୩ ତମ ବାର୍ଷିକ ଉତ୍ସବରେ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କୁ ମିଳନୀ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଛି । ଏହି ଉତ୍ସବଟି ସଂସଦର ସଭାପତି ଡ. ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କବି ସୁଧା ଦାଶ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କବି ଡ. ଚିତ୍ତରଞ୍ଜନ ମିଶ୍ର ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ହିସାବରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି ଏବଂ ମୁଖ୍ୟ ବକ୍ତା ଭାବରେ ଡ. ବେଣୁଧର ପାଢୀ ଯୋଗ ଦେଇଥିଲେ । ଡ. ଅନିଲ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ କବିତା ପାଇଁ ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗଳ୍ପ ପାଇଁ ଲକ୍ଷ୍ମୀ ଚାନ୍ଦ, ପ୍ରବନ୍ଧ ପାଇଁ ଡ. ବେଣୁଧର ପାଢୀ, ଶିଶୁ ସାହିତ୍ୟ ପାଇଁ କମଳାକାନ୍ତ ଜେନା ଏବଂ ବର୍ଷୀୟାନ୍ ସାହିତ୍ୟିକ ହିସାବରେ ଘନଶ୍ୟାମ ବୋଇତାଇ ସମ୍ବର୍ଦ୍ଧିତ ହୋଇଥିଲେ । ଦ୍ୱିତୀୟ ଅଧିବେଶନରେ ଶତାଧିକ କବି ସେମାନଙ୍କ କବିତା ପାଠ କରିଥିଲେ । ।



ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ୬ଟାରେ ମୁମ୍ବାଇର ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ ସ୍ଥିତ ଜିଓ ୱାର୍ଲ୍ଡ ପ୍ଲାଜା ପରିସରରେ ବିଖ୍ୟାତ କ୍ରିକେଟର ରୋହିତ ଶର୍ମାଙ୍କ ଫଟୋ ଉତ୍ତୋଳନ କରିବାର ସୁଯୋଗ ମିଳିଥିଲା । 'ସମ୍ବାଦ କଳିକା' ପକ୍ଷରୁ ଏହି ଫଟୋ ଉତ୍ତୋଳନ କରିବା ବେଳେ ଭାରତର ପୂର୍ବତନ କ୍ରିକେଟ କ୍ୟାପ୍ଟେନ୍ ତଥା ବର୍ତ୍ତମାନର ଏକ ଦିବସୀୟ କ୍ରିକେଟ ଖେଳୁଥିବା ଶ୍ରୀ ଶର୍ମା ସ୍ମିତହାସ୍ୟ ସହ ଦୁଇ ଆଙ୍ଗୁଳି ପ୍ରଦର୍ଶନ ପୂର୍ବକ ବିଜୟ ସୂଚକ ପୋଜ୍ ଦେଖାଇଥିଲେ । ତାଙ୍କ ସହିତ ତାଙ୍କ ପତ୍ନୀ ରିତିକା ସାଜ୍‌ବେହ ମଧ୍ୟ ଫଟୋ ପୋଜ୍ ଦେଇଥିଲେ । (ଫଟୋ : ସମ୍ବାଦ କଳିକା)

## ବାଗବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ଉଦ୍‌ଯାପନୀ ଉତ୍ସବ

# ଗୁରୁ-ଶିଷ୍ୟର ପରମ୍ପରାକୁ ସବୁବେଳେ ବଜାୟ ରଖିବାକୁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ

ବରପାଲି, ୧୫/୧୨
ନ୍ୟୁଜ ବ୍ୟୁରୋ




ଶିକ୍ଷକମାନେ ଗୁରୁ ହେବାକୁ ଅନୁରୋଧ ଏ ପରି ଅଭିଭାଷଣ ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସଭାପତି ପ୍ରମୋଦ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୋମବାର ବରଗଡ ଜିଲ୍ଲା ବରପାଲି ବ୍ଲକ ବାଗବାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିବା ସହିତ ଗୁରୁ ଶିଷ୍ୟର ପରମ୍ପରାକୁ ସବୁବେଳେ ବଜାୟ ରଖିବା ଦରକାର ଏବଂ ୧୦୦ ବର୍ଷର ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଛାତ୍ରଛାତ୍ରୀମାନେ ଶିକ୍ଷିତର ପରିଚୟ ସୃଷ୍ଟି କରି ଶତବାର୍ଷିକୀ ପାଳନ କରୁଛନ୍ତି । ସେଥିରୁ ଆଉ ବଡ ଉଦାହରଣ କ'ଣ ହୋଇପାରେ ବୋଲି ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ତହସିଲଦାର ରୁକ୍ମଣ ମେହେର, ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲ୍ଲାପରିଷଦ ସଭ୍ୟ ଗୋବିନ୍ଦ ସାହୁ, ବିଡ଼ିଓ ସୁମନ୍ତ କୁମାର, ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାର, ବାଗବାଡି ପଞ୍ଚାୟତ ସରପଞ୍ଚ ସୁଷମା ଭୋଇ, କନବାର ସରପଞ୍ଚ ଅଧିକାରୀ ବାରିକ, ସମିତି ସଭ୍ୟା ଚତୁରୀ ମେହେର ଯୋଗଦାନ କରିଥିବା ବେଳେ ଅତିଥିମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟ ଶଙ୍କର ନାୟକ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏବଂ ସଭାକୁ ସଂଯୋଜନା କରିଥିଲେ ଗୋବିନ୍ଦ ବାରିକ ଓ ଆନନ୍ଦ ବାରିକ । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# +୨ ପିଲାଙ୍କ ପାଇଁ ବଡ଼ ଖୁସି ଖବର : ୧୮ ଡିସେମ୍ବର ଯାଏଁ କରିପାରିବେ ଫର୍ମ ପୂରଣ

ଭୁବନେଶ୍ୱର, ୧୫/୧୨ ନ୍ୟୁଜ ବ୍ୟୁରୋ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସ୍‌ଇ) ପକ୍ଷରୁ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି କରାଯାଇଛି । ଯେଉଁ ଛାତ୍ରଛାତ୍ରୀମାନେ କୌଣସି ଅନିବାର୍ଯ୍ୟ କାରଣରୁ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରି ନାହାନ୍ତି, ସେମାନଙ୍କୁ ପରିଷଦ ପକ୍ଷରୁ ଶେଷ ସୁଯୋଗ ପ୍ରଦାନ କରାଯାଇଛି । ଏଭଳି ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧୮ ତାରିଖ ସୁଦ୍ଧା ଫର୍ମ ପୂରଣ କରିପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି । ଫର୍ମ ପୂରଣ ତାରିଖ ବୃଦ୍ଧି ହେବା କାରଣରୁ ଆଡମିଟ କାର୍ଡ ମିଳିବା ତାରିଖରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ପୂର୍ବ ନିର୍ଦ୍ଧାରିତ ସୂଚୀ ବଦଳରେ ଏବେ ଡିସେମ୍ବର ୧୯ ତାରିଖରେ ଆଡମିଟ କାର୍ଡ ଉପଲବ୍ଧ ହେବ । ତେବେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପରିଷଦ ପକ୍ଷରୁ ନିୟମ କୋହଳ କରାଯାଇଛି । ବିନା ଆଡମିଟ କାର୍ଡରେ ମଧ୍ୟ ପିଲାମାନେ ଇଣ୍ଟରନାଲ ପରୀକ୍ଷା ଦେଇପାରିବେ । କେବଳ ରେଜିଷ୍ଟ୍ରେସନ ନମ୍ବର ଆଧାରରେ ଇଣ୍ଟରନାଲ ପରୀକ୍ଷା ଦେବାକୁ ଅନୁମତି ମିଳିବ ।

## ମେଘନାଦ ପାଚେରୀରେ ଫାଟ ସମସ୍ୟା : ଆଜି ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୫/୧୨
ନ୍ୟୁଜ ବ୍ୟୁରୋ

ପୁରୀ ମେଘନାଦ ପାଚେରୀରେ ଫାଟ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ମେଘନାଦ ପାଚେରୀ ସମସ୍ୟା ପୁରୁଣା । ଏହାର ସମ୍ପୂର୍ଣ୍ଣ ରୂପେ ନିରାକରଣ ହୋଇନି । ସେ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସଆଇକୁ ଚିଠି ଲେଖାଯାଇଛି । ମଙ୍ଗଳବାର ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । କ'ଣ ପଦକ୍ଷେପ ନିଆଯାଇଛି, ତାହା ଦେଖାଯିବ । ଆବଶ୍ୟକ ପଡ଼ିଲେ ଦିଲ୍ଲୀର ଏଏସଆଇର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯିବ । ଆଇନ ମନ୍ତ୍ରୀ ପୁଣି କହିଛନ୍ତି ଯେ, ମେଘନାଦ ପାଚେରୀରେ ଯେଉଁଠି ଫାଟ ଥିଲା ତାକୁ ଅନୁଧ୍ୟାନ କରି ମରାମତି କରାଯାଇଥିଲା । ପୁଣି ଥରେ ନିରୀକ୍ଷଣ କରିବା ପରେ ତାହା ପୂରଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ପାଚେରୀରେ ସଂରକ୍ଷଣ କାମ କରାଯିବ । ପଥର ବଦଳ କରାଯାଇ ପାରିବ କି ନାହିଁ ସେନେଇ ଟିକିନିଖି ନିରୀକ୍ଷଣ କରିବାକୁ ଏଏସଆଇକୁ ଚିଠି ଲେଖାଯାଇଛି ।

# ତୀର୍ଥଯାତ୍ରାରେ ଗଲେ ୭୭୫ ବରିଷ୍ଠ ନାଗରିକ : ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ




ରାୟଗଡା ୧୫/୧୨
ନ୍ୟୁଜ ବ୍ୟୁରୋ

ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି ୭୭୫ ଜଣ ବରିଷ୍ଠ ନାଗରିକ । ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ସୋମବାର ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱର ଓ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ଉପ ମୁଖ୍ୟମନ୍ତ୍ରୀ ।

ପରିଣତ ବୟସରେ ବରିଷ୍ଠ ନାଗରିକଙ୍କୁ ଏହି ଯାତ୍ରା ଧାର୍ମିକ ସହାୟତା ପ୍ରଦାନ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ବୋଲି ଶ୍ରୀମତୀ ପରିଡା କହିଛନ୍ତି । ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯିବାରୁ ବଞ୍ଚିତ ରହୁଥିଲେ । ତାହା ଦୂରେଇବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେସନ ଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଏସ୍‌ପି ସ୍ୱାତୀ ଏସ. କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତିନାହିଁ । ତାହା ଦୂରେଇବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗ ତରଫରୁ କୁହାଯାଇଛି । ଚଳିତ ଥର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଏସକର୍ଟ ଅଫିସର ମିଶି ମୋଟ ୮୦୦ ଜଣ ଯାତ୍ରାର ସୁଯୋଗ ପାଇଛନ୍ତି । ଏହି ଯାତ୍ରା ବେଳେ ତୀର୍ଥଯାତ୍ରୀମାନଙ୍କ ସମସ୍ତ ସୁବିଧା ରାଜ୍ୟ ସରକାର ବହନ କରିଥାନ୍ତି । ତୀର୍ଥଯାତ୍ରୀମାନଙ୍କ ରହିବା, ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଜଗୁଆଳୀ, ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚଳିତବର୍ଷ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥିରେ ରାୟଗଡା ଠାରୁ ରାମେଶ୍ୱର ଓ ମଦୁରାଇ ଭ୍ରମଣ ସ୍ଥିର କରାଯାଇଥିଲା । ଏଥିରେ ରାୟଗଡା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣ, ନବରଙ୍ଗପୁର ୧୪୮ଜଣ, ମାଲକାନଗିରିର ୭୫, ନୂଆପଡା ଜିଲ୍ଲାର ୭୪ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି । ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସଂଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା ।

# ପ୍ରଣବ ବଳବନ୍ତରାୟଙ୍କ ଘରେ ଆକ୍ରମଣ ଘଟଣା: କାର୍ଯ୍ୟାନୁଷ୍ଠାନ ଦାବି କଲେ ନବୀନ

ଭୁବନେଶ୍ୱର/ଧର୍ମଶାଳା, ୧୫/୧୨ ନ୍ୟୁଜ ବ୍ୟୁରୋ



ଶାନ୍ତ ଧର୍ମଶାଳା ପୁଣି କିଛିମାସର ନିରବତା ପରେ ଅଶାନ୍ତ ହୋଇପଡ଼ିଛି । ଦୁଇଦଳର କର୍ମୀଙ୍କ ଭିତରେ ଆକ୍ରୋଶ ଏବେ ଆକ୍ରମଣର ରୂପ ନେଇଛି । ଗତ ରବିବାର ଦୁଇଦଳର କର୍ମୀଙ୍କ ଭିତରେ ଘଟିଥିବା ସଂଘର୍ଷ ରାଜନୈତିକ ବିବାଦକୁ ତେଜିୟାନ୍ କରିଦେଇଛି । ଟେକାପଥର ମାଡ଼ ଏବଂ ହାତାହାତି ଘଟଣାରେ ଉଭୟ ଦଳର ପ୍ରାୟ ୬ଜଣ ଆହତ ହୋଇଥିବା ଜଣାପଡ଼ିଛି । ଆକ୍ରୋଶରୁ ଆକ୍ରମଣକୁ ନେଇ ଦୁଇଦଳର ନେତା ମୁହାଁମୁହିଁ ହୋଇଛନ୍ତି । ବିଜେଡିର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଗଣ୍ଡଗୋଳ ପାଇଁ ବିଜେପି କର୍ମୀଙ୍କୁ ଦାୟୀ କରୁଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଜେଡି କର୍ମୀଙ୍କୁ ଆକ୍ରମଣକାରୀ ବୋଲି ସିଧାସଳଖ ଟାର୍ଗେଟ୍ କରିଛନ୍ତି । ବିଜେଡି ସ୍ଥାନୀୟ ପୁଲିସ ଉପରୁ ଭରସା ତୁଟାଇ ଏସ୍‌ପି ଏବଂ ଡିଜିପିଙ୍କ ହସ୍ତକ୍ଷେପ ଲୋଡ଼ିଥିବା ବେଳେ ବିଜେପି କର୍ମୀ ଜେନାପୁର ଥାନାରେ ଏତଲା ଦେଇଛନ୍ତି । ଘଟଣାକୁ ନେଇ ଧର୍ମଶାଳା ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏବଂ ତାଙ୍କ ସମର୍ଥକମାନେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଗିରଫ ଦାବିରେ ଭୁବନେଶ୍ୱର କମିଶନରେଟ୍ ପୁଲିସ ମୁଖ୍ୟାଳୟ (ଡିଜି କ୍ୟାମ୍ପ୍ ଅଫିସ୍) ଆଗରେ ରାତି ସାରା ଧାରଣାରେ ବସିଥିଲେ । ପ୍ରଣବ କହିଥିଲେ, ଧର୍ମଶାଳାରେ ସ୍ଥାନୀୟ ବିଧାୟକ ଅରାଜକତା ସୃଷ୍ଟି କରିଛନ୍ତି । ପୂର୍ବରୁ ମୋତେ ଓ ମୋ ସମର୍ଥକମାନଙ୍କୁ ଆକ୍ରମଣ କରାଯାଇଥିଲା । ପରେ ସେମାନେ ଘରେ ପଶି ମୋ ସମର୍ଥକମାନଙ୍କୁ ଆକ୍ରମଣ କରିଛନ୍ତି । ଜିଲ୍ଲା ପୁଲିସ ଉପରେ ଆମର ଭରସା ନାହିଁ । ସେଥିପାଇଁ ଡିଜିଙ୍କୁ ଭେଟିବାକୁ ଆସିଛୁ । ଯେ ପର୍ଯ୍ୟନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଯିବ ଆମେ ଏହି ଧାରଣା ଜାରି ରଖିବୁ । ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଲିସ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବ । ମାତ୍ର ତାହା ପାଳନ କରାଯାଉନି ବୋଲି ପ୍ରଣବ ଅଭିଯୋଗ କରିଛନ୍ତି । ଧାରଣାରେ ବିଜେଡି ନେତା ଅରୁଣ ସାହୁ, ପ୍ରମିଳା ମଲ୍ଲିକ, ଅଂଶୁମାନ ମହାନ୍ତି, ସୁଶାନ୍ତ ରାଉତ, ସମ୍ବିତ ରାଉତରାୟ, ଚିନ୍ମୟ ସାହୁ, ଇପସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ବିଜେଡି ସୋସିଆଲ ମିଡିଆ ଟିମ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଜେନାପୁର ଥାନା ଗଡ଼ମଧୁପୁରସ୍ଥିତ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସରେ ଚାଲିଥିଲା । କିଛି ଯୁବକ ଫାର୍ମହାଉସ ଭିତରେ ଚାଲିଥିବା ବନ୍ଧୁମିଳନ ଉତ୍ସବକୁ ଟାର୍ଗେଟ୍ କରି ଟେକାପଥର ମାଡ଼ କରିବା ସହ ଗେଟ୍ ଖୋଲି ଧସେଇ ପଶି ବିଜେଡି କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ ବୋଲି ବିଜେଡି ଅଭିଯୋଗ କରିଛି । ଏହି ଆକ୍ରମଣରେ ସୁବ୍ରତ ଧଳ, ଆଲୋକ ବେହେରା, ପ୍ରଦୋଷ ଆର୍ଯ୍ୟାନ ନାୟକ, ମନୋଜ ସାହୁ ଓ ଇନ୍ଦ୍ରଜିତ ତରାଇ ଗୁରୁତର ଆହତ ହୋଇଥିଲେ । ଖବର ପାଇ ପୂର୍ବତନ ବିଧାୟକ ଶ୍ରୀ ବଳବନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଜେନାପୁର ପୁଲିସ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୁରୁତର ଆହତଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି । ବିଜେଡି ପକ୍ଷରୁ ଏନେଇ ଯାଜପୁର ଏସ୍‌ପି ଓ ଡିଜିଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷେ ବିଜେପି କର୍ମୀ ସୁନୀଲ ପଣ୍ଡା ମଧ୍ୟ ବିଜେଡି କର୍ମୀଙ୍କ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ସୁନୀଲ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେବା ସହିତ ଜେନାପୁର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି । ଯାଜପୁରରୋଡ୍ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଓ ଜେନାପୁର ଥାନାଧିକାରୀ ନିରୁପମା ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଅପରପକ୍ଷେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଆକ୍ରମଣ ପଛରେ ବିଜେଡି କର୍ମୀଙ୍କ ଭୂମିକାକୁ ଦାୟୀ କରିଛନ୍ତି । ସେପଟେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଘରେ ଭଙ୍ଗାରୁଜା ଘଟଣାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦୃଢ଼ ନିନ୍ଦା କରିଛନ୍ତି । ରାଜ୍ୟରେ ଅରାଜକତା ଓ ଗୁଣ୍ଡାରାଜକୁ ପ୍ରଶ୍ରୟ ମିଳୁଛି ଓଡ଼ିଶାବାସୀ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି । ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଣବ ବଳବନ୍ତରାୟଙ୍କ ଘରେ କିଛି ଲୋକ ଭଙ୍ଗାରୁଜା କରିଥିଲେ । ଏହାସହ କିଛି ସମର୍ଥକଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ । ଯେଉଁଥିରେ ଅନେକ ଲୋକ ଗୁରୁତର ହୋଇଥିଲେ । ଏବେ ଏହି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ 'ଏକ୍ସ'ରେ କହିଛନ୍ତି ଯେ, ଦିନ ଦ୍ୱିପହରେ ଏହି ଘଟଣା ଘଟିଥିଲା । ତଥାପି ପୋଲିସ ପ୍ରଶାସନ ତଥା ସରକାର ପୁରା ନିବରଦ୍ରଷ୍ଟା ସାଜିଛନ୍ତି । ବର୍ତ୍ତମାନ ଯାଏଁ ପୁଲିସ ଘଟଣାରେ କୌଣସି ଆକ୍ସନ ନନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ରାଜ୍ୟରେ ଅରାଜକତା ଓ ଗୁଣ୍ଡାରାଜକୁ ପ୍ରଶ୍ରୟ ଦେଇ ବିଜେପି ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି ? ଶାନ୍ତିପ୍ରିୟ ଓଡ଼ିଶାବାସୀ ଏହାକୁ କଦାପି ଗ୍ରହଣ କରିବେ ନାହିଁ । ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି ।

## ଧର୍ମଶାଳା ଘଟଣାରେ ଆଇନ ମନ୍ତ୍ରୀଙ୍କ ପ୍ରତିକ୍ରିୟା

## 'ରାଜନୀତିକରଣ କରିବା ଆବଶ୍ୟକ ନାହିଁ, ପୁଲିସ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନେବ'

ଭୁବନେଶ୍ୱର, ୧୫/୧୨ ନ୍ୟୁଜ ବ୍ୟୁରୋ

ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଘରେ ପଶି ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି । ଏନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟାହତ ଅଭିଯୋଗକୁ ଏଡ଼ାଇ ଆଇନ ମନ୍ତ୍ରୀ କହିଛନ୍ତି ଯେ, ଧର୍ମଶାଳା ଘଟଣାକୁ ରାଜନୀତିକରଣ କରିବା ଆବଶ୍ୟକ ନାହିଁ । ପୁଲିସ ଚାପଗ୍ରସ୍ତ ନହୋଇ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ନିଜର ରାଜନୈତିକ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଯେ କେହିବି ଆନ୍ଦୋଳନ କରିପାରନ୍ତି । ଧର୍ମଶାଳାର ପୂର୍ବତନ ବିଧାୟକ ଯେଉଁ ପ୍ରସଙ୍ଗ ଉଠାଉଛନ୍ତି, ସେ ବାବଦରେ ପୁଲିସ ଯଥୋଚିତ କାମ କରିବ । ରାଜ୍ୟରେ ଯେଉଁଠି ଆଇନ ଶୃଙ୍ଖଳା ବ୍ୟାହତ ହେଉଛି, ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଦୋଷୀଙ୍କୁ ଗିରଫ କରାଯାଉଛି ।


